R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୯
ତିଥି : ଚତୁର୍ଥୀ
୦୫ ମେ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 209
05 May 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବିଜେପିର ବଙ୍ଗ ଦଖଲ

ନୂଆଦିଲ୍ଲୀ, ୪।୫ : ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ପଶ୍ଚିମବଙ୍ଗକୁ ବିଜେପି ଦଖଲ କରିଛି। ୨୦୨୧ରେ ଦୁଇ ଅଙ୍କ ଆସନରେ ସୀମିତ ଥିବା ବିଜେପି ଏଥର ୨୦୫ ଅଧିକ ଆସନ ପାଇବ ବୋଲି ଆକଳନ ହୋଇଛି। ୧୫ ବର୍ଷ ଧରି କ୍ଷମତାସୀନ ଥିବା ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସକୁ ୮୨ଟି ଆସନ ମିଳିବ (୯ ପୃଷ୍ଠାରେ)

- ମମତାଙ୍କୁ ଜୋର୍‌ଦାର ଝଟ୍‌କା
- ତିନି ଅଙ୍କ ଛୁଇଁ ପାରିଲାନି ଟିଏମ୍‌ସି
- ପ.ବଙ୍ଗରେ ଖାତା ଖୋଲିଲା କଂଗ୍ରେସ
- ଆସାମରେ ହିମନ୍ତଙ୍କ ହାଟ୍ରିକ୍ ବିଜୟ
- ପୁଡୁଚେରୀରେ ବିଜେପି ମେଣ୍ଟ ଜିତିଲା
- ଆଜିର ଦିନ ଐତିହାସିକ : ମୋଦୀ

| ପଶ୍ଚିମବଙ୍ଗ | |
|---|---|
| ଟିଏମ୍‌ସି | ୭୯ |
| ବିଜେପି | ୨୦୮ |
| କଂଗ୍ରେସ | ୦୨ |
| ବାମପନ୍ଥୀ | ୦୨ |
| ଅନ୍ୟାନ୍ୟ | ୦୨ |

| ଆସାମ | |
|---|---|
| ବିଜେପି ମେଣ୍ଟ | ୧୦୨ |
| କଂଗ୍ରେସ ମେଣ୍ଟ | ୨୧ |
| ଅନ୍ୟାନ୍ୟ | ୦.୩ |

| ପୁଡୁଚେରୀ | |
|---|---|
| ବିଜେପି ମେଣ୍ଟ | ୧୮ |
| କଂଗ୍ରେସ ମେଣ୍ଟ | ୦୬ |
| ଅନ୍ୟାନ୍ୟ | ୦୬ |



## ଭବାନୀପୁରରୁ ହାରିଲେ ମମତା



ନୂଆଦିଲ୍ଲୀ, ୪।୫ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ଝଟ୍‌କା ପରେ ଝଟ୍‌କା ଲାଗିଛି। ପଶ୍ଚିମବଙ୍ଗରୁ ଦଳ କ୍ଷମତାଚ୍ୟୁତ ହୋଇଥିବାବେଳେ ମମତା ଭବାନୀପୁର ବିଧାନସଭା ଆସନରୁ ୧୫ ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ହାରି ଯାଇଛନ୍ତି। ମମତାଙ୍କ ବିରୋଧରେ ବିଜେପିର ଶୁଭେନ୍ଦୁ ଅଧିକାରୀ ପ୍ରାର୍ଥୀ ହୋଇଥିଲେ। ଶୁଭେନ୍ଦୁ ଅଧିକାରୀଙ୍କୁ ୭୩ ହଜାର ୯୧୭ ଭୋଟ୍ ମିଳିଥିବାବେଳେ ମମତାଙ୍କୁ ୫୮ ହଜାର ୮୧୨ ଭୋଟ୍ ମିଳିଥିଲା। ଭୋଟ୍ ଗଣତି ଆରମ୍ଭରୁ ମମତା ଆଗରେ ଥିଲେ। ହେଲେ ଶେଷ ୩-୪ ରାଉଣ୍ଡ ଗଣତିରେ ମମତା ୧୫ ହଜାର ଭୋଟ୍‌ରେ ହାରିଯାଇଛନ୍ତି। ଶୁଭେନ୍ଦୁ ଏକଦା ମମତାଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଗତ ୨୦୨୧ ନିର୍ବାଚନରେ ନନ୍ଦୀ ଗ୍ରାମରେ ମମତାଙ୍କୁ ଶୁଭେନ୍ଦୁ ହରାଇଥିଲେ। ଏଥର ଶୁଭେନ୍ଦୁ ଉଭୟେ ନନ୍ଦୀଗ୍ରାମ ଓ ଭବାନୀପୁରରେ ପ୍ରାର୍ଥୀ ହୋଇଥିଲେ। ଦୁଇଟି ଆସନରେ ସେ ବିଜୟ ଲାଭ କରିଛନ୍ତି।

# କେରଳମ୍‌ରେ କଂଗ୍ରେସ ମେଣ୍ଟ ବିଜୟୀ

ନୂଆଦିଲ୍ଲୀ, ୪।୫ (ସବ୍ୟୁ) : କେରଳମ୍‌ରେ କ୍ଷମତା ପରିବର୍ତ୍ତନ ହୋଇଛି। ଏଲ୍‌ଡିଏଫ୍ ମେଣ୍ଟକୁ କ୍ଷମତାଚ୍ୟୁତ କରି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ମେଣ୍ଟ କ୍ଷମତାକୁ ଫେରିବା ସ୍ପଷ୍ଟ ହୋଇଛି। ୟୁଡିଏଫ୍‌କୁ ୯୯ ଆସନ ମିଳିଥିବାବେଳେ ଏଲ୍‌ଡିଏଫ୍‌କୁ ୩୫ ଆସନ ମିଳିଛି। ତେବେ ବିଜେପି ମେଣ୍ଟକୁ ୩ ଆସନ ମିଳିଥିବାବେଳେ ଅନ୍ୟମାନେ ୩ ଆସନ ପାଇଛନ୍ତି। ଭୋଟ୍ ଗଣତି ଫଳାଫଳ ପରେ କେରଳ ମୁଖ୍ୟମନ୍ତ୍ରୀ ପି ବିଜୟନ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ପରବର୍ତ୍ତୀ ସରକାର ଗଠନ ପର୍ଯ୍ୟନ୍ତ କ୍ଷମତାରେ ରହିବାକୁ ରାଜ୍ୟପାଳ ତାଙ୍କୁ ଅନୁରୋଧ କରିଛନ୍ତି। କେରଳରେ ୟୁଡିଏଫ୍‌ର ବିଜୟ ପରେ ଦେଶରେ ଥିବା ଶେଷ ବାମପନ୍ଥୀ ସରକାରର ପତନ ଘଟିଛି। (୯ ପୃଷ୍ଠାରେ)

| କେରଳମ୍ | |
|---|---|
| ଏଲ୍‌ଡିଏଫ୍ | ୩୫ |
| ୟୁଡିଏଫ୍ | ୯୯ |
| ବିଜେପି | ୦୩ |
| ଅନ୍ୟାନ୍ୟ | ୦୩ |

# ତାମିଲନାଡୁରେ ଆଗରେ ଟିଭିକେ

| ତାମିଲନାଡୁ | |
|---|---|
| ଡିଏମ୍‌କେ ମେଣ୍ଟ | ୭୪ |
| ଏଆଇଏଡିଏମ୍‌କେ ମେଣ୍ଟ | ୫୩ |
| ଟିଭିକେ | ୧୦୭ |

ନୂଆଦିଲ୍ଲୀ, ୪।୫ : ତାମିଲନାଡୁର ବିଧାନସଭା ଫଳାଫଳ ସମସ୍ତଙ୍କୁ ଚକିତ କରିଛି। ୨୩୪ ଆସନ ବିଶିଷ୍ଟ ଏହି ରାଜ୍ୟରେ ନୂଆକରି ଦକ୍ଷିଣ ଭାରତର ଚଳଚ୍ଚିତ୍ର ଅଭିନେତା ବିଜୟଙ୍କ ଦଳ (ତାମିଲଗା ଭେଟ୍ରି କାଜାଗମ୍ ଟିଭିକେ) ବାଜିମାତ୍ କରିଛି। ସଂଖ୍ୟା ଦୃଷ୍ଟିରୁ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେକୁ ୧୦୭ ଆସନ ମିଳିଥିଲେ ସୁଦ୍ଧା ସେ ସଂଖ୍ୟା ଗରିଷ୍ଠତା ହାସଲ କରିବାରୁ ଦୂରରେ ଅଛନ୍ତି। ତାମିଲନାଡୁରେ ସରକାର ଗଠନ ପାଇଁ ୧୧୮ ଆସନ ଜିତିବା ଆବଶ୍ୟକତା ରହିଛି। ତେବେ ଟିଭିକେ ଅନ୍ୟ କେଉଁ ଦଳର ସହଯୋଗରେ ସରକାର (୯ ପୃଷ୍ଠାରେ)




# ବିଶ୍ୱ ଆଜ୍‌ମା ଦିବସ



ପ୍ରତିବର୍ଷ ମେ ମାସର ପ୍ରଥମ ମଙ୍ଗଳବାର ଦିନ ସମଗ୍ର ବିଶ୍ୱରେ 'ବିଶ୍ୱ ଆଜ୍‌ମା ଦିବସ' ପାଳନ କରାଯାଇଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଜ୍‌ମା ବା ଶ୍ୱାସ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା । ଏହାସହ ଏହାର ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବା । ୧୯୯୮ ମସିହାରେ ସ୍ପେନ୍‌ର ବାର୍ସିଲୋନାରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଆଜ୍‌ମା ବୈଠକ ଅବସରରେ 'ଗ୍ଲୋବାଲ୍ ଇନିସିଏଟିଭ୍ ଫର ଆଜ୍‌ମା' ଦ୍ୱାରା ଏହା ପ୍ରଥମ କରି ଆୟୋଜିତ ହୋଇଥିଲା । ଏହି ଦିବସର ମହତ୍ତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ରୋଗୀଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ଉତ୍ସାହିତ କରିବା ସହ ସମାଜରେ ଏହି ରୋଗକୁ ନେଇ ରହିଥିବା ଭ୍ରାନ୍ତ ଧାରଣାକୁ ଦୂର କରିବାରେ ସାହାଯ୍ୟ କରିଥାଏ । ବିଶ୍ୱବ୍ୟାପୀ ଏହି ଦିନ ବିଭିନ୍ନ ସ୍ୱାସ୍ଥ୍ୟ ଶିବିର, ସେମିନାର ଏବଂ ସଚେତନତା ରାଲି ମାଧ୍ୟମରେ ରୋଗୀଙ୍କୁ ନିଶ୍ୱାସ ନେବା ପାଇଁ ବ୍ୟବହୃତ ଇନହେଲରର ସଠିକ୍ ବ୍ୟବହାର ଏବଂ ପ୍ରଦୂଷଣରୁ ରକ୍ଷା ପାଇବାର ଉପାୟ ବିଷୟରେ ଶିକ୍ଷା ଦିଆଯାଇଥାଏ` ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ଆଜ୍‌ମା ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଥିବାବେଳେ, ଏହି ସାମୂହିକ ପ୍ରୟାସ ଦ୍ୱାରା ଲକ୍ଷ ଲକ୍ଷ ଲୋକ ନିଜର ଶ୍ୱାସକ୍ରିୟାକୁ ସହଜ କରିବା ସହ ରୋଗକୁ ନିୟନ୍ତ୍ରଣ କରିବାର ସାହସ ପାଉଛନ୍ତି ।

# ପରୀକ୍ଷା କରୁଛନ୍ତି ଆଲିଆ



ଆଲିଆ ଭଟ୍ଟ ବର୍ତ୍ତମାନ ତାଙ୍କ କ୍ୟାରିୟରର ଏକ ଅତ୍ୟନ୍ତ ବ୍ୟସ୍ତବହୁଳ ଏବଂ ଗୁରୁତ୍ୱ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି । ଗୋଟିଏ ପରେ ଗୋଟିଏ ବଡ଼ ପ୍ରୋଜେକ୍ଟ ମଧ୍ୟରେ ଏବେ ତାଙ୍କ ନାମରେ ଆଉ ଏକ ସରପ୍ରାଇଜ୍ ପ୍ରୋଜେକ୍ଟ ଯୋଡ଼ି ହୋଇଯାଇଛି । ସୂଚନା ଅନୁଯାୟୀ, ସେ କଲ୍ଟ କ୍ଲାସିକ ଚଳଚ୍ଚିତ୍ର 'ତୁମ୍ବାଡ୍'ର ସିକ୍ୱେଲ 'ତୁମ୍ବାଡ୍ ୨'ରେ ଏକ ବିଶେଷ ଭୂମିକାରେ ନଜର ଆସିବାକୁ ଯାଉଛନ୍ତି । ତେବେ ଏହି ଚରିତ୍ରଟି ଏକ କ୍ୟାମିଓ ବୋଲି ଆଲୋଚନା ହେଉଛି । ହେଲେ କାହାଣୀରେ ଏହି ଚରିତ୍ରର ଗୁରୁତ୍ୱ ଖୁବ ଅଧିକ ରହିଛି । ନିକଟରେ ଆଲିଆ ମୁମ୍ବାଇର ମଡ୍ ଆଇଲ୍ୟାଣ୍ଡରେ ଦୁଇ ଦିନିଆ ସୁଟିଂ ଶେଷ କରିଛନ୍ତି । ଅନ୍ୟପଟେ, ସଞ୍ଜୟ ଲୀଲା ଭାନସାଲୀଙ୍କ ଆଗାମୀ ଚଳଚ୍ଚିତ୍ର 'ଲଭ୍ ଆଣ୍ଡ ୱାର୍'ରେ ଆଲିଆଙ୍କ ସହ ରଣବୀର କପୁର ଏବଂ ଭିକି କୌଶଳ ନଜର ଆସିବେ । ଏହି ଚଳଚ୍ଚିତ୍ରରେ ଆଲିଆ ଜଣେ ସୈନିକ ଭୂମିକାରେ ଅଭିନୟ କରୁଛନ୍ତି । ତାଙ୍କ କ୍ୟାରିୟରରେ ପ୍ରଥମ ଥର ପାଇଁ ସେ ଯୁଦ୍ଧ ପୃଷ୍ଠଭୂମି ଉପରେ ଆଧାରିତ ଏଭଳି ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିବେ । ବର୍ତ୍ତମାନ ମୁମ୍ବାଇରେ ଏହାର ସୁଟିଂ ଚାଲିଥିବାନେଇ ସୂଚନା ରହିଛି, ପୂର୍ବରୁ ଏହାର ସୁଟିଂ ଇଟାଲୀରେ ହେବାନେଇ ଯୋଜନା ରହିଥିଲା । ଆଲିଆ ବର୍ତ୍ତମାନ ନିଜ କ୍ୟାରିୟରକୁ ନେଇ ଏକ୍ସପେରିମେଣ୍ଟ କରୁଥିବାରୁ ତାଙ୍କ ଫ୍ୟାନମାନେ ଖୁବ ଖୁସି ଅଛନ୍ତି ।

# ଶୋଇବା ପ୍ରତିଯୋଗିତା



ଦକ୍ଷିଣ କୋରିଆର ରାଜଧାନୀ ସିଓଲରେ ଏକ ଅତି ଅଜବ ତଥା ନିଆରା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି, ଯେଉଁଠାରେ ଲୋକମାନେ କେବଳ ଶୋଇବା ପାଇଁ ଏକତ୍ରିତ ହୋଇଥିଲେ । ସିଓଲ ମେଟ୍ରୋପଲିଟନ୍ ପ୍ରଶାସନ ପକ୍ଷରୁ ଏହି 'ପାୱାର୍ ନାପ୍ କଣ୍ଟେଷ୍ଟ' ଆୟୋଜନ କରାଯାଇଥିଲା । ଏଥିରେ ଅଂଶଗ୍ରହଣ କରିବା ପାଇଁ କିଛି ଖାସ୍ ସର୍ତ୍ତ ରଖାଯାଇଥିଲା, ଯେପରିକି ପ୍ରତିଯୋଗୀମାନେ ପେଟ ଭରି ଖାଇଥିବେ, ଥକି ଯାଇଥିବେ ଏବଂ ଶୋଇବା ସମୟରେ ପିନ୍ଧୁଥିବା ଆରାମଦାୟକ ପୋଷାକରେ ଆସିଥିବେ । ଏହି ପ୍ରତିଯୋଗିତାର ମାହୋଲ ବେଶ୍ କୌତୁହଳପୂର୍ଣ୍ଣ ଥିଲା । ଲୋକମାନଙ୍କୁ ବିଭିନ୍ନ ପ୍ରକାରର ରାତି ପୋଷାକରେ ଦେଖିବାକୁ ମିଳିଥିଲା । ତେବେ ପ୍ରତିଯୋଗିତାର ବିଜେତା ଚୟନ କରିବା ପାଇଁ ଏକ ବୈଜ୍ଞାନିକ ପଦ୍ଧତି ଆପଣାଯାଇଥିଲା । କିଏ ସବୁଠାରୁ ଗଭୀର ଏବଂ ଶାନ୍ତ ନିଦରେ ଶୋଇଛି, ତାହା ଜାଣିବା ପାଇଁ ପ୍ରତିଯୋଗୀମାନଙ୍କର ହାର୍ଟ ରେଟ୍‌କୁ ଯାଞ୍ଚ କରାଯାଇଥିଲା । ଏହି ନିଆରା ପ୍ରତିଯୋଗିତାରେ ଜଣେ ୮୦ ବର୍ଷୀୟ ବୃଦ୍ଧ ବିଜୟୀ ହୋଇଥିବା ବେଳେ ଜଣେ ଅଫିସ୍ କର୍ମଚାରୀ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି ।

# ସୋସିଆଲ କୋଟ୍ସ



ଏହା ଏକ କାଳ୍ପନିକ ବିଷୟ ବସ୍ତୁ । ସମାଜର କୌଣସି ଖରାପ କଥାକୁ ବଢାଇବା ଏହାର ଉଦ୍ଦେଶ୍ୟ ନୁହେଁ । ଦର୍ଶକଙ୍କ ମନୋରଞ୍ଜନ ପାଇଁ ଏହାକୁ ନିର୍ମାଣ କରାଯାଇଛି ।

**ଆୟୁଷ୍ମାନ ଖୁରାନା, ଅଭିନେତା**



କାହା ଉପରେ ନିର୍ଭର କରିବା ମୋ ପାଇଁ ସବୁଠାରୁ କଷ୍ଟ କାମ । ଏହା ମୋତେ ନର୍କ ସଦୃଶ ଲାଗିଥାଏ । ମୁଁ ଏବେ ଯାଏଁ ଜୀବନର ସେ ପର୍ଯ୍ୟାୟ କଥା ଚିନ୍ତା କରିନାହିଁ ।

**ଆର ମାଧବନ, ଅଭିନେତା**



ମୁଁ ଅନେକ ଆଗରୁ ଏହି ଶରୀର ଓ ଦୁନିଆକୁ ଛାଡି ସାରିଛି । ବର୍ତ୍ତମାନ ଆଉ ମୃତ୍ୟୁକୁ ଡର ଲାଗୁ ନାହିଁ । ଯାହା ହେବ ଦେଖାଯିବ ଆଉ ଚିନ୍ତା ନାହିଁ ।

**ଦିଲଜିତ ଦୋସାଞ୍ଜା, ସିଙ୍ଗର**

# ନିଆରା ଚପଲ

ଅନେକ ସମୟରେ ଅଜବ ଅଜବ ଫ୍ୟାଶନ ସୋସିଆଲ ମିଡିଆରେ ଭାଇରାଲ ହେବାର ଦେଖିବାକୁ ମିଳିଥାଏ । ସେହିଭଳି ଏକ ଫ୍ୟାଶନ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଫ୍ୟାଶନ୍ ଦୁନିଆର ପ୍ରସିଦ୍ଧ ବ୍ରାଣ୍ଡ 'ଶନୈଲ'ଏକ ଅଜବ ଧରଣର ଚପଲ ପ୍ରସ୍ତୁତ କରି ସମସ୍ତଙ୍କୁ ଚକିତ କରିଛି । ଯେଉଁଥିରେ କୌଣସି ସୋଲ୍ ନାହିଁ ଏବଂ ପାଦର ତଳ ଅଂଶ ସମ୍ପୂର୍ଣ୍ଣ ଖୋଲା ରହୁଛି । ପ୍ରଦର୍ଶିତ ଏହି ଅଭିନବ ଡିଜାଇନ୍‌କୁ ଡିଜାଇନର୍ ମୈଥ୍ୟୁ ବ୍ଲେଜି ପ୍ରସ୍ତୁତ କରିଛନ୍ତି, ଯାହା ଗତ ୨୮ ଏପ୍ରିଲରେ ଫ୍ରାନ୍ସରେ ଏକ ଶୋରେ ପ୍ରଦର୍ଶିତ କରାଯାଇଥିଲା । ଏହି ଚପଲରେ କେବଳ ଗୋଇଠି ବା ହିଲ୍ ଅଂଶ ରହିଛି ଯାହା କେତୋଟି ପତଳା ଷ୍ଟ୍ରିଙ୍ଗ ସାହାଯ୍ୟରେ ପାଦରେ ବନ୍ଧା ହୋଇଥାଏ । ଯାହା ପିନ୍ଧିବା ପରେ ଜଣେ ଖାଲି ପାଦରେ ଚାଲିଲା ପରି ଅନୁଭବ ହୁଏ । ସୋସିଆଲ ମିଡିଆରେ ଏହି ଡିଜାଇନ୍ ବହୁତ ଶୀଘ୍ର ଭାଇରାଲ୍ ହେବାରେ ଲାଗିଛି । ଏହାକୁ କିଛି ଲୋକ ଏକ ଭିନ୍ନ ଡିଜାଇନଭାବେ ପସନ୍ଦ କରୁଥିବାବେଳେ କିଛି ନା ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ।



# ମଝି ଆକାଶରେ ପ୍ରସବ

୩୪,୦୦୦ ଫୁଟ୍ ଉଚ୍ଚତାରେ ଆକାଶମାର୍ଗରେ ଏକ ବିମାନ ମଧ୍ୟରେ ଶିଶୁ ଜନ୍ମ ହେବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଏହି ଘଟଣାଟି ଇଟାଲୀର ଏୟାରୱେଜ୍ ଫ୍ଲାଇଟ୍‌ରେ ଘଟିଛି, ଯାହା ସେନେଗାଲର ଡକାରରୁ ରୋମ୍ ଅଭିମୁଖେ ଯାତ୍ରା କରୁଥିଲା । ବିମାନଟି ଉଡ଼ାଣ ଭରିବାର ପ୍ରାୟ ଏକ ଘଣ୍ଟା ପରେ ଜଣେ ୭ ମାସର ଗର୍ଭବତୀ ମହିଳାଙ୍କର ପ୍ରସବ ବେଦନା ଆରମ୍ଭ ହୋଇଥିଲା । ପରିସ୍ଥିତିକୁ ଦେଖି ବିମାନ କର୍ମଚାରୀମାନେ ତୁରନ୍ତ ମହିଳାଙ୍କୁ ଏକ ବ୍ୟକ୍ତିଗତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ ଏବଂ ଘୋଷଣା ମାଧ୍ୟମରେ ବିମାନରେ ଥିବା ଡାକ୍ତରଙ୍କ ସାହାଯ୍ୟ ଲୋଡ଼ିଥିଲେ । ସୌଭାଗ୍ୟବଶତଃ, ବିମାନରେ ଉପସ୍ଥିତ ଥିବା ଜଣେ ଡାକ୍ତର ଏବଂ ଜଣେ ନର୍ସ ଆଗକୁ ଆସି ସଫଳତାର ସହ ପ୍ରସବ କରାଇଥିଲେ । ଯାହାଫଳରେ ମା' ଏବଂ ଶିଶୁ ଉଭୟ ସୁରକ୍ଷିତ ରହିଛନ୍ତି । ସୁରକ୍ଷା ଦୃଷ୍ଟିରୁ ପାଇଲଟ୍ ବିମାନଟିକୁ ମଝି ରାସ୍ତାରୁ ପୁଣି ଡକାର ଅଭିମୁଖେ ମୋଡ଼ି ଦେଇଥିଲେ ଏବଂ ରାତି ପ୍ରାୟ ୨:୩୦ ସମୟରେ ବ୍ଲେଜ୍ ଡାୟଗ୍ନେ ଆନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରାଯାଇଥିଲା ।



# ଇତିହାସ

୧୮୨୧ - ଫ୍ରାନ୍ସର ସୈନ୍ୟ ଅଧିକାରୀ ତଥା ରାଜନେତା ନେପୋଲିଅନ ବୋନାପାର୍ଟଙ୍କ ମୃତ୍ୟୁ ।

୧୮୪୭ - ଲଣ୍ଡନର ପ୍ରସିଦ୍ଧ ଆସୋସିଏସନ୍ ସ୍କୁଲ ଅଫ୍ ଆର୍କିଟେକଚରର ସ୍ଥାପନା କରାଯାଇଥିଲା ।

୧୯୦୨ - ରାଷ୍ଟ୍ରମଣ୍ଡଳ ଲୋକସେବା ଅଧିନିୟମ ଅଷ୍ଟ୍ରେଲିଆରେ ସାର୍ବଜନିନ ସେବା କରାଯାଇଥିଲା ।

୧୯୩୨ - ଜାପାନ ଓ ଚୀନ ଉଭୟଦେଶ ଶାନ୍ତି ସନ୍ଧିରେ ସ୍ୱାକ୍ଷର କରିଥିଲେ ।

୧୯୩୬ - ଇଟାଲୀ ସୈନିକଙ୍କର ଅଦିସ୍ ଅବାବା ଉପରେ କବଜା ।

୧୯୯୪ - ବ୍ରିଟେନ୍‌ରେ ଲେବର ପାର୍ଟି ଦ୍ୱାରା କଞ୍ଜରଭେଟିଭ୍ ପାର୍ଟିକୁ ପରାସ୍ତ ।



**ମେଷ:** ନୂତନ ଆୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ସମାଚାର, ମାନସିକ ଅବସାଦ, ଦେବକାର୍ଯ୍ୟରେ ଆଗ୍ରହ, ସନ୍ତାନ ସମସ୍ୟା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟ ସୁଖ, ଅନୁଷ୍ଠାନରୁ ଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ଭଗବାନ ଶଙ୍କର ।

**ବୃଷ:** ବ୍ୟୟବୃଦ୍ଧି, ଲୋକସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, କିଛି କାର୍ଯ୍ୟରେ ଅସନ୍ତୁଷ୍ଟ, ସନ୍ତାନସମସ୍ୟା, ସମ୍ପତ୍ତିଲାଭ, ବ୍ୟକ୍ତି ସହାୟତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନଲାଭ, ଗୃହେ ଉତ୍ସବ, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ଶୁଭଖବର, ବନ୍ଧୁଲାଭ, କର୍ମକ୍ଷେତ୍ରେ ସମ୍ମାନିତ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ମାନସିକ ଶାନ୍ତି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା-ଶ୍ରୀଗଣେଶ ।

**କର୍କଟ:** କର୍ମେ ଖୁସି, ମାନସିକ ଶାନ୍ତି, ଅର୍ଥସମସ୍ୟା, ପାରିବାରିକ ସହଯୋଗ, ନୂତନ କର୍ମ ଆରମ୍ଭ, ସମ୍ପତ୍ତିବିବାଦ, ବ୍ୟବସାୟିକ ଖୁସି, ପରିଭ୍ରମଣସୁଖ, ଶରୀର ସୁସ୍ଥ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ସିଂହ:** ଶରୀର ସୁସ୍ଥ, ମାନସିକ ଶାନ୍ତି, ସନ୍ତାନଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଅର୍ଥପ୍ରାପ୍ତି, ସୁମିଷ୍ଟ ଭୋଜନ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ହଠାତ୍ ଦୂରଯାତ୍ରା, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ବିବାଦ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ଦାମ୍ପତ୍ୟ କଳହ, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପରାଜିତ, ପରିବହନ କ୍ଷେତ୍ରେ ସମସ୍ୟା, ଆୟଭଲ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ମା' କୋଟିଲାଇ ।

**ତୁଳା:** ଆର୍ଥିକ ସୁଖ, ଶୁଭଖବର, ସନ୍ତାନ ସମସ୍ୟା, ଉଚ୍ଚଆଶାରେ ଲାଭ, ମାନସିକ ଅବସାଦ, ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ଖୁସି, ବ୍ୟକ୍ତି ସହାୟତା, ଦୂରଯାତ୍ରା, ପିତାମାତାଙ୍କ ଚିନ୍ତା, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ପ୍ରତିକାର- ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟଲାଭ, ଆତ୍ମସନ୍ତୋଷ, ଶତ୍ରୁସମସ୍ୟା, ଗାଡ଼ିଚାଳନାରେ ସତର୍କ, ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅବସାଦ, ଈଶ୍ୱର ବିଶ୍ୱାସ, ସନ୍ତାନଖୁସି, ଅର୍ଥପ୍ରାପ୍ତି, ସମ୍ପତ୍ତି କନ୍ଦଳ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ଧନୁ:** ପିଲାଙ୍କକଷ୍ଟ, ଗୃହେ ଉତ୍ସବ, ପାରିବାରିକ ଖୁସି, ଅର୍ଥ ସମସ୍ୟା, ଜମିଜମା ଗଣ୍ଡଗୋଳ, ଦୂରଯାତ୍ରା, ବ୍ୟବସାୟରେ କଷ୍ଟ, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପିତାମାତାଙ୍କ ସେବା ।

**ମକର:** କଳହଯୋଗ, ସନ୍ତାନଖୁସି, ପାରିବାରିକ ବିବାଦ, ବ୍ୟବସାୟରେ ଲାଭକମ୍ ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଦ୍ରବ୍ୟ ନଷ୍ଟ, ବ୍ୟକ୍ତି ସହାୟତା, ବିଦେଶ ଭ୍ରମଣ, ଶରୀର ସୁସ୍ଥ, କଚେରୀ ମାମଲା, ଆୟ କମ୍, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**କୁମ୍ଭ:** କର୍ମେ ଖୁସି, ମାନସିକ ଅବସାଦ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦ୍ରବ୍ୟନଷ୍ଟ, ବ୍ୟକ୍ତି ସହାୟତା, ବିଦେଶ ଭ୍ରମଣ, ଶରୀର ସୁସ୍ଥ, କଚେରୀ ମାମଲା, ଆୟ କମ୍, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**ମୀନ:** ଅଯଥା କଷ୍ଟ, ନୂତନ ଆଶା ପୂର୍ଣ୍ଣ, ସମ୍ପତ୍ତିଲାଭ, ଭ୍ରାତୃ କଳହ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ବ୍ୟବସାୟ ଆରମ୍ଭ, ପରିବହନ କ୍ଷେତ୍ରେ ସମସ୍ୟା, ଅର୍ଥ ସମସ୍ୟା, ଶତ୍ରୁ ସମସ୍ୟା, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ ।

**ବୈଶାଖ କୃଷ୍ଣପକ୍ଷ, ଚତୁର୍ଥୀ**
**୫.୫.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ନିର୍ବାଚନ ଫଳାଫଳ ଘୋଷଣା ପରେ ଭୁବନେଶ୍ୱର ବିଜେପି ମୁଖ୍ୟାଳୟରେ ବିଜୟ ଉତ୍ସବ

## ଟ୍ରକ୍ ଚାପାରେ ମହିଳା ମୃତ, ଗାଡି ଚଳାଚଳ ପ୍ରଭାବିତ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଜଣେ ମହିଳାଙ୍କୁ ଟ୍ରକ୍ ଚାପି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ମହିଳାଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା । ସୋମବାର ମଧ୍ୟାହ୍ନ ୧୨ଟା ବେଳେ କେନ୍ଦ୍ରାପଡାର ଅମିତା ରାଉଳ (୪୮) ସ୍ୱାମୀଙ୍କ ସହ ବୁଲେଟ୍‌ରେ ବସି ଯାଉଥିଲେ । ରସୁଲଗଡ ଷ୍ଟେଟ୍‌ବ୍ୟାଙ୍କ ଶାଖା ସାମ୍ନା ରାସ୍ତା ଉପରେ କୌଣସି କାରଣରୁ ସେ ବୁଲେଟ୍‌ରୁ ଖସିପଡିଲେ । ବୁଲେଟ ପଛରେ ଯାଉଥିବା ଏକ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା । ଯାହାଦ୍ୱାରା ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏଥିନେଇ ଜାତୀୟ ରାଜପଥରେ କିଛି ସମୟ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା । ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ରାସ୍ତାରେ ଗାଡି ଚଳାଚଳ କିପରି ସ୍ୱାଭାବିକ ହେବ ସେଥିନେଇ ଉଦ୍ୟମ କରିଥିଲେ । କିଛି ସମୟ ପରେ ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ପୋଲିସ କହିବାନୁଯାୟୀ ମହିଳାଙ୍କ ମୁଣ୍ଡ ଉପରେ ମାଡିଯାଇଥିବା ଟ୍ରକ୍‌କୁ ଜବତ କରାଯିବା ସହ ଡ୍ରାଇଭରକୁ ଅଟକ ରଖାଯାଇଛି ।

## ବାଦ୍ ପଡ଼ିଥିବା ୭୯ ହଜାର ହିତାଧିକାରୀଙ୍କୁ ମିଳିଲା ସୁଭଦ୍ରା ଟଙ୍କା

ଭୁବନେଶ୍ୱର(ସବ୍ୟୁ): ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ୭୯ ହଜାର ହିତାଧିକାରୀଙ୍କୁ ଆଜି(ସୋମବାର) ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ୬୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ।



ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ "ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି । ଯାହା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ । ବ୍ୟବସ୍ଥିତ ଯାଞ୍ଚ ଏବଂ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି । "ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ।

ନିଷ୍କ୍ରିୟ ଏନପିସିଆଇ ଲିଙ୍କେଜ୍, ଇ-କେଓ୍ୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି । ବିଶେଷକରି କଳାହାଣ୍ଡି, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ସୁନ୍ଦରଗଡ ଏବଂ ଯାଜପୁର ଜିଲ୍ଲାରେ ସର୍ବାଧିକ ମାମଲା ପଡ଼ି ରହିଛି । ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ କିଭଳି ବକେୟା ଥିବା ହିତାଧିକାରୀଙ୍କ ତାଲିକା ସ୍ଥିର ହେବ ସେଥିପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ରାଜସ୍ୱ ବିଭାଗ ସହ ଆଲୋଚନା କରୁଥିବା କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ ମୃଣାଳିନୀ ଦର୍ଶଓ୍ୱାଲ, କାର୍ଯ୍ୟକାରୀ ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମହାନ୍ତି, ଏବଂ ଅତିରିକ୍ତ ଶାସନ ସଚିବ, କୃତ୍ତିବାସ ରାଉତଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ୩୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

## କାର୍ ସମେତ ୨୧କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଥାର୍ କାର୍ ସମେତ ୨୧କେଜି ଗଞ୍ଜେଇ ଜବତ କରିଛି ଖଣ୍ଡଗିରି ଥାନା ପୋଲିସ । କାର୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତ ଏସ୍.କେ.ଜାହିର ଓରଫ ଏସ୍.କେ.ରାଜା ଓରଫ ଆଣ୍ଡୁନ ରାଜା (୩୧)କୁ ଗିରଫ କରାଯାଇଥିବା ପୋଲିସ କହିଛି । ସୋମବାର ସକାଳେ ଅଭିଯୁକ୍ତ ରଘୁନାଥନଗର ଅଟୋଷ୍ଟାଣ୍ଡ ନିକଟରେ ଏକ କଳା ରଙ୍ଗର ଥାର୍ କାର୍‌ରେ ଗ୍ରାହକଙ୍କୁ ଗଞ୍ଜେଇ ଦେବା ପାଇଁ ଅପେକ୍ଷା କରିଥିବା ପୋଲିସ ଖବର ପାଇଥିଲା । ସୂଚନା ଅନୁଯାୟୀ ପୋଲିସ ସେଠାରେ ଚଢାଉ କରି କାର୍ ସମେତ ଅଭିଯୁକ୍ତଙ୍କୁ କାବୁ କରିଥିଲା । କାର୍‌କୁ ଯାଞ୍ଚ କରିବାରୁ ୨୧ କେଜି ଗଞ୍ଜେଇ ମିଳିଲା । କନ୍ଧମାଳରୁ ଅଭିଯୁକ୍ତ ଗଞ୍ଜେଇ ଆଣି ଭୁବନେଶ୍ୱରର ଖଣ୍ଡଗିରି ଅଞ୍ଚଳର ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରେ ବୋଲି ପୋଲିସରେ କହିଛି । ପୋଲିସ ଅଭିଯୁକ୍ତ ଏସ୍‌କେ ଜାହିର ଠାରୁ ତଥ୍ୟ ସଂଗ୍ରହ କରିସାରିବା ପରେ ତାକୁ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଜାମିନ୍ ପ୍ରଦାନ ବେଳେ ଅଦାଲତ ରଖୁଛନ୍ତି ଅଜବ ସର୍ତ୍ତ

## ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ, ଏଜିଙ୍କୁ କଲେ ଅବଗତ

କଟକ(ସବ୍ୟୁ): ଓଡ଼ିଶା ହାଇକୋର୍ଟ ଏବଂ ରାୟଗଡ଼ାର ନିମ୍ନ ଅଦାଲତ କେତେକ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ୍ ଦେବା ସର୍ତ୍ତ ରଖି ସେମାନଙ୍କୁ ଥାନା ସଫେଇ ପାଇଁ ଦେଇଥିବା ଆଦେଶକୁ ନେଇ ଦେଶର ସର୍ବୋଚ୍ଚ ଅଦାଲତ ଭୀଷଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜାମିନ୍ ପାଇଁ ଦିଆଯାଇଥିବା ଏଭଳି ସର୍ତ୍ତ 'ଘୃଣାସୃଷ୍ଟିକାରୀ' ଏବଂ ଜାତିଗତ ଆକ୍ଷେପ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି । ଏହିଭଳି ମାମଲାକୁ ନେଇ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲା ରୁଜୁ କରି ଆଜି ଏହାର ଶୁଣାଣି କରିଥିଲେ । ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ଆଦେଶକୁ କଡ଼ା ଭାଷାରେ ଭର୍ତ୍ସନା କରିବା ସହ ଦିଆଯାଇଥିବା ସମସ୍ତ ସର୍ତ୍ତକୁ ବେଆଇନ ତଥା ଅସାମ୍ବିଧାନିକ ବୋଲି କହିଛନ୍ତି । ଭବିଷ୍ୟତରେ କୌଣସି କୋର୍ଟ ଏଭଳି ଆଦେଶ ନଦେବାକୁ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରି ଦେଇଛନ୍ତି । ଦେଶର ଅନ୍ୟ କୌଣସି ଅଦାଲତ ଏଭଳି ଆଦେଶରୁ ନିବୃତ୍ତ ରହିବାକୁ ସୁପ୍ରିମ୍‌କୋର୍ଟ ସତର୍କ କରାଇ ଦେଇଛନ୍ତି । ଏଭଳି ଆଦେଶ ସାମାଜିକ ବିଭେଦ ସୃଷ୍ଟି କରିବ । ଏହି ଆଦେଶ କପି ଦେଶର ପ୍ରତ୍ୟେକ ହାଇକୋର୍ଟକୁ ପ୍ରଦାନ କରିବାକୁ ସୁପ୍ରିମ୍‌କୋର୍ଟ କହିଛନ୍ତି । ସୁପ୍ରିମ୍‌କୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଓଡ଼ିଶାର ବିଚାର ବ୍ୟବସ୍ଥା ଯେଉଁଭଳି ଭାବେ ଏହି ଆଦେଶ ଦେଇଛି ତାହା ଉପନିବେଶବାଦ ମାନସିକତାକୁ ପ୍ରମାଣ କରୁଛି । ଏଭଳି ଆଦେଶ ଅତ୍ୟନ୍ତ ଦୁଃଖଦାୟକ । ମାନବିକ ଅଧିକାର ଆଇନର ଉଲଂଘନ ମଧ୍ୟ କରୁଛି । ଆଇନରେ ଏଭଳି ଆଦେଶ କେବେ ବି ଗ୍ରହଣୀୟ ନୁହେଁ । ସୁପ୍ରିମ୍‌କୋର୍ଟ ଆହୁରି କହିଛନ୍ତି ଯେ, ଏହି ଆଦେଶ ଓଡ଼ିଶାର ବିଚାର ବ୍ୟବସ୍ଥା, ଜାତିଆଣ ବିଭେଦ ସୃଷ୍ଟି କରୁଥିବାର ଏକ ଚିତ୍ର ସୃଷ୍ଟି କରୁଛି । କାରଣ ଅଧିକାଂଶ ଅଭିଯୁକ୍ତ ନିମ୍ନ ବର୍ଗର । ଏଥିରୁ ଆଉ ଏକ କଥା ସ୍ପଷ୍ଟ ହେଉଛି, କୌଣସି ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ପାଇଁ ଏଭଳି ସର୍ତ୍ତ ରଖାଯାଇ ନାହିଁ । ସୁପ୍ରିମ୍‌କୋର୍ଟ ଏହି ପରିପ୍ରେକ୍ଷୀରେ ଆହୁରି କହିଛନ୍ତି ଯେ, ସମ୍ବିଧାନରେ ଜାତଭେଦ ନଥିବା ଏକ ସମାଜର ପରିକଳ୍ପନା କରାଯାଇଛି । ଧାରା ୧୭ରେ ଅସ୍ପୃଶ୍ୟତା ବ୍ୟବସ୍ଥା ଉପରେ ରୋକ୍ ଲଗାଯାଇଛି । ଧାରା ୧୪ ଏବଂ ୧୬ରେ ସମସ୍ତଙ୍କୁ ସମାନ ଅଧିକାର ମଧ୍ୟ ପ୍ରଦାନ କରାଯାଇଛି । ଅଦାଲତର କର୍ତ୍ତବ୍ୟ କ'ଣ ହେବା ଉଚିତ୍ ତାହା ମଧ୍ୟ ସର୍ବୋଚ୍ଚ ଅଦାଲତ ମନେ ପକାଇ ଦେଇଛନ୍ତି । ସମାଜର ଯେଉଁମାନେ ଅଧିକ ସମ୍ବେଦନଶୀଳ ସେମାନଙ୍କ ସୁରକ୍ଷାର ଦାୟିତ୍ୱ ବିଚାର ବ୍ୟବସ୍ଥା ହାତରେ ଦିଆଯାଇଛି । ଏଇ ୭୫ବର୍ଷର ସାମ୍ବିଧାନିକ ଯାତ୍ରା ମଧ୍ୟରେ ବିଚାର ବ୍ୟବସ୍ଥା ଏଭଳି ଗଠନ ହୋଇପାରିଛି ଯାହାଦ୍ୱାରା ଜଣେ ନାଗରିକର ମୌଳିକ ଅଧିକାରକୁ କୌଣସି ରାଷ୍ଟ୍ର ଛଡ଼ାଇ ନେଇପାରିବ ନାହିଁ । ସୁପ୍ରିମ୍‌କୋର୍ଟ ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କୁ ଓଡ଼ିଶାର କିଛି ନିମ୍ନ ଅଦାଲତ ଏବଂ ହାଇକୋର୍ଟ ଧାର୍ଯ୍ୟ କରିଥିବା ଏଭଳି ସର୍ତ୍ତ କିପରି ବିଚାର ବ୍ୟବସ୍ଥାର ଛବି ଖରାପ କରୁଛି ସେନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି । ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ପ୍ରାୟ ୫୦ଟି ମାମଲାରେ ଏଭଳି ସର୍ତ୍ତ ଧାର୍ଯ୍ୟ କରାଯାଇଥିଲାବେଳେ ରାୟଗଡ଼ା ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତ ଦ୍ୱାରା ମଧ୍ୟ କେତେକ ମାମଲାରେ ଏଭଳି ସର୍ତ୍ତ ଧାର୍ଯ୍ୟ କରାଯାଇଛି । ଓଡ଼ିଶାରେ ଖଣିକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ଗିରଫ ହୋଇଥିବା କେତେକ ଅଭିଯୁକ୍ତଙ୍କୁ ମଧ୍ୟ ସମାନ ସର୍ତ୍ତ ରଖି ଜାମିନ୍ ପ୍ରଦାନ କରାଯାଇଥିଲା । ଓଡ଼ିଶା ହାଇକୋର୍ଟ ୨୦୨୫ ମେ' ୨୮ ତାରିଖରେ କୁମେଶ୍ୱର ନାୟକଙ୍କୁ କାଶିପୁର ଥାନାକୁ ପ୍ରତ୍ୟେକ ଦିନ ସକାଳ ୬ଟାରୁ ୯ ପର୍ଯ୍ୟନ୍ତ ଦୁଇ ମାସ ଧରି ସଫେଇ କରିବ ବୋଲି ଆଦେଶ ଦେଇଥିଲେ ।

### ୫୩ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା

## ଟ୍ରକକୁ ପିଟିଲା ବୋଲେରୋ :ଚାଲିଗଲା ୫ ଜୀବନ, ୧୧ ଗୁରୁତର

ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ାଛକ ନିକଟରେ ସୋମବାର ସକାଳୁ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଚାଲିଯାଇଛି ୫ଜଣଙ୍କ ଜୀବନ । ବିବାହ ଭୋଜିରୁ ଫେରୁଥିବା ଏକ ବୋଲେରୋ ରାସ୍ତାରେ ଛିଡା ହୋଇଥିବା ମାଲ ବୋଝେଇ ହାଇଓ୍ୱା ପଛରେ ପିଟି ହୋଇ ଯିବାରୁ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା । ଚାଳକ ସହିତ ଅନ୍ୟ ୧୧ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ ୫/୬ ଜଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବଢିବାର ଆଶଙ୍କା କରାଯାଉଛି । ମୃତକଙ୍କ ମଧ୍ୟରୁ ୫ଜଣ ମହିଳା ଓ ଜଣେ ପୁରୁଷ ଥିବା ଜଣାପଡିଛି । ଆହତଙ୍କ ମଧ୍ୟରେ ଜଣେ

**ପ୍ରତ୍ୟେକ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଶିଶୁ ଓ ୫ଜଣ ମହିଳା ରହିଛନ୍ତି । ସମସ୍ତ ମୃତକମାନେ ହେଉଛନ୍ତି ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଓ ସଂଜୟନଗର ଶବରସାହି ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି । ଜଣେ ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗଦେବାକୁ ୧୬ଜଣ ଏକ ବୋଲେରୋରେ କେନ୍ଦୁଝରେ ଯାଇଥିଲେ । ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିଲା ବେଳେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ,ବୋଲେରୋଟି ଟ୍ରକ ପଛରେ ପିଟିହେବା ସମୟରେ ଭିଷଣ ସବ୍ଦ ହେବା ସାଙ୍ଗକୁ ଗାଡି ଭିତରୁ ମୃତଦେହ ଗୁଡିକ ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ରାସ୍ତା ଉପରେ ଛିଟିକି ପଡିଥିଲା । ତେବେ ଦୁର୍ଘଟଣା ପରେ ରାସ୍ତାରେ ଛିଡା ହୋଇଥିବା ହାଇଓ୍ୱା ଟ୍ରକ ଘଟଣା ସ୍ଥଳରୁ ପଳାଇ ଯାଇଥିବା ଜଣାପଡିଛି । ଦୁଇ ଶିଶୁଙ୍କ ସହ ଅନ୍ୟ ଆହତମାନେ ଗୁରୁତର ହୋଇ ପ୍ରଥମେ ବଡ଼ଚଣା ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ପରେ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ବୋଲେରୋରେ ମୋଟ ୧୬ ଜଣ ବସିଥିବା ଜଣାପଡିଛି । ସେଥିରୁ ୧୦ ଜଣ ମହିଳା ଓ ୬ଜଣ ପୁରୁଷ ଥିଲେ । ସେଥିରୁ ମୃତକଙ୍କ ମଧ୍ୟରେ ୪ଜଣ ମହିଳା ଓ ଜଣେ ପୁରୁଷ ଅଛନ୍ତି । ମୃତକ ବ୍ୟକ୍ତି ମାନେ ହେଉଛନ୍ତି ଚଇତା ଓରଫ କଣ୍ଡା ପୂର୍ତ୍ତି (୪୫),ଗିତା ପୂର୍ତ୍ତି (୩୮),ନମିତା ନାୟକ (୩୫),ମାଳତୀ ମୁଣ୍ଡା (୧୪),ବଳମା ମୁଣ୍ଡା (୩୫) ଓ ଆହତ ମାନେ ହେଉଛି ଲଭଲି ସୋରେନ,ଲଖମୀ ତିରିଆ,ରନିକର ମୁଣ୍ଡା,ଉପେନ୍ଦ୍ର ମୁଣ୍ଡା,ଜୀପବ ପୂର୍ତ୍ତି, ଜୟମୁନୀ କୁଲି,ଯମୁନା କୁଲି ଓ କଲ୍ୟାଣୀ କୁଲି ଓ ଡ୍ରାଇଭର ଜୟନ୍ତ ସାହୁ । ଡ୍ରାଇଭର ଜୟନ୍ତଙ୍କ ଘର ଧର୍ମଶାଳା ଥାନାର ଶୁଭଦ୍ରାପୁର ଗ୍ରାମରେ ବୋଲି ଜଣାପଡିଥିଲା ବେଳେ ଅନ୍ୟମାନେ ସମସ୍ତେ ବଡଚଣା ଥାନାର ଶାଶନ ପୁରୁଷୋତ୍ତମପୁର ଗ୍ରାମର ବୋଲି ଜଣାପଡିଛି । ତେବେ ବୋଲେରୋରେ ଥିବା ଦୁଇଶିଶୁ ସାମାନ୍ୟ ଆହତ ହୋଇ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଦେଖାଯାଇଛି ।ଘଟଣାସ୍ଥଳରେ ଯାଜପୁର ରୋଡ ପୋଲିସ ଏସଡିପିଓ ଶରତଚନ୍ଦ୍ର ପାତ୍ରଙ୍କ ସହ ଜେନାପୁର ଥାନା ଓ ଚଡେଇଧରା ଚେକପୋଷ୍ଟ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ମୃତକଙ୍କ ମଧ୍ୟରୁ ତିନିଜଣଙ୍କ ମୃତଦେହ ଧର୍ମଶାଳା ଓ ଦୁଇଜଣଙ୍କ ମୃତଦେହ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଛେଦ କରାଯାଇ ପରେ ତାଙ୍କ ପରିବାରକୁ ପୋଲିସ ହସ୍ତାନ୍ତର କରିଛି । ସମସ୍ତ ମୃତକ ଓ ଆହତ ବଡଚଣା ନିର୍ବାଚନ ମଣ୍ଡଳୀର ହୋଇଥିବାରୁ ଖବର ପାଇ ବଡଚଣା ବିଧାୟକ ଅମରକୁମାର ନାୟକ ଡାକ୍ତରଖାନାରେ ପହଞ୍ଚି ଗଭୀର ମର୍ମାହତ ହେବା ସହ ମୃତକ ଓ ଆହତଙ୍କ ପରିବାକୁ ସାନ୍ତ୍ୱନା ହେବା ସହିତ ସେଠାରୁ ଏପରି ଦୁଖଦ ଘଟଣା ସମ୍ପର୍କରେ ସିଧାସଳଖ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଅବଗତ କରିଥିଲେ । ଏଥିନେଇ ମୁଖ୍ୟମନ୍ତ୍ରୀ ଦୁଖ ପ୍ରକାଶ କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୪ ଲକ୍ଷ କରି ସହାୟତା ରାଶି ପ୍ରଦାନ ଓ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ତତ୍କାଳ ଘୋଷଣା କରିଥିବା ବିଧାୟକ କହିଛନ୍ତି । ଏଥିସହିତ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ପ୍ରତ୍ୟେକଙ୍କୁ ସହାୟତା କରାଯାଇଥିଲା ବେଳେ ଶବ ସତ୍କାର ପାଇଁ ବିଧାୟକ ଶ୍ରୀ ନାୟକ ମଧ୍ୟ ମୃତକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଜେନାପୁର ଥାନାରେ ୧୧୩/୨୬ରେ ଏକ ମାମଲା ପଞ୍ଜିକରଣ କରି ପୋଲିସ ଘଟଣାର ତଦନ୍ତ ଅବ୍ୟାହତ ରଖିଛି ।

## ଫ୍ଲିପ୍‌କାର୍ଟ ଫ୍ରାଞ୍ଚାଇଜ୍ ବାହାନାରେ ନେଇଗଲେ ୩ ଲକ୍ଷ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଫ୍ଲିପ୍‌କାର୍ଟ ଓ ମିସୋର୍ ଫ୍ରାଞ୍ଚାଇଜ୍ ବାହାନାରେ ଅଭିଯୋଗକାରୀଙ୍କର ୩ଲକ୍ଷ ଟଙ୍କା ଲୁଟି ନେଇଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ରାକେଶ ରାଉତ ନାମକ ଜଣେ ବ୍ୟକ୍ତି ୨୦୨୫ ଜୁଲାଇ ୬ ତାରିଖ ଦିନ ୧୦ଟା ସମୟରେ ଅଭିଯୁକ୍ତମାନଙ୍କ ସହିତ ଫ୍ଲିପ୍‌କାର୍ଡ ଓ ମିସୋର୍ ଡିଲରସିପ୍ ଫ୍ରାଞ୍ଚାଇଜ୍ ଚୁକ୍ତି ଚୂଡ଼ାନ୍ତ କରିବା ପାଇଁ ଅଶୋକନଗର ସ୍ଥିତ ଏକ ହୋଟେଲକୁ ଆସିଥିଲେ । ପୂର୍ବ ବ୍ୟବସ୍ଥା ଅନୁଯାୟୀ ସେ ଅନ୍‌ଲାଇନ୍‌ରେ ୩୦ ହଜାର ଟଙ୍କା ଦେଇଥିଲେ ଏବଂ ହୋଟେଲ ରୁମ୍‌ରେ ୩ଲକ୍ଷ ଟଙ୍କା ସହିତ ଦସ୍ତଖତ ଥିବା ଡକ୍ୟୁମେଣ୍ଟ ଓ ଚେକ୍ ରଖିଥିଲେ । ଅଭିଯୋଗକାରୀ ରାକେଶ ବାଥ୍‌ରୁମ୍‌କୁ ଯିବା ସୁଯୋଗରେ ଦୁଇ ଅଭିଯୁକ୍ତ ନଗଦ ୩ଲକ୍ଷ ଟଙ୍କା, ଡକ୍ୟୁମେଣ୍ଟ ଓ ଚେକ୍ ବହି ନେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ ।

### ଯାଜପୁରରେ ଫୁଡ୍ ପଏଜନିଂ ଘଟଣା

## ସ୍ୱତନ୍ତ୍ର ଟିମ୍ ଦ୍ୱାରା ଆକ୍ରାନ୍ତଙ୍କ ଚିକିତ୍ସା

ଭୁବନେଶ୍ୱର (ସବ୍ୟୁ): ଜିଲ୍ଲାରେ ଫୁଡ ପଏଜନ ଘଟଣାରେ, ରାଜ୍ୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରିସ୍ଥିତି ନିୟନ୍ତ୍ରଣ କରିବା ଏବଂ ଚିକିତ୍ସା ସୁନିଶ୍ଚିତ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେଇଛନ୍ତି । ବର୍ତ୍ତମାନ ସୁଦ୍ଧା, ମୋଟ ୧୦୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୮୩ ଜଣଙ୍କୁ ଚିକିତ୍ସା ପରେ ଡିସଚାର୍ଜ କରାଯାଇଛି । ଅବଶିଷ୍ଟ ୧୯ ଜଣ ରୋଗୀଙ୍କ ଚିକିତ୍ସା ଚାଲିଛି ସେମାନଙ୍କ ମଧ୍ୟରୁ ୩ ଜଣ ଶିଶୁ ୱାର୍ଡରେ ଏବଂ ୧୬ ଜଣ ବୟସ୍କ ୱାର୍ଡରେ ଆଡମିଟ ଅଛନ୍ତି । ଘଟଣା ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ , ଯାଜପୁର ଜିଲ୍ଲାପାଳ ଏବଂ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ପରିଦର୍ଶନ କରିଥିଲେ । ଚିକିତ୍ସା କରୁଥିବା ଡାକ୍ତର ମାନଙ୍କ ସହ କଥା ହୋଇ ସେ ଆକ୍ରାନ୍ତ ରୋଗୀମାନଙ୍କ ପରିସ୍ଥିତିକୁ ବିସ୍ତୃତ ଭାବରେ ବୁଝିଥିଲେ । ପରେ ସର୍କିଟ୍ ହାଉସରେ ସମାଧାନ ନିମନ୍ତେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସମସ୍ତଙ୍କୁ ତ୍ୱରିତ ଚିକିତ୍ସା ନିମନ୍ତେ ଆଦେଶ ଦେଇଥିଲେ । ଆକ୍ରାନ୍ତମାନଙ୍କ ଚିକିତ୍ସା ନିମନ୍ତେ ଅତ୍ୟାବଶ୍ୟକୀୟ ଔଷଧ, ଓଆରଏସ ଏବଂ ଜରୁରୀକାଳୀନ ଯୋଗାଣର ପର୍ଯ୍ୟାପ୍ତ ପରିମାଣ ସୁନିଶ୍ଚିତ କରାଯାଇଛି । ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ୨୪ ଘଣ୍ଟିଆ ରୋଗୀ ତଦାରଖ ଏବଂ ଚିକିତ୍ସା ପ୍ରୋଟୋକଲ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଯାଞ୍ଚ ଅଭିଯାନକୁ ତୀବ୍ର କରିବା ସହ ସଚେତନତା କରାଯାଉଛି । ଆକ୍ରାନ୍ତ ଅଞ୍ଚଳରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଘଟଣା ଉପରେ ନଜର ରଖା ଯାଇଛି ।

## ସପ୍ତାହେ ଯାଏଁ କାଳବୈଶାଖୀ ବର୍ଷା

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ରୌଦ୍ରତାପ ଉପରେ ବ୍ରେକ ଲାଗିଛି। ବିଭିନ୍ନ ଜିଲ୍ଲାରେ ଝଡ଼ତୋଫାନ ବର୍ଷା ଯୋଗୁଁ ଦିନର ତାପମାତ୍ରା ୪୦ ଡିଗ୍ରୀ ରହିଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରାରେ ସେତେଟା ବୃଦ୍ଧି ନହେଲେ ମଧ୍ୟ କେତେକ ଆଭ୍ୟନ୍ତରୀଣ ଜିଲ୍ଲାରେ ୪୦ ଡିଗ୍ରୀ କିମ୍ବା ତା ଠାରୁ ଅଧିକ ରହିପାରେ। ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆଭ୍ୟାନ୍ତରୀଣ ଓଡ଼ିଶା ଏବଂ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସହିତ ଆଉ ଏକ ଟ୍ରଫ ଲାଇନ ରହିଥିବାରୁ ରାଜ୍ୟରେ କାଳବୈଶାଖୀ ବର୍ଷା ବଢ଼ିବା ଫଳରେ ତାପମାତ୍ରା ହ୍ରାସ ପାଇବା ତାତି ନରହିଲେ ମଧ୍ୟ ଆର୍ଦ୍ରତା ବୃଦ୍ଧି ଯୋଗୁଁ ଗୁଳୁଗୁଳି ଅନୁଭୂତ ହେବ।

ଆଗାମୀ ୬ରୁ ୭ ଦିନ କାଳବୈଶାଖୀ ପ୍ରଭାବ ରହିବ। ଆସନ୍ତାକାଲି (ମଙ୍ଗଳବାର) ସମ୍ବଲପୁର, ଅନୁଗୁଳ, କେନ୍ଦୁଝର, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ କାଳବୈଶାଖୀ ଲାଗି ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲା ଗୁଡିକରେ ଝଡ଼ତୋଫାନ ବର୍ଷା ସହ ସ୍ଥାନେ ସ୍ଥାନେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କିମି ରହିପାରେ। ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବା ସହ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ମୟୂରଭଞ୍ଜ, ଢ଼େଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା, ବରଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନାଗିରି ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହୋଇପାରେ। ବୁଧବାର ଅର୍ଥାତ୍ ୬ ତାରିଖରେ ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନାଗିରି ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ରହିବ। ଏହି ସବୁ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୫୦ କିମି ରହିପାରେ।




# ୫ରୁ ମୁଖ୍ୟମନ୍ତ୍ରୀଙ୍କ ତିନି ଦିନିଆ ଗୁଜୁରାଟ ଗସ୍ତ : ଭେଟିବେ ଶିଳ୍ପପତିଙ୍କୁ

ଭୁବନେଶ୍ୱର, (ସବ୍ୟୁ): ଓଡିଶାରେ ନିବେଶ ପାଇଁ ହାଇଦ୍ରାବାଦ ଏବଂ କୋଲକତାରେ ସଫଳ ରୋଡ୍ ସୋ ପରେ, ଓଡ଼ିଶା ବର୍ତ୍ତମାନ ତାହାର ନିବେଶ ଆକର୍ଷଣ ଅଭିଯାନକୁ ଗୁଜରାଟକୁ ବିସ୍ତାର କରିବାକୁ ପ୍ରସ୍ତୁତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ଗୁଜରାଟର ୪ଟି ସହରରେ ୩ ଦିନିଆ ଗସ୍ତ କରି ଉଦ୍ୟୋଗପତି ଓ ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ଆମନ୍ତ୍ରଣ କରିବେ। ମେ ୫ ତାରିଖରେ ଅହମ୍ମଦାବାଦରେ ଏକ ବଡ ନିବେଶକ ରୋଡ୍ଶୋ ଅନୁଷ୍ଠିତ ହେବ । ଏଥି ସହିତ ଅଗ୍ରଣୀ ଉଦ୍ୟୋଗପତିମାନଙ୍କ ସହ ରାଉଣ୍ଡଟେବୁଲ ବୈଠକ ଏବଂ ଡଭର-ଗ୍ରୁକ୍ଟ-ଡଭର ଗରରଗ୍ରସଭଶ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ଗୁଡ଼ିକ ଓଡ଼ିଶାରେ ନିବେଶକୁ ତ୍ୱରାନ୍ୱିତ କରିବା ସହ ବୁଝାମଣାପତ୍ର (ଗକ୍ଟଟ) ସ୍ୱାକ୍ଷର ହେବ ଏବଂ ନିବେଶ ପାଇଁ ଇଣ୍ଟେଣ୍ଟ୍ ଲେଟର ମଧ୍ୟ ଆସିବ । ଏହି ଗସ୍ତରେ ବୟନ ଓ ପୋଷାକ, ରାସାୟନିକ ଓ ପେଟ୍ରୋକେମିକାଲ୍ସ, ମେଟାଲ୍ସ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଔଷଧ ଓ ମେଡିକାଲ ଉପକରଣ ପରି ଉଚ୍ଚ-ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକୁ ବିଶେଷ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ପଶ୍ଚିମ ଭାରତରୁ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ସହ ଓଡ଼ିଶାର ଦ୍ରୁତ ବିକାଶଶୀଳ ଶିଳ୍ପ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ ।ଓଡ଼ିଶାର ପୋର୍ଟ-ଲେଡ୍ ବିକାଶକୁ ଆଗେଇ ନେବା ପାଇଁ ପ୍ରତିନିଧି ଦଳ ମେ ୬ ତାରିଖରେ ମୁନ୍ଦ୍ରା ବନ୍ଦର ପରିଦର୍ଶନ କରିବେ, ଯାହା ଲଜିଷ୍ଟିକ୍ସ ଓ ବନ୍ଦର ଆଧାରିତ ଶିଳ୍ପରେ ସମ୍ଭାବନାର ସୁଯୋଗକୁ ବ୍ୟାପକ କରିବ। ମେ ୭ ତାରିଖରେ ଭଦୋଦରାରେ (ବରୋଦା) ନିବେଶକମାନଙ୍କ ସହ ବୈଠକ ଆୟୋଜିତ ହେବ ଏବଂ ସରକାରୀ କାର୍ଯ୍ୟକ୍ରମର ଅଂଶ ଭାବରେ କେଭାଡିଆ ମଧ୍ୟ ଗସ୍ତ କରାଯିବ, ଯାହା ଶିଳ୍ପ ସମ୍ପର୍କକୁ ଆହୁରି ମଜବୁତ କରିବ। ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ସରକାରୀ ଅଧିକାରୀମାନେ ସାମିଲ ହେବେ । ଏହି ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦୃଢ଼ ଭିତ୍ତିଭୂମି ଏବଂ ଦକ୍ଷ ମାନବସମ୍ବଳ ସହିତ ଓଡ଼ିଶା ନିବେଶକମାନଙ୍କ ପାଇଁ ଶ୍ରେଷ୍ଠ ପସନ୍ଦଯୋଗ୍ୟ ନିବେଶ ସ୍ଥାନ ଭାବେ ଆକର୍ଷଣର କେନ୍ଦ୍ର ହୋଇଛି। ଗୁଜରାଟ ଗସ୍ତ ଆମ ରାଜ୍ୟର ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ନିବେଶ ଆକର୍ଷଣ ଓ ବ୍ୟାପକ ନିଯୁକ୍ତି ସୁଯୋଗ ପାଇଁ ଏହି ଗସ୍ତ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।



## ରାଜ୍ୟ କାର୍ଯ୍ୟାଳୟରେ ବିଜେପିର ବିଜୟ ଉତ୍ସବ

# ଜନସେବା ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଐତିହାସିକ ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀର ଜନସାଧାରଣ ଯେଉଁ ଜନମତ ଦେଇଛନ୍ତି, ତାହା ଗଣତନ୍ତ୍ରର ବିଜୟ। ଆମ ଦଳର ନୀତି ଓ ଆଦର୍ଶ ଉପରେ ଲୋକଙ୍କର ଭରସା ବୃଦ୍ଧି ପାଇଛି। ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ, ବରଂ ଜନସେବା ପ୍ରତି ଥିବା ଆମର ପ୍ରତିବଦ୍ଧତାର ପ୍ରତିଫଳନ। ପଶ୍ଚିମବଙ୍ଗର ଭାଇଭଉଣୀମାନେ ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି। ଆସାମର ଜନସାଧାରଣ ସ୍ଥିରତା ଓ ସୁଶାସନକୁ ବାଛିଛନ୍ତି। ପୁଡୁଚେରୀରେ ଲୋକମାନେ ପରିବର୍ତ୍ତନ ପାଇଁ ଆମ ଉପରେ ବିଶ୍ୱାସ ରଖିଛନ୍ତି। ଏହି ସଫଳତା ପ୍ରମାଣ କରୁଛି ଯେ, ଲୋକମାନେ ସକାରାତ୍ମକ ରାଜନୀତିକୁ ପସନ୍ଦ କରନ୍ତି। ଆମ ଦଳର ପ୍ରତ୍ୟେକ କର୍ମକର୍ତ୍ତାଙ୍କ ନିଷ୍ଠା ଆଜି ଫଳପ୍ରଦ ହୋଇଛି। ଓଡିଶାର ମାଟିରୁ ଆରମ୍ଭ ହୋଇଥିବା ଆମର ଏହି ବିଜୟ ଯାତ୍ରା ଏବେ ସାରା ଦେଶରେ ପରିଚିତ। ଆମେ କେବଳ ନିର୍ବାଚନ ଜିତିବାକୁ ଚାହୁଁନାହୁଁ, ବରଂ ପ୍ରତିଟି ମଣିଷର ହୃଦୟ ଜିତିବାକୁ ଚାହୁଁ। ରାଜନୀତିରେ ଜୟ ପରାଜୟ ଲାଗିରହେ, କିନ୍ତୁ ଜନସେବା ସର୍ବଦା ଜାରି ରହିବା ଉଚିତ। ପଡୋଶୀ ରାଜ୍ୟଗୁଡିକରେ ଆମର ଏହି ସଫଳତା ଓଡିଶାର ଗୌରବକୁ ଆହୁରି ବୃଦ୍ଧି କରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜୟ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଏହା କହିଛନ୍ତି। ସେ କହିଛନ୍ତି ଯେ, ଆଜିର ଏହି ବିଜୟ ଉତ୍ସବ ହେଉଛି ନୂଆ ସଂକଳ୍ପ ନେବାର ସମୟ। ଆମେ ଗରିବ, ଚାଷୀ ଓ ମହିଳାମାନଙ୍କ ସଶକ୍ତିକରଣ ପାଇଁ କାମ କରିବା। ପ୍ରତିଟି ଗାଁ ଓ ସହରରେ ବିକାଶର ଧାରାକୁ ପହଁଚାଇବା ଆମର ଲକ୍ଷ୍ୟ। ଓଡିଶା ଆଜି ସାରା ଦେଶକୁ ମାର୍ଗଦର୍ଶନ କରୁଛି। ସତ୍ୟ ଓ ନ୍ୟାୟର ସବୁବେଳେ ଜୟ ହୁଏ। ତାହା ଆଜି ପୁଣି ପ୍ରମାଣିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ନବ ନିର୍ବାଚିତ ପ୍ରତିନିଧିମାନେ ନିଜ ଅଂଚଳରେ ଆଦର୍ଶ ଜନପ୍ରତିନିଧି ଭାବେ କାର୍ଯ୍ୟ କରନ୍ତୁ। ଲୋକଙ୍କ ସେବା ପାଇଁ ସର୍ବଦା ତତ୍ପର ରୁହନ୍ତୁ। ଶାସନ ଓ ପ୍ରଶାସନ ମଧ୍ୟରେ ଥିବା ଦୂରତାକୁ କମାନ୍ତୁ। ଦଳର ବରିଷ୍ଠ ନେତାମାନଙ୍କ ସଠିକ୍ ଦିଗଦର୍ଶନ ପାଇଁ ଆଜି ଏହି ସଫଳତା ହାସଲ ହୋଇଛି। ଏକଜୁଟ ହୋଇ କାମ କଲେ ସଫଳତା ନିଶ୍ଚିନ୍ତ ମିଳିବ। ଏହି ଏକତା ହିଁ ଆମର ଅସଲ ଶକ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ଓ ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସଫଳ ନେତୃତ୍ୱ ଏବଂ ଜନକଲ୍ୟାଣ ନୀତି ଉପରେ ଅତୁଟ ବିଶ୍ୱାସ ରହିଛି, ଯାହା ଆଜି ବିଧାନସଭା ନିର୍ବାଚନର ଐତିହାସିକ ଫଳାଫଳରେ ପୁଣି ଥରେ ପ୍ରତିଫଳିତ ହୋଇଛି। ପଶ୍ଚିମବଙ୍ଗରେ ପ୍ରଥମ ଥର, ଆସାମରେ ଲଗାତାର ତୃତୀୟ ଥର ଏବଂ ପୁଡୁଚେରୀରେ ଦ୍ୱିତୀୟ ଥର ପାଇଁ ବିଜେପି ନେତୃତ୍ୱରେ ଏନଡିଏ ମେଂଟ ସରକାର ଗଠନ କରିବା ହେଉଛି ଏହି ବିଶାଳ ବିଶ୍ୱାସର ପରିଣାମ। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକର୍ତାମାନେ ବାଣ ଫୁଟାଇ, ବାଜା ବଜାଇ, ମିଠା ଓ ଝାଲମୁଢ଼ି ଖାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ରାଜସ୍ୱ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭାପତି ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ମନ୍ତ୍ରୀ ରବି ନାରାୟଣ ନାୟକ, ଡ.ମୁକେଶ ମହାଲିଙ୍ଗ, ଗୋକୁଳାନନ୍ଦ ମଲ୍ଲିକ, ସଂପଦ ସ୍ୱାଇଁ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସାଂସଦ ସୁକାନ୍ତ ପାଣିଗ୍ରାହୀ, ଡ.ବିଭୁ ପ୍ରସାଦ ତରାଇ, ଡ.ରବି ନାରାୟଣ ବେହେରା, ସୁଜିତ କୁମାର, ବିଧାୟକ ପ୍ରକାଶ ସେଠୀ, ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ବିଙ୍ଗଚି ନାରାୟାଣ ତ୍ରିପାଠୀ, ସୀମାଂଚଳ ଖଟାଇ ପ୍ରମୁଖଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## କର୍ମଚାରୀଙ୍କ ଅର୍ଥ ହେରଫେର ଅଭିଯୋଗ

# ଉଦ୍ୟୋଗପତିଙ୍କୁ ଉଠାଇଲା କଟକ ପୁଲିସ

ଜଟଣୀ, (ସବ୍ୟୁ): ସ୍ଥାନୀୟ ଗଡ଼ ରଥିପୁର ଅଂଚଳର ଜଣେ ବିଶିଷ୍ଟ ଉଦ୍ୟୋଗପତି ବୋଲାଉଥିବା ପ୍ରତାପ ଚନ୍ଦ୍ର ସାମନ୍ତରାୟ ବର୍ତ୍ତମାନ ଚୌଦ୍ୱାର ଜେଲରେ ଥିବା ଜଣାପଡିଛି। ରବିବାର ସକାଳୁ ଜଟଣୀ ପୋଲିସ ସହାୟତାରେ କଟକ କ୍ୟାଣ୍ଟନମେଣ୍ଟ ଥାନାର ସ୍ୱତନ୍ତ୍ର ପୋଲିସ ଟିମ ତାଙ୍କୁ ଘରୁ ଉଠାଇ ନେଇଛି । ରାଜ୍ୟରେ ଯୋଉ ୧୧୨ ଏମରଜେନ୍ସି ଗାଡ଼ି ଚାଲିଛି ପୁଲିସ ବିଭାଗ ସେଗୁଡିକ ପରିଚାଳନା କରିବା ପାଇଁ ଠିକା ସଂସ୍ଥାକୁ ଦେଇଥାନ୍ତି । ପ୍ରତାପଙ୍କ ପରିଚାଳିତ ସଂସ୍ଥା ମାଧ୍ୟମରେ ଟୁଇନ ସିଟିରେ ୧୪୯ ଜଣ କର୍ମଚାରୀ କାମ କରୁଥିବା ବେଳେ ଲୋକଙ୍କୁ କାମ କରାଇ ବର୍ଷେ ହେବ ସେମାନଙ୍କର ଇପିଏଫ ଅର୍ଥ ୪୦ ଲକ୍ଷ ଟଙ୍କା ଜମା ନକରିବା ତଥା ଅନ୍ୟାନ୍ୟ କ୍ଷେତ୍ରରେ ପାଖାପାଖି ଦେଢ଼ କୋଟି ଟଙ୍କା ହଡପ ଅଭିଯୋଗରେ କଟକ ପୋଲିସ ତାଙ୍କୁ ଘରୁ ଉଠାଇ ନେଇଥିବା ଜଟଣୀ ପୋଲିସ ସୂଚନା ପ୍ରଦାନ କରିଛନ୍ତି । ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କୁ କଟକ ଚୌଦ୍ୱାର ଜେଲକୁ ପଠାଇଦେଇଥିବା ପୁଲିସ ସୂତ୍ରରୁ ପ୍ରକାଶ । ସୂଚନା ମୁତାବକ ପ୍ରତାପ ଚନ୍ଦ୍ର ସାମନ୍ତରାୟ ତଥା ପତିଆ ସାମନ୍ତରା ନାମରେ ପରିଚିତ ବ୍ୟକ୍ତି ଜଣକ,ଉତ୍କଳ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ରୂପେ ଜଣାଶୁଣା ।

# ସାଧନା ଆର୍ଟ ଏଣ୍ଡ କଲଚର ପକ୍ଷରୁ ରାଜ୍ୟ ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା

ଭୁବନେଶ୍ୱର (ସବ୍ୟୁ): କଳା ଓ ସଂସ୍କୃତି ଭିତ୍ତିକ ଅଗ୍ରଣୀ ଅନୁଷ୍ଠାନ ସାଧନା ଆର୍ଟ ଏଣ୍ଡ କଲଚର ପୋଖରୀପୁଟ, ଭୁବନେଶ୍ୱର ତରଫରୁ ଅନ୍ୱେଷଣ -୨୦୨୬ ରାଜ୍ୟ ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଓ" ଓଡିଶୀ ସଙ୍ଗୀତ ସନ୍ଧ୍ୟା ୩ତାରିଖରେ ଜୟଦେବ ଭବନ ଭୁବନେଶର ଠାରେ ଉଦଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାକ୍ତନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଶନ୍ନ କୁମାର ସ୍ୱାଇଁ , ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଭୁବନେଶ୍ୱରର ଓଡିଶୀ ସଙ୍ଗୀତ ବିଭାଗର ମୁଖ୍ୟ ଗୁରୁ କେଶବ ଚରଣ ରାଉତ ଓ ଅବସରପ୍ରାପ୍ତ ପ୍ରଶାସକ ପ୍ରକାଶ ଚନ୍ଦ୍ର ମିଶ୍ର , ଅନୁଷ୍ଠାନ ର ମୁଖ୍ୟ ସୁଧାଂଶୁ କୁମାର ବିଶ୍ୱାଳ ଯୋଗଦାନ କରି ଥିଲେ। ଅନୁଷ୍ଠାନ ର ସଭାପତି ଗୁରୁ ପ୍ରଫେସର ରାମହରି ଦାସ ସଭାପତିତ୍ୱ କରିଥିଲେ ଓ ସମ୍ପାଦିକା ଶାଳିନୀ ବିଶ୍ୱବାଳ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠ ଶିଳ୍ପୀ ରୁପକ କୁମାର ପରିଡ଼ା, ହିମାଂଶୁ ଶେଖର ସ୍ୱାଇଁ,ସାଗରୀକା କୁଣ୍ଡୁ, ମାତୃ ପ୍ରସାଦ ଦାସ୍, ବିଜୟଲକ୍ଷ୍ମୀ ରାଉତ ରାଏ , ସୁଧାଂଶୁ କୁମାର ବିଶ୍ୱାଳ ଓ ପ୍ରଫୁଲ୍ଲ ବେଉରା ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଶୟା ସାହୁ ଓ ମାନସ ଦାସ ଉକ୍ତ କାର୍ଯ୍ୟକ୍ରମକୁ ମଞ୍ଚ ପରିଚାଳନା କରିଥିଲେ।



## କଣାସ ଗୋଲା ବଜାର ଆକ୍ରମଣ ଘଟଣା

# ଯୁବକକୁ ପନିକିରେ ହାଣିବା ଓ ବୁଲେଟ୍ ଚଢାଇବା ଅଭିଯୋଗରେ ୪ ଦୁର୍ବୃତ୍ତ ଗିରଫ

ପୁରୀ/ସାକ୍ଷୀଗୋପାଳ/କଣାସ (ସବ୍ୟୁ) : ରବିବାର ସ୍ୱଷ୍ଟ ଦିବାଲୋକରେ କଣାସ ପଞ୍ଚାୟତ ଅଫିସ ନିକଟ ଗୋଲା ବଜାର ଛକରେ ଜଣେ ଯୁବକକୁ କେତେକ ଦୁର୍ବୃତ୍ତ ସଂଘ ବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ଓ ଛାତି ଉପରେ ବୁଲେଟ୍ ଚଢାଇ ହତ୍ୟା କରିବା ଉଦ୍ୟମ ଅଭିଯୋଗରେ କଣାସ ଥାନା ପୋଲିସ ସୋମବାର ଚାରି ଜଣ ଅଭିଯୁକ୍ତକୁ ଗିରଫ କୋର୍ଟ ଚାଲାଣ କରିଛି। ପୋଲିସ ଘଟଣା ସ୍ଥଳରୁ ମାରଣାସ୍ତ୍ର ମାଛ କଟା ପନିକି ଜବତ କରିଛି। ଏଥି ସହିତ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ ଜବତ କରିଛି।

ଗିରଫ ହୋଇ ଥିବା ଅଭିଯୁକ୍ତମାନେ ହେଲେ କଣାସ ଥାନା ଅଧିନ ଦୋକନ୍ଦା ଗ୍ରାମର ଧର୍ମା ଓରଫ ନିରଞ୍ଜନ ବଡ଼ଜେନା(୨୧), ବାପି ଓରଫ ଚନ୍ଦ୍ରକାନ୍ତ ଜେନା(୩୯), ତେନ୍ତୁଳି ଗ୍ରାମର ପିଣ୍ଟୁ ଓରଫ ଚିନ୍ମୟ ଗଜେନ୍ଦ୍ର( ୨୧) ଓ ସିରେଇ ଗ୍ରାମର ଅଜୟ ବଳିଆରସିଂ। ସମସ୍ତ ଅଭିଯୁକ୍ତ ମାନେ ହେଲେ କଣାସ ଅଞ୍ଚଳର। ପୋଲିସ ସୂଚନା ଅନୁସାରେ ରବିବାର ସକାଳ ୮ ଟା ୩୫ ମିନିଟ୍ ସମୟରେ କଣାସ ଥାନା ଅନ୍ତର୍ଗତ ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରୀମଲ ନାମକ ଜଣେ ଯୁବକ ଗୋଲା ବଜାରକୁ ଯାଇ ଥିଲା। ହଠାତ ଏକ ଟିଭିଏସ ସ୍କୁଟି ଓ ବୁଲେଟ୍ ମୋଟର ସାଇକେଲରେ ଗିରଫ ଦୁର୍ବୃତ୍ତ ମାନେ ଆସି ମୃତ୍ୟୁଞ୍ଜୟକୁ ରାସ୍ତାରେ ଅଟକାଇ ଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗିରଫ ହୋଇ ଥିବା ଅଭିଯୁକ୍ତମାନେ ହଠାତ୍ ସେଠାରେ ଥିବା ଏକ ପନିକ ଆଣି ମୃତ୍ୟୁଞ୍ଜୟକୁ ଅତି ନିର୍ମମ ଭାବେ ଆକ୍ରମଣ କରି ଥିଲେ।

ଦୁର୍ବୃତ୍ତମାନେ ନେ ମୃତ୍ୟୁଞ୍ଜୟର ଶରୀର ବିଭିନ୍ନ ସ୍ଥାନ ଗୋଡ ଓ ହାତକୁ ହାଣି ଅଲଗା କରି ଦେଇ ଥିଲେ। ଫଳରେ ପୀଡ଼ିତ ଯନ୍ତ୍ରଣାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ୍ୟୁଞ୍ଜୟ ତଳେ ପଡ଼ି ଯାଇଥିଲେ। ଦୁର୍ବୃତ୍ତ ମାନେ ଜୀବନରେ ମାରି ଦେବା ଉଦ୍ଦେଶ୍ୟରେ ମୃତ୍ୟୁଞ୍ଜୟର ଛାତି ଉପରେ ବୁଲେଟ୍ ଚଢ଼ାଇ ଦେଇଥିଲେ। ଘଟଣା ସ୍ଥଳରରେ ଶହ ଶହ ଲୋକ ଛିଡ଼ା ହୋଇ ଥିଲେ ମଧ୍ୟ କେହି ଦୁବୁତଙ୍କ ସମ୍ମୁଖକୁ ଆସି ଅଟକିବାକୁ ସାହାସ କରି ନ ଥିଲେ। ଖବର ପାଇ କଣାସ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ମୃତ୍ୟୁଞ୍ଜୟକୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇ ଥିଲେ। ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରା ଯାଇଛି। ମୃତ୍ୟୁଞ୍ଜୟଙ୍କ ବଡ ଭାଇ ସୌମ୍ୟ ରଞ୍ଜନଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ କେସ ନମ୍ବର ୧୦୬/୨୬ରେ ବିଏନ୍ଏସର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ତଦନ୍ତ ସମୟରେ ଜଣା ପଡି ଥିଲା ପୀଡ଼ିତ ମୃତ୍ୟୁଞ୍ଜୟ ଓ ଦୁର୍ବୃତ୍ତ ମାନେ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି। ପୀଡ଼ିତ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଛି। ସେହି କାରଣକୁ ନେଇ ଦୁର୍ବୃତ୍ତ ମାନେ ପୀଡ଼ିତ ମୃତ୍ୟୁଞ୍ଜୟକୁ ଜୀବନରେ ସଂଘ ବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଦୁରୁତଙ୍କୁ ଧରିବା ପାଇଁ ବଛା ବଛା ପୋଲିସ ଅଧିକାରୀ, କଣାସ ଥାନା ପୋଲିସ, ସ୍ପେସାଲ୍ ସ୍କାଡକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଦୁର୍ବୃତ୍ତ ମାନଙ୍କ ଧରିବା ପାଇଁ ସେମାନଙ୍କ ମୋବାଇଲ ନମ୍ବରକୁ ଟ୍ରାକିଙ୍ଗ କରା ଯାଇ ଥିଲା। ପୋଲିସ ସମସ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟ ଜାମିନ ଆବେଦନ ଖାରଜ କରି ଜେଲକୁ ପଠାଇ ଦେଇଛନ୍ତି।

## ଆଇଏମ୍ସି ପକ୍ଷରୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ

# ଉଦ୍‌ଘାଟନ କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରର ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଇଣ୍ଡିୟାନ୍ ମିଡିଆ କଂଗ୍ରେସ୍ (ଆଇଏମ୍ସି ) ଆନୁକୂଲ୍ୟରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଅଛି। ମୁଖ୍ୟ ଉପଦେଷ୍ଟା ଡକ୍ଟର ପବିତ୍ର ମୋହନ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଯାଜପୁର ସାଂସଦ ଡକ୍ଟର ରବି ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣ ମାଧ୍ୟମର ପ୍ରତିନିଧିମାନଙ୍କ ଭୂମିକା, ଦାୟିତ୍ୱ ବୋଧ ଏବଂ ସାମ୍ବାଦିକତାର ମୂଲ୍ୟବୋଧ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ସହିତ ସାମ୍ବାଦିକମାନଙ୍କ ସ୍ୱାଧୀନତା, ସୁରକ୍ଷା ଓ ଆର୍ଥିକ ଉନ୍ନତି ସମ୍ପର୍କରେ ଆଲୋଚନା ରଖିଥିଲେ। ଅପର ପକ୍ଷରେ 'ନନ୍ଦୀ ଲାଇଭ୍‌ର ମୁଖ୍ୟ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୟ ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମ୍ବିଧାନରେ ସାମ୍ବାଦିକତାର ମୂଲ୍ୟବୋଧକୁ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହ କେବଳ ସତ୍ୟର ଅନୁସନ୍ଧାନ ଖବର କରିବା ହିଁ ସାମ୍ବାଦିକତାର ଧର୍ମ ବୋଲି ପ୍ରକାଶ କରିଥିଲେ। ଦୈନିକ 'ସମୟ'ର ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ର ସ୍ୱତନ୍ତ୍ର ବକ୍ତାଭାବେ ଯୋଗଦାନ କରି ବିଶ୍ୱ ପ୍ରେସ୍ ସ୍ୱାଧିନତା ଦିବସ ସାରା ବିଶ୍ୱରେ ପାଳନ କରାଯାଉଥିବା ବେଳେ ସାମ୍ବାଦିକମାନଙ୍କ ଏହି ମହାନ ଉତ୍ସବର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହିମ୍ମତର ମୁଖ୍ୟ ସଂପାଦକ ଉମାକାନ୍ତ ପଟ୍ଟନାୟକ ଯୋଗଦେଇ ସାମ୍ବାଦିକ ମାନଙ୍କ ସୁରକ୍ଷା ଏବଂ ପ୍ରେସ୍ ସ୍ୱାଧିନତାର ମୂଲ୍ୟାୟନକରି ଆଗାମୀ ଭବିଷ୍ୟତରେ ମିଳିମିଶି କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଆଇଏମ୍ସିର ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ହିମ୍ମତ୍ର ସମ୍ପାଦକ କମଳାକାନ୍ତ ଦାଶ ପ୍ରାରମ୍ଭରେ ଆଇଏମ୍ସିର ସଂକ୍ଷିପ୍ତ ବିବରଣୀ ଦେଇ ଗଣମାଧ୍ୟମର ଭୂମିକାକୁ ବର୍ଣ୍ଣନା କରିଥିଲେ ଏବଂ ୨୦୩୬ ବେଳକୁ ଗଣମାଧ୍ୟମର ରୂପରେଖାର ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଉପଦେଷ୍ଟା ଡକ୍ଟର ସାମନ୍ତରାୟ ଆଇଏମ୍ସି ସଂଗଠନ ସହ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସାମିଲ କରିବା ଏବଂ ସାମ୍ବାଦିକମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆୟୋଜିତ ଉତ୍ସବରେ ଦୈନିକ 'ହିମ୍ମତ୍' ଖବର କାଗଜ ଓ ରଙ୍ଗୀନ ପତ୍ରିକା 'ଓଲିଉଡ୍ ନିୟୁଜ୍'ର ବିଶେଷ ସଂଖ୍ୟା ଲୋକାର୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଚିଦାମ୍ବିକା ଖଟୁଆ, ସଭାପତି ସଂଜୟ କୁମାର ଦାସ, ସାଧାରଣ ସଂପାଦକ ପ୍ରଦ୍ୟୁମ୍ନ କୁମାର ଦାଶ ଓ କୋଷାଧ୍ୟକ୍ଷ ପ୍ରଶନ୍ନ ପୃଷ୍ଟିଙ୍କ ସମେତ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଜିଲ୍ଲାରୁ ପ୍ରମୁଖ ସାମ୍ବାଦିକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ୨୦୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ପରିଶେଷରେ ଜ୍ୟୋତିର୍ବିଦ ପଣ୍ଡିତ ହରସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାପାଳଙ୍କ ଜନଶୁଣାଣି

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗଦେଇଥିଲେ।

ଜିଲ୍ଲାପାଳ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖି ଅଭିଯୋଗ ଗୁଡ଼ିକର ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୯୩ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୭ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୬ ଗୋଟି ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ତତ୍କାଳ ୦୬ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ନାଚୁଣୀ ହରିଚନ୍ଦନପୁର ର ବେବି ପଲାଇଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ହଜାର ଓ ମାଳତୀ ପଲାଇ ୧୦ ହଜାର ଏବଂ ଚିଲିକା ହାଟବରଡି ତରାପି ର ବୀଣାପାଣି ସୁବୁଦ୍ଧିଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଡିଓ, ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗଦେଇଥିଲେ।



# ବୟନିକା : ନିଜ ଐତିହ୍ୟକୁ ପରିଧାନ କରନ୍ତୁ

ଭୁବନେଶ୍ୱର (ସବ୍ୟୁ): ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା), ୧୯୫୬ ମସିହାରେ ଓଡିଶା ସରକାରଙ୍କ ପ୍ରୟାସରେ ସ୍ଥାପିତ, ଆଜି ଭାରତର ହସ୍ତତନ୍ତ ପରିଦୃଶ୍ୟରେ ଏକ ଗୌରବମୟ ଓ ପ୍ରତିଷ୍ଠିତ ସଂସ୍ଥା ଭାବେ ପରିଚିତ। ୫ ମଇ ୨୦୨୬ ତାରିଖରେ ବୟନିକା ତାହାର ସପ୍ତଦଶକୀୟ ଯାତ୍ରା ପୂର୍ଣ୍ଣ କରୁଛି ଏବଂ ଏହି ସୁବର୍ଣ୍ଣ ସନ୍ଧିକ୍ଷଣ କେବଳ ସମୟର ଅତିକ୍ରମ ନୁହେଁ, ବରଂ ଏକ ଦୃଢ଼ ଦୃଷ୍ଟିକୋଣର ସଫଳ ପରିଣତି—ଯାହା ଗ୍ରାମୀଣ ଓଡିଶାର ହସ୍ତତନ୍ତକୁ ଦେଶ ଓ ବିଶ୍ୱର ବଜାର ସହିତ ସଂଯୋଗ କରି, ବୁଣାକାରମାନଙ୍କର ଜୀବିକା ଓ ମର୍ଯ୍ୟାଦାକୁ ସୁରକ୍ଷିତ କରିଆସିଛି। ଏମିତି ଏକ ସମୟରେ ଏହାର ଜନ୍ମ ହୋଇଥିଲା, ଯେତେବେଳେ ପାରମ୍ପରିକ ବୁଣାକାରଶିଳ୍ପୀମାନେ ବଜାର ଅଭାବ, ମଧ୍ୟସ୍ଥଙ୍କ ନିର୍ଭରତା, ଓ ହ୍ରାସ ପାଉଥିବା ପ୍ରତିଷ୍ଠା ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେହି ପରିପ୍ରେକ୍ଷିରେ ବୟନିକା ଏକ ବିଶ୍ୱସନୀୟ ଓ ସଂଗଠିତ ମଞ୍ଚ ଭାବେ ଆଗକୁ ଆସି, ପ୍ରତିଷ୍ଠାପିତ କରିଥିଲା ନ୍ୟାୟସଙ୍ଗତ ବ୍ୟବସାୟ, ପାରଦର୍ଶିତା, ସୁସ୍ଥିର ଜୀବିକାର ପଥ ଓ ଆର୍ଥିକ ସୁଯୋଗ । ସୀମିତ ସମ୍ପଦ ଓ ଛୋଟ ପରିସରରୁ ଆରମ୍ଭ କରିଥିବା ଏହି ସଂସ୍ଥା ଆଜି ଏକ ସଶକ୍ତ ଓ ବହୁମୁଖୀ ସଂଗଠନରେ ପରିଣତ ହୋଇଛି, ଯାହା ହେଉଛି ଅନବରତ ପ୍ରଗତି ଓ ଦୃଢ଼ ସଙ୍କଳ୍ପର ଫଳ । ବୟନିକା ଓଡିଶା ସହିତ ନୂଆଦିଲ୍ଲୀ ଓ କଲିକାତା ପର୍ଯ୍ୟନ୍ତ ୪୦ଟି ବିକ୍ରୟ କେନ୍ଦ୍ର ଚାଳନା କରୁଛି। ଏହି କେନ୍ଦ୍ରଗୁଡିକ କେବଳ ବିକ୍ରୟ ସ୍ଥଳ ନୁହେଁ, ବରଂ ଓଡିଶାର ସାଂସ୍କୃତିକ ପରିଚୟର ଜୀବନ୍ତ ପ୍ରତୀକ, ଯେଉଁଠାରେ ପ୍ରତ୍ୟେକ ବସ୍ତ୍ର ଏକ ଐତିହ୍ୟ, କୌଶଳ ଓ ମାଟିର ସ୍ପର୍ଶକୁ ବହନ କରେ। ୨୦୨୫–୨୬ ଆର୍ଥିକ ବର୍ଷରେ ବୟନିକା ୨୩୩ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬–୨୭ ପାଇଁ ୨୮୦ କୋଟିର ଲକ୍ଷ୍ୟ ଧାରଣ କରିଛି। ପରିବର୍ତ୍ତିତ ସମୟ ସହିତ ବୟନିକା ନିଜକୁ ଆଧୁନିକ ପଥରେ ଆଗେଇ ନେଇଛି, କିନ୍ତୁ ତାହାର ମୂଲ୍ୟବୋଧକୁ କେବେ ଛାଡ଼ିନାହିଁ। ଇ-କମର୍ସ ମାଧ୍ୟମରେ ଏହା ଓଡିଶାର ହସ୍ତତନ୍ତ ବସ୍ତ୍ରକୁ ଦେଶ ଓ ବିଶ୍ୱର ଗ୍ରାହକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇଛି। ସେହିପରି, ରଜଚ ପ୍ରଣାଳୀର ପ୍ରୟୋଗ ସଂସ୍ଥାର ପରିଚାଳନା, ଭଣ୍ଡାର ବ୍ୟବସ୍ଥାପନା ଓ ଆର୍ଥିକ ପ୍ରକ୍ରିୟାକୁ ଅଧିକ ସୁସଂଗଠିତ ଓ ପାରଦର୍ଶୀ କରିଛି। ଏହା ସହିତ, ଆନ୍ତର୍ଜାତୀୟ ମାନଦଣ୍ଡକୁ ଅନୁସରଣ କରି ଏବଂ ବିଭିନ୍ନ ବ୍ୟବସାୟିକ ମଞ୍ଚରେ ଯୋଗଦାନ କରି ବୟନିକା ରପ୍ତାନି କ୍ଷେତ୍ରରେ ମଧ୍ୟ ନିଜ ସ୍ଥାନ ସୃଷ୍ଟି କରିଛି। ବୟନିକାର ଯାତ୍ରାର ଆଉ ଏକ ମୁଖ୍ୟ ଦିଗ ହେଉଛି ସଂସ୍ଥାଗତ ଓ ବି-ଟୁ-ବି ବିକ୍ରୟ କ୍ଷେତ୍ରର ସୁଦୃଢ଼ିକରଣ। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଙ୍କର ଆବଶ୍ୟକତା ପୂରଣ କରି, ଏହା ନିରନ୍ତର ଚାହିଦା ସୃଷ୍ଟି କରିବା ସହିତ ବୁଣାକାର ମାନଙ୍କ ପାଇଁ ସ୍ଥିର ଆୟର ଅବସର ନିଶ୍ଚିତ କରିଛି। ଏହା ସହିତ ଜାତୀୟ ଓ ରାଜ୍ୟସ୍ତରର ପ୍ରଦର୍ଶନୀ, ମେଳା, ଏବଂ କ୍ରେତା ବିକ୍ରେତା ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ବୟନିକା ନିଜର ପରିଚୟକୁ ଆହୁରି ବିସ୍ତାର କରିଛି ଏବଂ ଓଡିଶାର ବୁଣାକଳାକୁ ବିଶାଳ ମଞ୍ଚରେ ଉପସ୍ଥାପିତ କରିଛି। ତଥାପି, ବୟନିକାର ସଫଳତା କେବଳ ତାହାର ବିସ୍ତାରରେ ନୁହେଁ, ବରଂ ତାହାର ପ୍ରତିଷ୍ଠିତ ବିଶ୍ୱାସରେ ନିହିତ। ସରକାରୀ ସଂସ୍ଥା ଭାବେ ଏହା ସଦା ନିଷ୍ଠା, ପାରଦର୍ଶିତା ଓ ନିଜସ୍ୱତାକୁ ଅତୁଟ ରଖି, ଗ୍ରାହକଙ୍କ ମନରେ ଏକ ଅଦ୍ୱିତୀୟ ବିଶ୍ୱାସ ସୃଷ୍ଟି କରିଛି।

# ଘରେ ପଶି ବୃଦ୍ଧାଙ୍କୁ ଆକ୍ରମଣ, ୨ ଭାଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଜଣେ ବୃଦ୍ଧା ଘରେ ଏକାକୀ ଥିବା ବେଳେ ତାଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ ହୋଇଥିଲା । ସେହିପରି ଘରେଥିବା ଆସବାବପତ୍ର ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଢାମଣା ସାହିର କେ. ସୁନୀଲ ପାତ୍ର (୧୯) ଏବଂ ତାଙ୍କ ବଡ ଭାଇ କେ. ଦଣ୍ଡ ପାତ୍ର (୨୪) । ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ନାମରେ ପୂର୍ବରୁ ମଧ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି । ମାମଲା ନଂ ୧୫୯/୨୬ରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଢାମଣା ସାହିର ବୃଦ୍ଧା ମହିଳା କେ. ମାଙ୍ଗାମା ପାତ୍ରଙ୍କ ଦୁଇ ପୁଅ ଘରେ ନଥିବା ବେଳେ ତାଙ୍କ ପଡ଼ୋଶୀ କେ. ଦଣ୍ଡ ପାତ୍ର, କେ. ସୁନୀଲ ପାତ୍ର, କେ. ଜାନକୀ ପାତ୍ର ଓ କେ. କଳ୍ପନା ପାତ୍ର ଜୋରଜବରଦସ୍ତ ତାଙ୍କ ଘରେ ପଶିଥିଲେ । ମାଙ୍ଗାମା ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ । ତାଙ୍କ ତଣ୍ଟି ଚିପି ଧରି ହତ୍ୟା ଉଦ୍ୟମ କରିଥିଲେ । ସେ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ । ସେହି ସମୟରେ ତାଙ୍କୁ ବଞ୍ଚାଇବାକୁ ଆସିଥିବା ଡି. ଶିବ ଶଙ୍କର ପାତ୍ରଙ୍କୁ ମଧ ଅଭିଯୁକ୍ତମାନେ ଆକ୍ରମଣ କରି ଆହତ କରିଥିଲେ । ପରେ ଘଟଣାକୁ ନେଇ ମାଙ୍ଗମା ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଦୁଇ ଭାଇଙ୍କୁ ପୋଲିସ କାବୁ କରିଥିଲା ।

# ରୂପାଳୀ ମୃତ୍ୟୁ ଘଟଣା, ନ୍ୟାୟ ଅପେକ୍ଷାରେ ପରିବାର

ବାରିପଦା, (ସବ୍ୟୁ) : ଗତ ୧୨ଏପ୍ରିଲ ରାସଗୋବିନ୍ଦପୁର ବ୍ଲକ ଅନ୍ତରଗତ କାକବନ୍ଧ ସରକାରୀ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ପ୍ରାଣ ହରାଇଥିବା ଛାତ୍ରୀ ରୂପାଲୀ ବେହେରାଙ୍କ ମୃତ୍ୟୁକୁ ନେଇ ଜିଲ୍ଲାରେ ଉତ୍ତେଜନା ପ୍ରକାଶ ପାଇଛି । ଏହି ଅଭାବନୀୟ ଘଟଣାରେ ପରିବାରକୁ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ମୟୂରଭଞ୍ଜ ଜିଲ୍ଲା ବଜରଙ୍ଗ ସେନା ଏବଂ ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ଏକ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କୁ ଦିଆଯାଇଛି । ଅଭିଯୋଗ ଅନୁଯାୟୀ ସ୍ୱର୍ଗତ ରୂପାଲୀଙ୍କ ଶବ ନେଇ ଯାଉଥିବା ଆମ୍ବୁଲାନ୍ସ ଉପରକୁ କିଛି ଦୁର୍ବୃତ୍ତ ପଥରମାଡ଼ କରିବା ସହ ନିଆଁ ହୁଳା ଫିଙ୍ଗିଥିବା ଭଳି ଏକ ସମ୍ବେଦନଶୀଳ ଅଭିଯୋଗ ସାମ୍ନାକୁ ଆସିଥିଲା । ରୂପାଲୀଙ୍କ ଶବ ନେଇ ଆସିଥିବା ଆମ୍ବୁଲାନ୍ସର କାଚ ଭାଙ୍ଗି ମୃତକଙ୍କ ପରିବାର ଲୋକଙ୍କୁ ମାଡ଼ ମରାଯାଇଥିଲା । ଏପରିକି ସରକାରଙ୍କ ପକ୍ଷରୁ ମିଳିଥିବା ସହାୟତା ରାଶି ୨ଲକ୍ଷ ଟଙ୍କାକୁ ଜବରଦସ୍ତି ପୋଡ଼ି ଦେବା ପାଇଁ ଧମକ ଦିଆଯାଇଥିଲା । ମୃତକଙ୍କ ମାଆ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ ଯେ, କିଛି



ବାହାର ଲୋକ ଆସି ପରିବାରକୁ ମାରିଦେବାକୁ ଯୋଜନା କରିଥିଲେ । ଏଥିରେ ସ୍ଥାନୀୟ ବିରୋଧୀ ଦଳର ହୀନ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ସଂଗଠନ ପକ୍ଷରୁ ଦାବି କରାଯାଇଛି । ଏପରି ସମ୍ବେଦନଶୀଳ ଘଟଣାରେ ସଂପୃକ୍ତ ଥିବା ପ୍ରକୃତ ଅପରାଧୀଙ୍କୁ ୧୫ଦିନ ମଧ୍ୟରେ ଚିହ୍ନଟ କରି ଗିରଫ କରିବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି । ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ବଜରଙ୍ଗ ସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ବଳାୟ ମୁର୍ମୁ । ଏହି କାର୍ଯ୍ୟକ୍ରମରେ କାର୍ତ୍ତିକ ମହାନ୍ତ, ଅଭିଜିତ୍ ପଣ୍ଡା, ସଞ୍ଜିତ୍ ବେହେରା, ମାନସ କର୍ମକାର, ସୁମନ୍ତ ଦାଶ, ବ୍ୟୋମକେଶ ସେଜପଡ଼ା, ବିମଲ୍ ଦାସ, ମୋନାଜ୍ ବେହେରା, ଦୁର୍ଗା ସେନାପତି ଓ ସତ୍ୟରଞ୍ଜନ ଗୋଛାୟତଙ୍କ ସମେତ ସଂଘର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପରିଚାଳନାରେ ବ୍ରହ୍ମପୁର ଖୋଡ଼ାସିଙ୍ଗ ସ୍ଥିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । 'ମେଟର ଅଫ ଡ଼ି.କେ ବାସୁ ଭରସେସ ଷ୍ଟେଟ ଅଫ ଓ୍ୱେଷ୍ଟ ବେଙ୍ଗଲ' ଏବଂ 'ପରମାନେଟ ଲୋକ ଅଦାଲତର ପ୍ରତିଷ୍ଠା ଏବଂ କାର୍ଯ୍ୟ' ବିଷୟ ଉପରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ା ଏନ.ସି ପଟ୍ଟନାୟକ ଏବଂ ଗଞ୍ଜାମ ଆଇନ ମହାବିଦ୍ୟାଳୟର ଡିନ ଡ଼ା ବିନାୟକ ପଟ୍ଟନାୟକ ଉପସ୍ଥିତ ରହିବା ସହ ଉକ୍ତ ଆଇନ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପୁଷ୍ପଗିରି ଐତିହ୍ୟ ସଂଗୋଷ୍ଠୀଙ୍କ ନେପାଳଯାତ୍ରା ଜନ୍ମବେଦୀ ଲୁମ୍ବିନୀରେ ପବିତ୍ର ବୁଦ୍ଧ ଜୟନ୍ତୀ

କଟକ, (ସ୍ୱପ୍ର) : ବୈଶାଖପୂର୍ଣ୍ଣିମା ଅବସରରେ ତଥାଗତ ଗୌତମ ବୁଦ୍ଧଙ୍କ ଜନ୍ମସ୍ଥାନ ନେପାଳର ଲୁମ୍ବିନୀନଗରୀରେ ବୁଦ୍ଧଜୟନ୍ତୀ ସମାରୋହ ପାଳିତ ହୋଇଛି । ବିଶ୍ୱ ବୌଦ୍ଧ ଐତିହ୍ୟସ୍ଥଳୀ ଭାବରେ ସ୍ୱୀକୃତ ଲୁମ୍ବିନୀକୁ ଦେଶ ଓ ବିଦେଶରୁ ହଜାର ହଜାର ବୌଦ୍ଧ ସନ୍ୟାସୀ, ସନ୍ୟାସିନୀ, ବୌଦ୍ଧ ଉପାସକ ଓ ଜନସାଧାରଣ ତଥାଗତଙ୍କ ବୁଦ୍ଧଙ୍କର ୨୫୭୦ତମ ଜନ୍ମତିଥିରେ ଯୋଗ ଦେଇଥିଲେ । ସୁଦୂର ଓଡିଶାର ପୁଷ୍ପଗିରି ବୌଦ୍ଧ ମହାବିହାର ଅଞ୍ଚଳରୁ ଆସିଥିବା ଐତିହ୍ୟ ସାଂସ୍କୃତିକ ଦଳର ଛଜଣିଆ ପ୍ରତିନିଧି ସଂଗୋଷ୍ଠୀ ବୁଦ୍ଧ ଜୟନ୍ତୀର ପ୍ରାତଃକାଳରେ ଲୁମ୍ବିନୀ ଜନ୍ମବେଦୀରେ ପହଞ୍ଚି ମାୟାଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଲୁମ୍ବିନୀରେ ଥିବା କେନ୍ଦ୍ରୀୟ ବୌଦ୍ଧ ବିଶ୍ୱବିଦ୍ୟାଳୟ ଓ ନେପାଳ ପର୍ଯ୍ୟଟନ ବିଭାଗ ପରିଦର୍ଶନ କରି ଅଧ୍ୟାପକଗୋଷ୍ଠୀ, ଗବେଷିକା ଛାତ୍ରଛାତ୍ରୀ, ସାମ୍ବାଦିକଗୋଷ୍ଠୀ ଓ ବିଦେଶୀ ପର୍ଯ୍ୟଟକମାନଙ୍କ ସହିତ ଓଡ଼ିଶାର ବୌଦ୍ଧ ଐତିହ୍ୟ ଓ ପୁଷ୍ପଗିରି ମହାବିହାର ସମ୍ପର୍କରେ ଆଲୋଚନା କରିଥିଲେ । ନେପାଳର ମାନ୍ୟଗଣ୍ୟ ଲୋକମାନଙ୍କୁ ମଧ ଭେଟି ଦୁଇ ଦେଶ ମଧ୍ୟରେ ଥିବା ବୌଦ୍ଧ ପରମ୍ପରା ଓ ଐତିହ୍ୟ ଉପରେ ଆଲୋଚନା




କରାଯାଇଥିଲା । ଆସନ୍ତା ଡିସେମ୍ବରରେ ପୁଷ୍ପଗିରି ମହାବିହାରରେ ଅନୁଷ୍ଠିତ ହେବାକୁ ଯାଉଥିବା ତୃତୀୟ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହରେ ଯୋଗଦେବା ପାଇଁ ଲୁମ୍ବିନୀରେ ଯୋଗ ଦେଇଥିବା ବୌଦ୍ଧଧର୍ମାଶ୍ରିତମାନଙ୍କୁ ମଧ ନିମନ୍ତ୍ରଣ କରିଥିଲେ । ପୁଷ୍ପଗିରିରୁ ଲୁମ୍ବିନୀ ବୌଦ୍ଧ ଐତିହ୍ୟ-ସଂସ୍କୃତି ସଂଗୋଷ୍ଠୀ ଦଳରେ ଐତିହ୍ୟ ଗବେଷକ ପ୍ରକାଶ ଚନ୍ଦ୍ର ନାୟକ, ରନିଗିରି ବୌଦ୍ଧ ମହାବିହାରରୁ ଚୌଧୁରୀ ଅତୁଲ କୁମାର ମଙ୍ଗରାଜ ମହାପାତ୍ର, ଇନଟାକ ଓଡିଶା ସଦସ୍ୟ ବିପିନ ବିହାରୀ ମହାନ୍ତି, ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ , ଚନ୍ଦ୍ରଗିରିର ବୌଦ୍ଧଲାମା ଦାଓ୍ୱା ଟି ତମାଙ୍ଗ ଓ ବରିଷ୍ଠ ସାମ୍ବାଦିକ ଆଶିଷ କୁମାର ସେନାପତି ପ୍ରମୁଖ ଭାରତ-ନେପାଳ ଆନ୍ତର୍ଜାତିକ ବୌଦ୍ଧ ଗବେଷଣା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ବୌଦ୍ଧ ଐତିହ୍ୟ ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ଯୋଗଦେଇଥିଲେ । ଲୁମ୍ବିନୀରୁ ଏହି ପ୍ରତିନିଧିଦଳ ବିମାନ ଯୋଗେ ନେପାଳର ରାଜଧାନୀ କାଠମାଣ୍ଡୁରେ ପହଞ୍ଚି ସେଠାରେ ଥିବା ପ୍ରସିଦ୍ଧ ପଶୁପତିନାଥ ମନ୍ଦିର, ସ୍ୱୟଂମ୍ଭୁ ବୌଦ୍ଧପୀଠ, ନେପାଳ ରାଜପ୍ରସାଦ ଏବଂ ପଦ୍ମସମ୍ଭବଙ୍କ ସାଧନା ପୀଠର ପ୍ରାଚୀନ ଗୁମ୍ଫା ଏବଂ ବୌଦ୍ଧମହାବିହାର ଭଳି ଐତିହ୍ୟପୀଠ ସମୂହ ପରିଦର୍ଶନ କରିଥିଲେ ।

# ଅଭିନେତା ପ୍ରଶାନ୍ତ ନନ୍ଦଙ୍କୁ ସେଣ୍ଡେ ଆନିମେସନରେ ଶୁଭେଚ୍ଛା ଜଣାଇଲେ ବାଲୁକା ଶିଳ୍ପୀ

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା ପ୍ରବାଦ ପୁରୁଷ, କିମ୍ବଦନ୍ତୀ ବ୍ୟକ୍ତିତ୍ୱ, ଏକାଧାରରେ ନିର୍ଦ୍ଦେଶକ, ଅଭିନେତା, ଲେଖକ ଓ ରାଜନେତା ପୂର୍ବତନ ମନ୍ତ୍ରୀ ଡ ପ୍ରଶାନ୍ତ ନନ୍ଦଙ୍କ ନିମନ୍ତ୍ରଣ ପରେ ପ୍ରସିଦ୍ଧ କଳାକାର ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ସୋମବାର ତାଙ୍କ ଭୁବନେଶ୍ୱର ବାସଭବନରେ ତାଙ୍କୁ ଭେଟିଥିଲେ । ସେ ଶ୍ରୀ ନନ୍ଦଙ୍କ ପୂର୍ବରୁ ତିଆରି କରିଥିବା ସେଣ୍ଡେ ଆନିମେସନଟିକୁ ଉପହାର ଭାବେ ପ୍ରଦାନ କରି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଯୌତୁକ ନିର୍ଯାତନା ମାମଲା, ଅଭିଯୁକ୍ତ ସ୍ୱାମୀ ଦୋଷୀ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଆସିଷ୍ଟାଣ୍ଟ ସେସନ ଜଜ (ସ୍ୱତନ୍ତ୍ର ଟ୍ରାକ କୋର୍ଟ) ସୌଦାମିନୀ ସିଂ ଏକ ଯୌତୁକ ଜନିତ ନିର୍ଯାତନା ମାମଲାର ପ୍ରମାଣ ଆଧାରରେ ଅଭିଯୁକ୍ତ ଆସ୍କା ଖମ୍ବେଶ୍ୱରୀ ପାଟଣାର ତୁଫାନ ଗୌଡ଼(୫୩)ଙ୍କୁ ୩ବର୍ଷ ୬ମାସ ଜେଲ ଦଣ୍ଡିତ କରିଛନ୍ତି । ସେହିପରି ଜରିମାନା ବାବଦକୁ ୧୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଟଙ୍କା ଅନାଦେୟ ଅତିରିକ୍ତ ୪ ମାସ ଜେଲଦଣ୍ଡ ଭୋଗ କରିବେ ବୋଲି ମଧ ନିର୍ଦ୍ଦେଶ ରହିଛି । ମାମଲାର ବିବରଣିରୁ ପ୍ରକାଶ ଯେ, ତୁଫାନ ଗୌଡ଼ ୨୦୧୧ ମସିହାରେ ସୁଚିତ୍ରା ଗୌଡ଼ଙ୍କୁ ବିବାହ କରିଥିଲେ । ଅଧିକ ଯୌତୁକ ଦାବି କରି ସେ ତାଙ୍କ ସ୍ତ୍ରୀ 'ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ । ବାପା ଘର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ସେ ତାଙ୍କ ବାପାଙ୍କୁ ଶଶୁର ଘର ଦାବି ମୁତାବକ ଅଧିକ ଟଙ୍କା ମାଗି ପାରୁନଥିଲେ । ସେ ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକଙ୍କ ନିର୍ଯାତନା ସହ୍ୟ କରୁଥିଲେ । ଗତ ୨୦୧୯ ମସିହା ମଇ ମାସ ସାବିତ୍ରୀ ଅମାବାସ୍ୟାରେ ସୁଚିତ୍ରାଙ୍କୁ ତାଙ୍କ ସ୍ୱାମୀ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏକ ହାତୁଡିରେ ଆକ୍ରମଣ କରିଥିଲେ । ମହିଳାଙ୍କ ମୁଣ୍ଡ ଫାଟି ଯାଇ ସେ ଗୁରୁତର ହୋଇଥିଲେ । ଖବର ପାଇ ତାଙ୍କ ପରିବାର ଲୋକ ସୁଚିତ୍ରାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକଲରେ ଭର୍ତ୍ତି କରିଥିଲେ । ପରେ ପରିବାର ଲୋକ ଏନେଇ ୨୦୧୯ ଜୁନ ୧ ତାରିଖରେ ବ୍ରହ୍ମପୁରରେ ଥିବା ମହିଳା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏନେଇ ୩୫/୧୯ରେ ଏକ ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ କରି ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଅଞ୍ଜଳି ବିଶ୍ୱାଳ ଅଭିଯୁକ୍ତ ତୁଫାନ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୫ମାସ ପରେ ସେ ଜାମିନରେ ମୁକୁଳିଥିଲେ । ଉକ୍ତ ମାମଲାର ବିଚାରଣା ବେଳେ ଅଭିଯୁକ୍ତ ତୁଫାନ କୋର୍ଟରେ ହାଜର ନହେବାରୁ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି ହୋଇଥିଲା । ପୋଲିସ ତାଙ୍କୁ ଓ୍ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ମାମଲାର ବିଚାରଣା ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଆସୋସିଏଟ ପିପି ମମତା ରାଣୀ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ ।

# ଭୁବନେଶ୍ୱରରେ ଦର୍ଶକଙ୍କୁ ବିମୋହିତ କଲା ବାରିପଦାର ନାଟକ ଚିଠି

ବାରିପଦା, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଭଂଜକଳା ମଣ୍ଡପରେ ସଂଗୀତ ନାଟକ ଏକାଡେମୀ ଓ ଓଡିଶା ନାଟ୍ୟସଙ୍ଘ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାରେ ବାରିପଦାର ଓମ ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ "ଚିଠି ମ*ସ୍ଥ ହୋଇଯାଇଛି। ପ୍ରଦୀପ ଭୋଳଙ୍କ ରଚିତ ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକଟିରେ ଧୀର ବସା, ଅସିତ ଗିରି, ଉପାସନା ଦାସ, ଜ୍ଞାନ ପଣ୍ଡା, ସୁଜୟ ମହାନ୍ତି ଓ ଆଦ୍ୟାଶା ଅଭିନୟ କରିଥିବା ବେଳେ ସହ ନିର୍ଦ୍ଦେଶନାରେ ଜ୍ଞାନ ପଣ୍ଡା, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣୀ ପ୍ରଧାନଙ୍କ ସହ ମହାତ୍ମା ଗାନ୍ଧୀଙ୍କ ନିବିଡ଼ ସମ୍ପର୍କ ଥିଲା ଓ ଗାନ୍ଧିଜୀଙ୍କ ସହ ତାଙ୍କର ଅନେକ ଚିଠି ଦିଆନିଆ ଚାଲୁଥିଲା। ଇତି ମଧ୍ୟରେ ତାଙ୍କ ନାତୁଣୀକୁ ଭଲପାଉଥିବା ଅଧ୍ୟାପକ ଗବେଷଣା କରୁଥିବା ବେଳେ ଜାଣିବାକୁ ପାଇଥିଲେ ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ ଆଫ୍ରିକାରେ ଗୋଟିକୁ ୪କୋଟି ଟଙ୍କାରେ ବିକ୍ରି ହେଉଛି।

# ଘରେ କେହି ନଥିବା ବେଳେ ତାଲା ଭାଙ୍ଗି କଲା କନା ବୁଲେଇଲେ ଦୁର୍ବୃତ୍ତ

ଗୋଲନ୍ଥରା, (ସବ୍ୟୁ): କିଛି ଦିନ ବ୍ୟବଧାନ ପରେ ପୁଣି ଗୋଲନ୍ଥରା ଥାନା ଇଲାକାରେ ଚୋର ଦଳ ସକ୍ରିୟ ହୋଇଥିବା ଜଣା ପଡିଛି । ଏକ ତାଲା ବନ୍ଦ ଘର ଗ୍ରିଲ ଭାଙ୍ଗି କିଛି ଦୁର୍ବୃତ୍ତ ଘରେ ପଶି ନଗଦ ୫ ଲକ୍ଷ ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ଗୋଲନ୍ଥରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନାଅନୁଯାୟୀ ଏହି ଥାନା ଅଧିନସ୍ଥ ର,,। ଗ୍ରାମର ରାଉଳ ସାହିର ଆନନ୍ଦ ରାଉଳ ରବିବାର ନିଜ ସପରିବାର ସହ କୀର୍ତ୍ତିପୁର ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ରାତି ଅଧୀକ ହୋଇଯିବା କାରଣରୁ ସେଠାରେ ରହି ଯାଇଥିଲେ । ଆଜି ସକାଳ ୯ ଟାରେ ଆନନ୍ଦ ନିଜ ଘରକୁ ଫେରି ଦେଖିବାକୁ ପାଇଲେ ଘର ଗ୍ରିଲ ତାଲା ଭଙ୍ଗା ଓ ଭିତର କବାଟ ଭଙ୍ଗା ଯାଇଛି । ଭିତରକୁ ଯାଇ ଦେଖିବା ବେଳେ ଘର ଆଲମାରୀ ଭଙ୍ଗା ହୋଇଥିବା ସହ ଆସବାସପତ୍ର ଏଣେ ତେଣେ ପଡିଛି । ଏ ନେଇ ଆନନ୍ଦ ଗୋଲନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଭାରପ୍ରାପ୍ତ ଅଧିକାରୀ ସିଲୁ ଧଳ ପୋଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତନାଘନା କରିଛନ୍ତି । ଆନନ୍ଦଙ୍କ ଘରେ ଥିବା ନଗଦ ୫ ଲକ୍ଷ ଟଙ୍କା, ୫ ଭରି ସୁନା ଅଳଙ୍କାର ରୂପା ୩ ଭରି ସହ ଘରର ଦସ୍ତାବିଜ ଏବଂ ବ୍ୟାଙ୍କ ଖାତା ଇତ୍ୟାଦି ଚୋରି ହୋଇଥିବା ନେଇ ଆନନ୍ଦ ଏତଲାରେ ଦର୍ଶାଇ ଥିବା ଜଣା ପଡିଛି । ଏନେଇ ଗୋଲନ୍ଥରା ଥାନା କେଶ ନଂ ୧୬୭/୨୬ ପ୍ରକାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଅଭିଯୋଗ ଅନୁଯାୟୀ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଘର ଆଖ ପାଖରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ବୃତ୍ତଙ୍କୁ ଚହ୍ନଟ ପାଇଁ ପ୍ରୟାସ ଜାରି ରହିଛି । ଖୁବଶୀଘ୍ର ଘଟଣାରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଧଳ ସୂଚନା ଦେଇଛନ୍ତି ।

# ମନ ମୋହିଲା ନାଟକ ତୋ ପ୍ରେମ ଲାଗେ ନୂଆ ନୂଆ



କଟକ, (ସ୍ୱପ୍ର): ଚଙ୍ଗୁଆ ଷୋଳମପୁର ଠାରେ ମା' ମଙ୍ଗଳା ନାଟ୍ୟ ପରିଷଦ ପକ୍ଷରୁ ନିର୍ଦ୍ଦେଶକ ଜ୍ଞାନ ବିଶୋଇଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ ତୋ ପ୍ରେମ ଲାଗେ ନୂଆ ନୂଆ ପରିବେଷିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖାଇବା ତେଲ ଫ୍ରିଡମର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବର୍ତ୍ତମାନ ସମାଜରେ କଳା, ସଂସ୍କୃତି ଧୀରେ ଧୀରେ ଲୋପ ପାଇବାରେ ଲାଗିଲାଣି । କିଛି ମାତ୍ରାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାର ପୁନରୁଦ୍ଧାର କରିବା ପାଇଁ ପ୍ରୟାସ କରୁଛନ୍ତି । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ଧଳ କହିବା ସହ ପରିଷଦର ସମସ୍ତ କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଅରବିନ୍ଦ ନାୟକ, ବିବେକାନନ୍ଦ ମଲ୍ଲିକ, ସୁଶାନ୍ତ ବରାଳ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପାଲଟିଛି ମୁକ୍ତାକାଶ ପରିସ୍ରାଗାର

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ପାଲଟିଛି ମୁକ୍ତାକାଶ ପରିସ୍ରାଗାର । ମେଡିକାଲ ପାଚେରୀଟି ଭାଙ୍ଗି ଦିଆଯିବା ଫଳରେ ଲୋକେ ବିନା ଦ୍ୱିଧାରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟର କାନ୍ଥରେ ପ୍ରତିଦିନ ପରିସ୍ରା କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖସ୍ଥ ରାସ୍ତା କଡରେ କିଛି ଅଟୋ ଧାଡିବାନ୍ଧି ରହୁଥିବାରୁ ସେଗୁଡିକର ପଛପଟେ କାର୍ଯ୍ୟାଳୟ କାନ୍ଥରେ ପରିସ୍ରା କରିବା ପାଇଁ ଲୋକଙ୍କୁ ସୁବିଧା ହେଉଛି । ଆଖ ପାଖରେ ଶୌଚାଳୟ ନଥିବାରୁ ଲୋକଙ୍କୁ ଯେତେ ବାରଣ କଲେ ମଧ କୌଣସି ସୁଫଳ ମିଳୁନାହିଁ ।

# ବାରିପଦାରେ ଯୁଗ୍ମ ଜନ ଶୁଣାଣୀ, ୧୬୯ ଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୧୪୭ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୨୨ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ୍ ଜନ ଅଭିଯୋଗ ଶିବିରରେ କରାଯାଇଛି । ସେହିପରି ଶୁଣାଣି ଶିବିରରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ବିଜେପିର ବିଜୟ ଉତ୍ସବ

ବ୍ରହ୍ମପୁର, (ସବ୍ୟୁ): ଦେଶର ତିନୋଟି ରାଜ୍ୟ-ଆସାମ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ଐତିହାସିକ ଓ ବିପୁଳ ବିଜୟ ପ୍ରକୃତରେ ଏକ ଗୌରବର ମୁହୂର୍ତ୍ତ । ଏହି ଅବସରରେ ବ୍ରହ୍ମପୁର ଠାରେ ମଧ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଏବଂ ଜିଲ୍ଲା ସଭାପତି ସରୋଜ ସାବତଙ୍କ ସହ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ସ୍ଥାନୀୟ ରାମଲିଙ୍ଗ ପାର୍କ ପରିସରରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ପୁଷ୍ପ ମାଲ୍ୟାର୍ପଣ ପରେ ବିଜୟ ଉତ୍ସବରେ ସାମିଲ ହୋଇ ଥିଲେ । ମିଠା ବଣ୍ଟା, ଆତସବାଜି ଫୁଟାଇ କର୍ମୀ ଓ ନେତାମାନେ ବିଜୟ ଉତ୍ସବ ପାଳିଥିଲେ ।


## ଅପାସୋରା ମଣିଷକୁ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ : ୧.୨.୧୯୬୮
ତିରୋଧାନ : ୨୬.୪.୨୦୨୬



ସ୍ୱର୍ଗୀୟ ସତ୍ୟପୀର ମିଶ୍ର

ପିତା : ସ୍ୱର୍ଗତ ଦିବାକର ମିଶ୍ର (ଆଡଭୋକେଟ୍) ମାତା : ଶ୍ରୀମତୀ ସରସ୍ୱତୀ ମିଶ୍ର
ବ୍ରାହ୍ମଣ ଶାସନ, ତାଳଚେର ଟାଉନ୍

ଘରର ସାତ ନମ୍ବର ସନ୍ତାନ ଭାବରେ ଆସିଥିଲୁ । ତୁ ଏକମାତ୍ର ସନ୍ତାନ, ଯାହାର କ୍ରମ ଓ ନାମ ମଧ୍ୟରେ ସାମଞ୍ଜସ୍ୟ ଅଛି । ସାତରୁ ସାତ୍ତ୍ୱ, ଦୁଇ ନମ୍ବରରେ ଚାଲିଗଲୁ । ଶୈଶବରୁ ଶେଷ ପର୍ଯ୍ୟନ୍ତ ତୋର ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଅପାସୋରା ହୋଇ ରହିଛି, ରହିଥିବ ।

ଶୋକସନ୍ତପ୍ତ ପରିବାରବର୍ଗ ।





## ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୫ ମଇ, ୨୦୨୬

ସକାଳ ୮ ଘଟିକା – ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସକାଳ ୯ ଘଟିକା – ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ–୧ ସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

–ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଭୁବନେଶ୍ୱର–ଏକାମ୍ର

–ସମ୍ମାନନୀୟ ଅତିଥି–
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ
ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
ଶ୍ରୀ କାମପାଳ ଦେହୁରୀ
ଉପଦେଷ୍ଟା, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

– ବିଶିଷ୍ଟ ବକ୍ତା–
ପ୍ରଫେସର ରାମଚନ୍ଦ୍ର ରାଉତ
ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧକ୍ଷ, ରମାଦେବୀ ମହିଳା ମହାବିଦ୍ୟାଳୟ
–ମୁଖ୍ୟବକ୍ତା –
ପଣ୍ଡିତ ମହେଶ୍ୱର ନନ୍ଦ
ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଳି, କେନ୍ଦ୍ରାପଡ଼ା

ଦୃଷ୍ଟିବାଧିତ କଳାକାର ମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

OIPR: 15001/15001/2/26-27/0029 15001/29/2627

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ହାତୀ ଆକ୍ରମଣରେ ମହିଳା ମୃତ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବନଖଣ୍ଡ ମାଧପୁର ରେଞ୍ଜ ଅନ୍ତର୍ଗତ ନୂଆଗାଁ ନିକଟସ୍ଥ ଜଙ୍ଗଲରେ ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଛି । ଖବର ନେବାରୁ ଜଣାପଡିଛି ଜେ ମାଧପୁର ଅଞ୍ଚଳର ଜ୍ୟୋସ୍ନା ବିଶ୍ୱାଳ (୪୦) ସକାଳୁ ନୂଆଗାଁ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ସମ୍ମୁଖୀନ ହୋଇଥିଲେ । ହାତୀ ଆକ୍ରମଣର ଶିକାର ହେଲା ପରେ ତାଙ୍କର ପାଟି ଶୁଣି ପତ୍ର ତୋଳିବାକୁ ଯାଇଥିବା ଅନ୍ୟ ମହିଳାମାନେ ପାଟି କରିଥିଲେ ।ପାଟି ଶୁଣି ହାତୀ ଗଲାପରେ ଆହତ ମହିଳାଙ୍କୁ ମାଧପୁର ଡାକ୍ତର ଖାନାକୁ ଅଣା ଯାଇଥିଲା । ମାଧପୁର ଡାକ୍ତରଖାନାରୁ ଆସୁ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନା ନ୍ତର କରା ଯାଇଥିଲା। ।ହେଲେ ଆଠମଲ୍ଲିକ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏ ଖବର ପାଇ ବନ ବିଭାଗ ଫରେଷ୍ଟର ସନ୍ତୋଷ କୁମାର ନାୟକଙ୍କ ସମେତ ବନ କର୍ମଚାରୀ ଡାକ୍ତରଖାନାରେ ପହଁଚି ଥିଲେ । କୁଦଗାଁ ସରପଞ୍ଚ ସିଦ୍ଧାର୍ଥ କ୍ଷେତି ଓ ଜ୍ଞାନ ରଞ୍ଜନ ପ୍ରଧାନ ମୃତ ମହିଳାଙ୍କ ପରିବାରକୁ ଉଚିତ କ୍ଷତପୂରଣ ଦେବାକୁ ଦାବୀ କରିଛନ୍ତି ।ଖବର ପାଇ ଆଠମଲ୍ଲିକ ପୋଲିସ ଘଟଣା ସ୍ଥଳରେ ପହଁଚିଥିଲେ । ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ ମୃତ ଶରୀର ହସ୍ତାନ୍ତର କରାଯାଇଥିଲା । ମାଧପୁର ରେଞ୍ଜ ଅଧିକାରୀ ସ୍ୱାଧୀନ ସାମଲ, ଫରେଷ୍ଟର ସନ୍ତୋଷ ନାୟକ ମୃତକଙ୍କ ପରିବାର ଘରକୁ ଯାଇ ତିରିଶ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ।

## ଦିନ ବେଳା ଦୁଇ ଘରୁ ଚୋରି

ସୋର,(ସବ୍ୟୁ): ସୋର ଥାନା ମହୁମୁହାଣ ପଞ୍ଚାୟତରେ ଦିନ ଦ୍ୱିପ୍ରହରେ ଦୁଇଟି ଘରୁ ଚୋରୀ ହୋଇଛି । ସୋମବାର ପୂର୍ବାହ୍ନରେ ମହୁମୁହାଣ ଗ୍ରାମର ଉପେନ୍ଦ୍ର ସାହୁଙ୍କ ସ୍ତ୍ରୀ ଅଳକା ସାହୁ ଗ୍ରାମକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ତାଙ୍କ ଘର ଚାବି ଭାଙ୍ଗି ଚୋର ଘର ମଧ୍ୟରେ ପଶି ଗଡ଼ରେଜ ଚାବି ଭାଙ୍ଗି ସୁନା ଚେନ, କାନଫୁଲ ଏବଂ ସୁନା ମୁଦି ଆଦି ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି କରିନେଇଥିଲେ। ସେହିପରି ଯୋଡ଼ାମ୍ବ ଗ୍ରାମର ପୁଷ୍ପଲତା ସାହୁ ମଧ୍ୟାହ୍ନରେ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ଦୁର୍ବୃତ୍ତ ମାନେ ତାଙ୍କ ଘରର ଚାବି ଭାଙ୍ଗି ଘର ମଧ୍ୟରେ ପଶି ସୁନା ନେକଲେସ, ସୁନା କାନଫୁଲ, ମୁଦି ଏବଂ ରୁପା ପାଉଁଜି ଆଦି ପ୍ରାୟ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଗହଣା ଚୋରି କରିବା ସହିତ ବାହାଘର ପାଇଁ ଥିବା ନୂଆ ଲୁଗାକୁ ମଧ ଚୋରି କରି ନେଇଛନ୍ତି।

# ହରିହାଟ ମହୋତ୍ସବ ଉଦ୍‌ଯାପିତ
## ପପୁ ପମ ପମଙ୍କ ଅଭିନୟରେ ଦର୍ଶକ ବିଭୋର

ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ସର୍ବ ପୁରାତନ ହରିହାଟ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବର ଉଦଯାପନୀ ଦିବସର ଶେଷ ସଂନ୍ଧ୍ୟାରେ ଓଡ଼ିଶା ସିନେ ଜଗତର ହାସ୍ୟ ଅଭିନେତା କମେଡି କିଙ୍ଗ ପପୁ ପମ ପମ ନିଜ କଳା ଚାତୁରୀରେ ଦର୍ଶକଙ୍କୁ ବିଭୋର କରିଦେଇଥିଲେ। ଶେଷ ସଂନ୍ଧ୍ୟାରେ ପପୁଙ୍କ ଯୋଗଦାନ ନିମନ୍ତେ କମିଟି ପକ୍ଷରୁ ପୋଷ୍ଟର୍ ଲଗା ଯିବା ସହ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିବାରୁ ଏନ ଏ ସି ସମେତ ଆଖ ପାଖ ଗାଁ ଗଣ୍ଡାରୁ ହଜାର ହଜାର ଦର୍ଶକଙ୍କ ଗହଳିରେ ଯାତ୍ରା



ପଡ଼ିଆ ମୁଖରିତ ହୋଇ ଉଠିଥିଲା। ପ୍ରାରମ୍ଭରେ ଆୟୋଜିତ ସଭା କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟ ଅତିଥି, ରୁଙ୍ଗଟା ଷ୍ଟିଲ ଓ ମାଇନ୍ସର ଉପାଧ୍ୟକ୍ଷ ପ୍ରଦିପ କୁମାର ଚତୁର୍ବେଦୀ ସମ୍ମାନିତ ଅତିଥି, କମିଟିର ସଭାପତି ତଥା ଆବାହକ ଉପ ଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ଉପସଭାପତି ତଥା ତହସିଲଦାର ଦିଲୀପ କୁମାର ସେଠି, ଏନ ଏ ସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି ନିଜ ଅଭିଭାଷଣରେ ଅଞ୍ଚଳର କଳା ସଂସ୍କୃତି ନିଜ ଅଞ୍ଚଳର ପରିଚୟ ସୃଷ୍ଟି କରି ଥାଏ ବୋଲି କହିବା ସହ ମହୋତ୍ସବର ସାମଗ୍ରୀକ ଉନ୍ନତି କାମନା କରିଥିଲେ। ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ମଧ୍ୟରେ ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ପକ୍ଷରୁ ବାଦ୍ୟ ନୃତ୍ୟର ତାଳେ ତାଳେ ବୀରତ୍ୱର ପରାକାଷ୍ଠା ଦେଖାଇ ଥିଲେ। ପ୍ରସିଦ୍ଧ କଣ୍ଠଶିଳ୍ପୀ ଦୀପ୍ତି ରେଖାଙ୍କ ସୁମଧୁର କଣ୍ଠ ସଙ୍ଗୀତରେ ଦର୍ଶକ ମତୁଆଲା ହୋଇଥିଲେ। ମଇ ମାସ ୧ ତାରିଖ ବୈଶାଖ ପୂର୍ଣ୍ଣମୀ ଠାରୁ ୩ ଦିନ ଧରି ଆୟୋଜିତ ହୋଇଥିବା ଏହି ମହୋତ୍ସବରେ ବହୁ ଫାଷ୍ଟ ଫୁଡ ଦୋକାନୀ, ମନୋହାରୀ ଦୋକାନୀ, ଆଇସ୍କ୍ରିମ, ବେଲୁନ ବ୍ୟବସାୟୀ, ଦୋଳି ବ୍ୟବସାୟୀ, ସରକାରୀ ସ୍ତରରେ କୃଷି , ମହିଳା ସ୍ୱୟଂ ସହାୟକ ସଂଘ, ସମବାୟ ଓ ଖଦି ବୋର୍ଡ ଆଦି ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ମାନ ଖୋଲା ଜାଇ ଥିଲା।

# ଏନଏସିରେ ପ୍ରଜ୍ଞାପରମିତା ଟପ୍ପର

ଆଠମଲ୍ଲିକ,(ସବ୍ୟୁ) :ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ରେଜଲ୍ଟ ପ୍ରକାଶ ପାଇଥିବା ବେଳେ ପି ଏମ ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରଜ୍ଞାପରମିତା ପୁରୋହିତ ଶତକଡା ୮୬,ଗ୍ରେଡ଼ ଏ୨ରେ ଏନ ଏ ସି ମଧ୍ୟରେ ଟପ୍ପର ହୋଇଥିବା ଜଣାପଡିଛି । ପ୍ରଜ୍ଞା ପରମିତା ପୁରୋହିତ ମୋଟ ୫୧୪ ନମ୍ବର ରଖି ଗ୍ରେଡ଼ ଅ୨ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବ୍ଲକ ଶିକ୍ଷା ଅଧିକାରୀ ତଥା ପି ଏମ ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କୃତଜ୍ଞତା ଜଣାଇବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଉଦ୍‌ଯାପିତ ହେଲା ତାଳଚେରି ସଙ୍କୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାଲିଥିବା ତ୍ରିଦିବସୀୟ ସଙ୍କୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ରବିବାର ଉଦଯାପିତ ହୋଇଯାଇଛି । ତାଳଚେର ସଙ୍କୁଳ ସଂଯୋଜକ ତଥା ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ବାବୁଲି କୁମାର ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳମଛୁଇଁ, ବଡଯୋର ଆମ୍ବମୁଣ୍ଡା, ତାଳଚେର, ଦେଉଳବେଡା, ବିକ୍ରମପୁର, ନୂଆଁ ଗାଁ ସରସ୍ୱତୀଶିଶୁ ବିଦ୍ୟାମନ୍ଦିରର ୧୫୪ ଜଣ ଆଚାର୍ଯ୍ୟ, ଆଚାର୍ଯ୍ୟା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ତାଳଚେର ସଙ୍କୁଳ ସଂଯୋଜକ ବାବୁଲି ସାମଲ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି ଓ ମଧ



ସଂଭାଗର ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଓ ସମ୍ମାନୀତ ଅତିଥି ଭାବରେ କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କଳମଛୁଇଁ ଶିଶୁ ମନ୍ଦିରର କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀ ପଟ୍ଟନାୟକ ନିଜ ଅଭିଭାଷଣରେ ଆଧ୍ୟାତ୍ମିକତତ୍ତ୍ୱ କୁ ଆଧାର କରି ଶିକ୍ଷାରମାନ ବିକାଶ କରିବା ସହ ନୈତିକ ମୂଲ୍ୟବୋଧକୁ ଜାତୀୟ ଶିକ୍ଷାନୀତିରେ ପ୍ରୟୋଗ କରି ଏକ ସୁସ୍ଥ ସମାଜ ଗଠନ କରିବା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷା ବିକାଶ ସମିତି ଓ ଯୋଜନା ଅନୁଯାୟୀ ଏହି କାର୍ଯ୍ୟଶାଳାରେ ପଂଚପଦୀ ଶିକ୍ଷଣ ବ୍ୟବସ୍ଥା ସହ ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ଆଚାର୍ଯ୍ୟ, ଆଚାର୍ଯ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମର ଉଦ୍ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ପ୍ରାନ୍ତ ବୈଦିକ ଗଣିତ ଶୈକ୍ଷିକ ସଂଯୋଜକ ପ୍ରସନ୍ନ କୁମାର ସାହୁ ଯୋଗ ଦେଇ ଥିଲେ । ପ୍ରାନ୍ତ ମାଧ୍ୟମିକ ବିଭାଗ ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ଅନୁଗୋଳ ଜିଲ୍ଲା ପ୍ରମୁଖ ପ୍ରତାପ ଚନ୍ଦ୍ର ଦେହୁରୀ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ, ନୂଆ ଗାଁ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରଦୀପ ଦାସ, ବିକ୍ରମପୁର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଜ୍ଞାନରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ କଳମଛୁଇଁ ଶିଶୁମନ୍ଦିରର ସଂପାଦକ ବିଭୂତି ଭୂଷଣ ସ୍ୱାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସଭାଗୃହ ପରିସର ରେ ସୋମବାର ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅନୁଗୋଳ ଜିଲ୍ଲାପାଳ ଅବଦୁଲ ଏମ ଅଖତର ଯୋଗ ଦେଇ ୫୨ ଟି ଅଭିଯୋଗ କୁ ଶୁଣାଣୀ କରିବା ସହ କିପରି ସମସ୍ତ ଅଭିଯୋଗ ଗୁଡିକ ଶୀଘ୍ର ସମାଧାନ ହେବ ସେ ନେଇ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଗ୍ରାମରେ ଥିବା ପାନୀୟ ଜଳ ସମସ୍ୟା ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ବବିତା ପ୍ରଧାନ , ଅନୁଗୋଳ ଅତିରିକ୍ତ ଏସପି ,ସମୀର କୁମାର ପଣ୍ଡା , ଆଠମଲ୍ଲିକ ଉପ ଜିଲ୍ଲାପାଳ ଉପେନ୍ଦ୍ର ଲୁହା , କିଶୋରନଗର ତହସିଲଦାର ବିକ୍ରମ ନାୟକ , କିଶୋରନଗର ବିଡିଓ ଶୁଭକାନ୍ତ ନାୟକ , କିଶୋରନଗର ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ , ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉ , ଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

# ଦୁଇ ବ୍ଲକ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ ଓ ଅଧ୍ୟକ୍ଷ

କଣିହାଁ,(ସବ୍ୟୁ) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କଣିହାଁ ବ୍ଲକ ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଣିହାଁ ଛାତ୍ର ସ୍ୱୟଂ ପ୍ରକାଶ ସାହୁ ଓ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ,ବଜ୍ରକୋଟର ଛାତ୍ର ସୌମ୍ୟରଞ୍ଜନ ସାମଲ ସମାନ ନମ୍ବର ପାଇ ଏ ୧ ଗ୍ରେଡ ପାଇ ବ୍ଲକ ଟପ୍ପର ହୋଇଛନ୍ତି। ଏଥିପାଇଁ କଣିହାଁ ବ୍ଲକ ଅଧ୍ୟକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ୨ଛାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଞ୍ଚଳର ନାଆଁ ରଖିଥିବାରୁ ପରିବାର ବର୍ଗ ଓ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତି ପ୍ରଧାନ, ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ, ଏବିଇଓ ସୁଜନ ସାହୁ, ସହକାରି ଯନ୍ତ୍ରୀ ଚିନ୍ମୟ ମିଶ୍ର , ସରପଞ୍ଚ ସାନ୍ତନୁ ପ୍ରଧାନ, ବିଜେଡି ଜିଲ୍ଲା ଉପସଭାପତି ସୁନିଲ ପ୍ରଧାନ, ବ୍ଲକ ସଭାପତି ପ୍ରଶାନ୍ତ ସାହୁ, ଜିତେନ୍ଦ୍ରୀୟ ସାହୁ, ଇଶ୍ୱର ସାହୁ,ବାବୁଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରଧ୍ୱନୀରେ କମ୍ପିଲା ଖଇରା ଦୁର୍ଗାମଣ୍ଡପ

ଖଇରା,(ସବ୍ୟୁ)–ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ଦୁର୍ଗାମଣ୍ଡପ ପରିସରରେ ଶୁକ୍ରବାର ଦିନ ୩୩ତମ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ ଭଜନ କୀର୍ତ୍ତନ ସାଙ୍ଗକୁ ମନ୍ତ୍ରଧ୍ୱନୀ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ୨୧ଜଣ ଦମ୍ପତ୍ତିଙ୍କ ଦ୍ୱାରା କଳସ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା । ପଣ୍ଡିତ ନରସିଂହ ପାଣି,ପ୍ରଫୁଲ୍ଲ ତ୍ରିପାଠୀ,ଶଶାଙ୍କ ଶେଖର ପତ୍ରୀ ଓ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସାଙ୍ଗକୁ ଗୀତାପାଠ କରାଯାଇଥିଲା । ଏହି ଅବସରରେ ଯଜ୍ଞ ସହିତ ଆରମ୍ଭରୁ ଜଡିତ ଥିବା କେଶବ ଚରଣ ସାହୁ,ସନ୍ତୋଷ କୁମାର ଶତପଥୀ,ନେମାଳ ଆଗତ ସନ୍ଥ ନାରାୟଣ ବାବା,ଯଜ୍ଞ ସମିତିର ଆବାହକ କୃଷ୍ଣଚନ୍ଦ୍ର ପତ୍ରୀ,ବ୍ରାହ୍ମଣ ସମିତିର କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ତଥା ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭଜହରି ବିଦ୍ୟାପୀଠରେ ଶତପ୍ରତିଶତ ସଫଳତା

ସୋର,(ସବ୍ୟୁ)–ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ସମଗ୍ର ଓଡ଼ିଶାରେ ପାସ୍ ହାର ୯୫.୩୪%ରହିଥିବାବେଳେ ଭଜହରି ବିଦ୍ୟାପୀଠ ଦହିପୁର- ନୁଆପୁର ଫଳାଫଳ ଶତ ପ୍ରତିଶତ (୧୦୦%) ହୋଇଛି। ଏହି ବିଦ୍ୟାପୀଠ ଲଗାତାର ୮ବର୍ଷ ଧରି ଏଠାକାର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତ ବର୍ଷ ସ୍କୁଲର ୮୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୫ ଛାତ୍ରଛାତ୍ରୀ ୬୦ପ୍ରତିଶତ ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ପ୍ରତିଶତ ନମ୍ବର ରଖି ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭଜହରି ବିଦ୍ୟାପୀଠର ଦୁଇ ଜଣ ଛାତ୍ରୀ ଗାର୍ଗୀ ନାୟକ ଓ ସୟଂପ୍ରଭା ବିଶ୍ୱାଳ ସର୍ବାଧିକ ୫୬୧ ଓ ୫୪୦ ନମ୍ବର ରଖି ଏ୧ ହାସଲ କରି ସ୍କୁଲ୍ ଟପର ହେବା ସଂଗେ ସଂଗେ ସୋର ବ୍ଲକ୍ ରେ ମଧ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ତରଫରୁ କୃତି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗ୍ରାହକଙ୍କ ପାଖରେ ଅନ୍ଲାଇନ ପାର୍ସଲ ପହଞ୍ଚାଉଛନ୍ତି ଡେଲିଭରୀ ବୟ

ତାଳଚେର,(ସବ୍ୟୁ) : ତାଳଚେର ସହର ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବୃଦ୍ଧି ପଇବାରେ ଲାଗିଛି । ଅସହ୍ୟ ଗ୍ରୀଷ୍ମତାପରେ ପଶୁପକ୍ଷୀଙ୍କ ଠାରୁ ଆରମ୍ଭ କରି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି । ଅତ୍ୟନ୍ତ ଜରୁରୀ କାମ ନଥିଲେ ବହୁ ବ୍ୟକ୍ତି ଖରାବେଳ ସମୟରେ ପଦାକୁ ବାହାରୁନଥିବା ବେଳେ ଟାଇଁଟାଇଁ ଖରାରେ ଗ୍ରାହକଙ୍କ ନିକଟରେ ଅନ୍ଲାଇନ ପାର୍ସଲ ପହଞ୍ଚଉଛନ୍ତି ଡେଲିଭେରୀ ବଏ । ଯେଉଁ ସମୟରେ ସର୍ବାଧିକ ପାରଦ ସ୍ତର ରହିଥାଏ ସେହି ସମୟରେ ତାଳଚେର ସହର ତଥା ଏହାର ଆଖପାଖ ଅଞ୍ଚଳକ ଗଳିକନ୍ଦି ବୁଲିବୁଲି ସଠିକ ଠିକଣାରେ ଅନ୍ଲାଇନ ପାର୍ସଲ ଡେଲିଭେରୀ ବୟମାନେ ପହଞ୍ଚାଇଥିବା ଦେଖିବାକୁ ମିଳୁଛି । କାରଣ ପ୍ରଚଣ୍ଡ ଖରାର କଷ୍ଟ ଠାରୁ ସେମାନଙ୍କ ପାଇଁ ବଳିପଡୁଛି ଆର୍ଥିକ ଯନ୍ତ୍ରଣା । କିଏ ପରିବାର ଚଳାଇବାକୁ ଏହି ରାସ୍ତା ବାଛିଚି ତ ଆଉ କେହି ନିଜ ବାପାମାଆଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବାକୁ ପାର୍ଟ ଟାଇମ କାମ କରୁଥିବା ଜଣାପଡିଛି । ସେହିପରି ଅଧିକାଂଶ କଲେଜ ପଢୁଆ ଛାତ୍ର ମଧ ଏହି ଅନ୍ଲାଇନ । ପାର୍ସଲ ଡେଲିଭେରୀ କାର୍ଯ୍ୟ କରି ନିଜର ପଢାର ଖର୍ଚ୍ଚ ତୁଲାଉଥିବା ଦେଖିବାକୁ ମିଳୁଛି । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ବିଗତ କିଛି ବର୍ଷ ହେଲା ଘରେ ବସି ବିଭିନ୍ନ ସାମଗ୍ରୀ ଅନ୍ଲାଇନ ମାଧ୍ୟମରେ ଅର୍ଡର କରୁଥିବା ଦେଖିବାକୁ ମିଳୁଛି । ସମୟର ସଦୁପଯୋଗ ହେଉ ଅବା ସ୍ୱାସ୍ଥ୍ୟଜନିତ ସମସ୍ୟା କିମ୍ବା ବିଳାସପୂର୍ବ ଜୀବନ ବିତାଉଥିବା ଅଧିକାଂଶ ଲୋକେ ଅନ୍ଲାଇନ୍ରେ, ବିଭିନ୍ନ ସାମଗ୍ରୀ ଅର୍ଡର କରୁଥିବା ଦେଖିବାକୁ ମିଳିଛି ଝ ଅନ୍ଲାଇନ ପାର୍ସଲ ଗୁଡିକ ରିଆତି ମୂଲ୍ୟରେ ପହଞ୍ଚୁଥିବାରୁ ବହୁ ବ୍ୟକ୍ତି ଏହି କାରବାର ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଜଣାପଡିଛି । ଖରାର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଇଚାଲିଥିବାରୁ ଅନ୍ଲାଇନ୍ରେ, ବିଭିନ୍ନ ସାମଗ୍ରୀ ମଗାଇବାକୁ ଓ ବହୁବ୍ୟତି ଅଧିକ ଆଗ୍ରହ ପ୍ରକାଶ କରୁଥିବା ବେଳେ ଖରାର ପ୍ରକୋପକୁ ଖାତିର ନକରି ବହୁ ଡେଲିଭେରୀ ବଏ ଅର୍ଡର ପହଞ୍ଚଉଥିବା ପରିଲକ୍ଷିତ ହେଉଛି ।

# ବିଜେପି ପଞ୍ଚାୟତ ପ୍ରମୁଖଙ୍କ ପରଲୋକ

ଗୋଡ଼ିବନ୍ଧ, (ସବ୍ୟୁ ): ଅନୁଗୁଳ ଜିଲ୍ଲା ସମଲ ଥାନାର ସମଲ ପଞ୍ଚାୟତ ଭାଜପା ପ୍ରମୁଖ ବିଶ୍ୱନାଥ ସାହୁ(୪୦) ଙ୍କ ରବିବାର ପରଲୋକ ହେଇଯାଇଛି। ତାଙ୍କର ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରର ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସମୟରେ ମୃତ୍ୟୁ ହେଇଥିବା ପରିବାର ଲୋକ କହିଛନ୍ତି। ସେ ଜଣେ ବିଜେପି ଦଳର ଆଗଧାଡିର କାର୍ଯ୍ୟକର୍ତ୍ତା ଥିଲେ। ସମଲ ଗ୍ରାମ ପଞ୍ଚାୟତର ବିଜେପି ତରଫରୁ ପଞ୍ଚାୟତ



ପ୍ରମୁଖ ଭାବେ ନିଯୁକ୍ତି ପାଇ ବହୁ ସରକାରୀ ଜନହିତକର ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇଥିଲେ। ପାଲଲହଡା ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ ମହାନ୍ତି ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶୋକାକୁଳ ପାରିବାରକୁ ସାନ୍ତ୍ୱନା ଦେଇଥିଲେ। ବିଶ୍ୱାନାଥ ଜଣେ ନମ୍ର,ଭଦ୍ର, ମେଳାପୀ, ସହଯୋଗୀ, ପରୋପକାରୀ, ଦୟାଳୁ ବ୍ୟକ୍ତି ଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ ହଜାର ହଜାର ଜନସାଧାରଣ ତାଙ୍କର ପାର୍ଥିବ ଶରୀରକୁ ଶେଷ ଦର୍ଶନ କରିଥିଲେ।

# ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳ

ଠାକୁରଗଡ ,(ସବ୍ୟୁ) :ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ ଗୁରୁବାର ଠାରୁ ରବିବାର ପର୍ଯ୍ୟନ୍ତ ବଇଣ୍ଡା ସଂକୁଳର ସଂକୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ବଇଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଇଣ୍ଡା ସଂକୁଳ ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ମୋଟ ୧୩୬ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ପଞ୍ଚପଦୀ ଅଧିଗମ ଶିକ୍ଷଣ ପଦ୍ଧତିରେ କେଉଁ କୌଶଳ , ରଣନୀତି ଓ କ୍ରିୟାକଳାପ ଦ୍ୱାରା ଶିଶୁଙ୍କ ଶିକ୍ଷଣ କାର୍ଯ୍ୟ କରାଯିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା । କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ସୁଧୀର କୁମାର ନାୟକ କାର୍ଯ୍ୟଶାଳାକୁ ଉଦଘାଟନ କରିଥିଲେ । ପ୍ରଶିକ୍ଷକ ଭାବରେ ସୁଶାନ୍ତ କୁ. ତ୍ରିପାଠୀ, ମଙ୍ଗୁଲୁ ସାହୁ, ଅଭିମନ୍ୟୁ ବାରିକ ,ସତ୍ୟବ୍ରତ ସାମଲ , ତରୁଣ



କୁମାର ଦାଶ, ନିଗମାନନ୍ଦ କୋଲତା , ପ୍ରଦୀପ ସାହୁ ଓ ଜ୍ୟୋସ୍ନାମୟୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ଶିଶୁ ବାଟିକାର ଶୈକ୍ଷିକ କାର୍ଯ୍ୟରେ ଅନ୍ନପୂର୍ଣ୍ଣା ରାଉତ , ନମିତା ପ୍ରଧାନ, ଦୀପ୍ତିମୟୀ ସାହୁ ଓ ବିଳାସିନୀ ଦେବୀ ସହଯୋଗ କରିଥିଲେ । ପ୍ରଶିକ୍ଷଣର ଉଦଯାପନ ଛତ୍ରରେ ଶିକ୍ଷା ବିକାଶ ସମିତିର ପୂର୍ବତନ ପ୍ରାନ୍ତନିରୀକ୍ଷକ ମା. ପ୍ରସନ୍ନ କୁମାର ବିଶ୍ୱାଳ ଉପସ୍ଥିତ ରହି ମାର୍ଗଦର୍ଶନ କରିବା ସହିତ ବିଦ୍ୟାଳୟର ସଂପାଦକ . ନିତ୍ୟାନନ୍ଦ ବାରିକ ଯୋଗ ଦେଇ ଭାରତ କେନ୍ଦ୍ରିକ ଶିକ୍ଷଣ ଅଧିଗମ ପ୍ରକ୍ରିୟା ବିଷୟରେ ବକ୍ତବ୍ୟ ରଖିଥିଲେ । ସଂକୁଳ ସଂଯୋଜକ ମା. ରବୀନ୍ଦ୍ରନାଥ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ ଶୈକ୍ଷିକ ସଂଯୋଜନା କରିଥିଲେ ।

# ଶ୍ରମିକ ଦିବସରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ସହାୟତା ରାଶି ବଣ୍ଟନ

ତାଳଚେର, (ସବ୍ୟୁ ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ତାଲୁକ ଆଇନ ସହାୟତା କମିଟି, ତାଳଚେର ଅଧ୍ୟକ୍ଷ ସତ୍ୟନାରାୟନ କରଙ୍କ ନିର୍ଦ୍ଦେଶ କ୍ରମେ ତାଲୁକ ଆଇନ ସହାୟତା କମିଟି, ତାଳଚେର ଓ ତାଳଚେର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସହଯୋଗରେ ରେ ଘଣ୍ଟପଡା ଗ୍ରାମ ପଞ୍ଚାୟତର ସଭାଘର ପରିସରରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜସତ୍ୟନାରାୟନ କର୍, ବରିଷ୍ଠ ଦେୱାନୀ ବିଚାରପତି ଦୀପଙ୍କର ପଟ୍ଟନାୟକ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ଦଣ୍ଡାଧୀକାରି ଶ୍ରୀମତୀ ଧରୁବୀ ସୋଲାଙ୍କି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାକାରି ମିସ କୃଷ୍ଣା ସୁବୁଦ୍ଧି ଓ ମିସ ମେଘନା ପଣ୍ଡା, ଉପ-କଲେକ୍ଟର ଧର୍ମେନ୍ଦ୍ର ସତପଥୀ, ସହାୟକ ଶ୍ରମ ଅଧିକାରୀ ସନ୍ଦୀପ କୁମାର ରାଉତ, ରାମ ଚନ୍ଦ୍ର ସ୍ୱାଇଁ, କମିଟି ର ସଦସ୍ୟ ରାମ ଚନ୍ଦ୍ର ସ୍ୱାଇଁ, ସହାୟକ ସରକାରି ଓକିଲ ବାଉରୀବନ୍ଧୁ ବେଜ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚରେ ଉପସ୍ଥିତ ଥିଲେ । ଓଡ଼ିଶା କୋଠା ଏବଂ ଅନ୍ୟାନ୍ୟ ନିର୍ମାଣଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶାର ସଦସ୍ୟମାନେ ଏହି ସଭାରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ, ସ୍ଥାନୀୟ ଜନସାଧାରଣ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ତାଳଚେରର କର୍ମଚାରୀମାନେ ଯୋଗ ଦେଇଥିଲେ। ବକ୍ତାମାନେ ଜାତୀୟ ଆଇନସେବା ପ୍ରାଧିକରଣ ର ଯୋଜନା ଅସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କୁ ଆଇନଗତ ସେବା, ସର୍ବନିମ୍ନ ମଜୁରୀ ଆଇନ, ଶିଳ୍ପ ବିବାଦ ଆଇନ, କାରଖାନା ଆଇନ ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମ୍ପର୍କିତ ଯୋଜନା ଏବଂ ବନ୍ଧିତ ଶ୍ରମିକ ପ୍ରଣାଳୀ (ଉପଲୋପ), ଆଇନ ଉପରେ ସେମାନଙ୍କର ବକ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା କୋଠା ଏବଂ ଅନ୍ୟାନ୍ୟ ନିର୍ମାଣଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ପ୍ରାୟୋଜିତ ବିବାହ ସହାୟତା ଏବଂ ଆର୍ଥିକ ସହାୟତା ପାଇଁ ଯୋଗ୍ୟ ପଞ୍ଜିକୃତ ହିତାଧିକାରୀ ନାମାଙ୍କିତ ବ୍ୟକ୍ତିଙ୍କୁ କିଛି ଚେକ ୭,୨୩,୦୦୦ ଟଙ୍କା ମୂଲ୍ୟର ବଣ୍ଟନ କରାଯାଇଥିଲା । ଓଡ଼ିଶା କୋଠା ଏବଂ ଅନ୍ୟାନ୍ୟ ନିର୍ମାଣଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ଆହୁରି ନୂତନ ପଞ୍ଜୀକରଣ କରାଯାଇଛି। କାର୍ଯ୍ୟକ୍ରମରେ ଘଣ୍ଟପଡା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଓ ଅନ୍ୟାନ୍ୟ କର୍ମ ସାହାର୍ଯ୍ୟ ଓ ସହୋଯୋଗ କରିଥିଲେ । ସର୍ବଶେଷରେ ସହାୟକ ସରକାରି ଓକିଲ ଶ୍ରୀଯୁକ୍ତ ବାଉରୀବନ୍ଧୁ ବେଜ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ କୁନାକୁନିର ବିଷୁବ ବିଶେଷାଙ୍କ ଲୋକାର୍ପିତ

ତାଳଚେର,(ସବ୍ୟୁ ) : ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳନ ଅବସରରେ ତାଳଚେରର ମା ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ବିଷୁବ ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି । ରେଢ଼ାଖୋଲସ୍ଥିତ କନ୍ଧରା ଭୀମଭୋଇ ସ୍ମୃତି ପୀଠ ପରିସରରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇଥିଲା । ପ୍ରାଧ୍ୟାପକ ଅଖିଳ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବରେ ବାବା ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ଦାସ, ମୁଖ୍ୟ ଅତିଥି ଭାବରେ ଏମ୍‌ସିଏଲ୍ କଣିହାଁ କ୍ଷେତ୍ରର ମହାପ୍ରବନ୍ଧକ ତଥା ସୁନାମଧନ୍ୟ ହିନ୍ଦୀ ଅନୁବାଦକ ଦୀନେଶ କୁମାର ମାଲୀ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ପ୍ରକାଶ ସେଠ୍, ସମ୍ମାନୀତ ଅତିଥି ଭାବରେ ସାମ୍ବାଦିକ ବେଣୁଧର ପ୍ରଧାନ, ଶିକ୍ଷାବିତ୍ ଚକ୍ରଧର ପ୍ରଧାନ ଏବଂ ସନ୍ଥକବି ଭୀମଭୋଇ ଏକାଡେମୀର ଅଧ୍ୟକ୍ଷ ମୂରଲୀଧର ସେଠ୍ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଆମ କୁନାକୁନିର ବିଷୁବ ବିଶେଷାଙ୍କକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଏହି ଉତ୍ସବରେ ପତ୍ରିକାର ସଂପାଦକ ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁଙ୍କ ସହ ହିଙ୍ଗୁଳା ପାଠାଗାରର ସଭାପତି ହାଡ଼ିବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆକର୍ଷଣୀୟ ପ୍ରଚ୍ଛଦ, ମନଲୋଭା ଚିତ୍ର ସହ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକମାନଙ୍କ ଲେଖାରେ ସମୃଦ୍ଧ ଏହି ବିଶେଷାଙ୍କଟି ଶିଶୁ କିଶୋରମାନଙ୍କ ଦ୍ୱାରା ଆଦୃତ ଲାଭ କରିବ ବୋଲି ପତ୍ରିକାର ସଂପାଦକ ଶ୍ରୀ ସ୍ୱାଇଁ ଆଶା ପ୍ରକାଶ କରିଛନ୍ତି ।

## ଟ୍ରଲର ପଛରେ ପିଟିଲା ପିକଅପ, ୧ ମୃତ

ବଇଣ୍ଡା ,(ସବ୍ୟୁ) : ହଣ୍ଡପା ଥାନା ଅନ୍ତର୍ଗତ ବଇଶୀଣା ନିକଟରେ ସମ୍ବଲପୁରରୁ ଅନୁଗୁଳ ଯାଉଥିବା ଏକ ଟ୍ରଲର ପଛରେ ଏକ ପିକଅପ ଭ୍ୟାନ ଧକ୍କା ଦେବାରୁ ପିକଅପ ର ଚାଳକଙ୍କ ମୃତ୍ୟୁ ହୋଇଯାଇଛି । ଚାଳକ ସଞ୍ଜୟ କୁମାର ମଲ୍ଲିକଙ୍କ ଘର ଢେଙ୍କାନାଳ ଜିଲ୍ଲା ଗଁଦିଆ ଗ୍ରାମର ବୋଲି ଜଣାପଡ଼ିଛି ।ହଣ୍ଡପା ପୁଲିସ ଗାଡି ଜବତ କରି ତଦନ୍ତ ଚଳାଇଛି ।

# ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀ ଛାତ୍ରଛାତ୍ରୀଙ୍କ ସଫଳତା

ଅନୁଗୋଳ,(ସବ୍ୟୁ) : ନାଗପୁର ସାଇନଗର ସଭାଗୃହ ଠାରେ କଲ୍ଚରାଲ ଫାଉଣ୍ଡେସନ ଅଫ ଇଣ୍ଡିଆ ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ଅବସରରେ ଭାରତ ର ସମସ୍ତ ରାଜ୍ୟରୁ ୩୫୬ଜଣ ନୃତ୍ୟଶିଳ୍ପୀ ମଧ୍ୟରେ ଅନଲାଇନ ମାଧ୍ୟମରେ ଚୟନ କରାଯାଇଥିଲା। ସେଥିରେ ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀର ୩ ଜଣ ଛାତ୍ରୀ ଯଥା,ସର୍ମିଷ୍ଠା ନାଥ,ଆହାନା ରଥ,ଶ୍ରେୟାନସି ମହାରଣା ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ୨୬ତାରିଖ ଦିନ ସମସ୍ତ ୩ଜଣ ଛାତ୍ରୀଙ୍କୁ ମାନପତ୍ର, ମେଡାଲ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ନୃତ୍ୟ



ଶିକ୍ଷୟତ୍ରୀ ଶ୍ରୀମତୀ ଅନୀତା ରାଜଗୁରୁଙ୍କୁ ନୃତ୍ୟ କଳାଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବନ୍ଦେ ଭାରତମ ନୃତ୍ୟ ପ୍ରତିଯୋଗିତା ସର୍ବ କନିଷ୍ଠ ଏକକ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଆହାନା ରଥ ପ୍ରଥମ,ଶ୍ରେୟାନସି ମହାରଣା ତୃତୀୟ ଏବଂ ଲୋକନୃତ୍ୟ ପ୍ରତିଯୋଗିତାରେ ଶ୍ରେୟାନସି ପ୍ରଥମ, ଆହାନା ରଥ ଦ୍ୱିତୀୟ ଏବଂ କନିଷ୍ଠ ବିଭାଗର ସର୍ମିଷ୍ଠା ନାଥ ତୃତୀୟ ସ୍ଥାନ ଅଧିକାର କରି ସମସ୍ତ ଛାତ୍ରୀ ଅନୁଷ୍ଠାନ ପାଇଁ ଏବଂ ଅନୁଗୁଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।ଅନୁଷ୍ଠାନର ସଭାପତି , ସମ୍ପାଦକ ପଙ୍କଜ ସାମଲ, ସମସ୍ତ ଅଭିଭାବକ, ଅଭିଭାବିକା ସମସ୍ତ ଛାତ୍ରୀଙ୍କୁ ଓ ନୃତ୍ୟ ଶିକ୍ଷୟତ୍ରୀ ଶ୍ରୀମତୀ ଅନୀତା ରାଜଗୁରୁଙ୍କୁ ଅନେକ ଅନେକ ଶୁଭକାମନା ଜଣାଇଛନ୍ତି ଏବଂ ଆସନ୍ତା ମାସରେ ଭିଏତନାମ ଠାରେ ଥିବା ନୃତ୍ୟ କାର୍ଯ୍ୟକ୍ରମ ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଗୋଳର ଅଗ୍ରଣୀ ସେବା ସାଂସ୍କୃତିକ ଅନୁଷ୍ଠାନ ଆମ ସଂସ୍କୃତିର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ସଫଳତା ଅର୍ଜନ କରିଥିବା ଗୁରୁ ଅନିତା ରାଜଗୁରୁ ଓ ଛାତ୍ରୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ବୈତରଣୀ-କୋଚିଲା ଘେରିବନ୍ଧର ଶିଳାନ୍ୟାସ



ଅସୁରାଳି,(ସବ୍ୟୁ)::ପ୍ରତୀକ୍ଷିତ ବୈତରଣୀ କୋଚିଲା ନଦୀରେ ଘେରି ବନ୍ଧ ନିର୍ମାଣ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟ ସୋମବାର ଦିନ ଧାମନଗର ବ୍ଲକର ହସନାବାଦ ପଞ୍ଚାୟତସ୍ଥିତ ଅସ୍ତକ ଠାରେ କରାଯାଇଛି। ଧାମନଗର ବ୍ଲକର ସର୍ବାଧିକ ବନ୍ୟା ପ୍ରଭାବିତ ପଧାନୀ,ଅର୍ଜ୍ଜୁନପୁର ଏବଂ ହସନାବାଦ ପଞ୍ଚୟତକୁ ସୁରକ୍ଷା ଦେବା ପାଇଁ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ୧୯କୋଟି ବ୍ୟୟ ଅଟକଳରେ ଦୁଇଟି ନଦୀରେ ପ୍ରାୟ ୧୮ଶହ ମିଟର ଲମ୍ବର ଏହି ଘେରି ବନ୍ଧ ନିର୍ମାଣ ପାଇଁ ସୋମବାର ସକାଳେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ଅସ୍ତକ ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଶାସକ ଦଳର ବରିଷ୍ଠ ନେତା ଅଶୋକ ପୁହାଣ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ଜେନା,ଚତୁର୍ଭୁଜ ନାୟକ, ସେବାନିବୃତ୍ତ ଏସଡିଓ କିଶୋର ଦାସ, ଅରବିନ୍ଦ ପତି,ବୁଦ୍ଧଦେବ ଜେନା, ବିଦ୍ୟାଧର ରାଉତ, ଅନ୍ତର୍ଯ୍ୟାମୀ ପତି, ଅନିରୁଦ୍ଧ ସାହୁ,ଅଜୟ ବଳ, ଶ୍ରୀକାନ୍ତ ନାୟକ,ରାଜେନ୍ଦ୍ର ସାହୁ,ଧରଣୀଧର ବସନ୍ତିଆ,ବାଦଲ ବିଶ୍ୱାଳ,ଇଂ.ରୁଦ୍ର କିଶୋର ନାୟକ,କମଳାକାନ୍ତ ପୁହାଣ ପ୍ରମୁଖଙ୍କ ସମେତ ଜଳସମ୍ପଦ ବିଭାଗ ଏସଡିଓ ଶମ୍ଭୁ ପ୍ରକାଶ ମଲ୍ଲିକ ଏବଂ କନିଷ୍ଠ ଯନ୍ତ୍ରୀ ବିମଳ ବେହେରା ଉପସ୍ଥିତ ଥିଲେ ।

# ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବି କଲେ ବିଧାୟକ

କେନ୍ଦୁଝର , (ଜପ୍ର): ବିରୋଧୀ ଦଳରେ ଥିବା ବିଜେପି ପୂର୍ବ ସରକାରଙ୍କୁ ଦୋଷାରୋପ କରୁଥିବା ବେଳେ ଏବେ ଶାସନ ଗାଦି ପରିବର୍ତ୍ତନ ହୋଇ ବିଜେପି ଡବଲ ଇଞ୍ଜିନ ସରକାରକୁ ଆସିବା ପରେ ମଧ୍ୟ ସମ୍ପୃକ୍ତ ପ୍ରସଙ୍ଗଗୁଡ଼ିକୁ ଅଣଦେଖା କରାଯାଉଛି। ଆନନ୍ଦପୁରକୁ ରେଳପଥ ସଂଯୋଗ ପ୍ରସ୍ତାବ ଫାଇଲ ତଳେ ହଜିଗଲାଣି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଉନି। ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଧାନସଭାରେ ବାରମ୍ବାର ପ୍ରଶ୍ନ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ସମେତ ମା'ତାରିଣୀଙ୍କ ପୀଠ ଘଟଗାଁକୁ ରେଳପଥ ସଂଯୋଗ କ୍ଷେତ୍ରରେ ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ନେଇଛନ୍ତି ସେନେଇ ବିଧାୟକ ପ୍ରଶ୍ନ ଉଠାଇଥିଲେ। ରାଜ୍ୟ ଏହା କେନ୍ଦ୍ର ସରକାରଙ୍କ ବିଷୟ ହୋଇଥିବାରୁ ବିଧିବଦ୍ଧ ପ୍ରସ୍ତାବ ଆସିଲେ ଅଗ୍ରାଧିକାର ଭିତ୍ତିରେ ଏଥପାଇଁ ଅନୁରୋଧ କରାଯିବ ବୋଲି ସରକାର ସୂଚନା ଦେଇଛନ୍ତି । ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ୧୫ ବର୍ଷ ହେଲା ଆନ୍ଦୋଳନ ହେଉଛି। ରେଳ ସଂଯୋଗ ହେଲେ ଉପଖଣ୍ଡର ବିକାଶ ହୋଇପାରିବ ବୋଲି ବାରମ୍ବାର ଦାବି ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଚଳିତ ବଜେଟରେ ମଧ୍ୟ ଏହା ସ୍ଥାନ ନପାଇବା ଉପଖଣ୍ଡବାସୀଙ୍କୁ ନିରାଶ କରିଛି। ଏହି ଦାବି ନେଇ ଅଞ୍ଚଳବାସୀ କିଛିଦିନ ତଳେ ଆନନ୍ଦପୁରରୁ ଘଟଗାଁ ମା'ତାରିଣୀ ପୀଠକୁ ସଂକୀର୍ତ୍ତନ ପଦଯାତ୍ରା କରିଥିଲେ। ସରକାର ଅନ୍ୟ ସ୍ଥାନରେ ପାହାଡ଼ ପର୍ବତ କାଟି ରେଳପଥ ନିର୍ମାଣ କରୁଥିବା ବେଳେ ଆନନ୍ଦପୁର ପାଇଁ କାହିଁକି କରାଯାଉନି ବୋଲି ନାରାବାଜି କରାଯାଇଥିଲା। ଏନେଇ ସରକାରଙ୍କଠାରୁ ଜବାବ ତଲବ କରାଯାଇଥିଲା। ପୂର୍ବତନ ବିଧାୟକ ଭାଗୀରଥୀ ସେଠୀ ପୂର୍ବରୁ ବିଧାନସଭାରେ ଏନେଇ ପ୍ରଶ୍ନ ଉଠାଇଥିଲେ। କେନ୍ଦ୍ର ସରକାରଙ୍କୁ ଏଥପାଇଁ ପ୍ରସ୍ତାବ ଦିଆଯାଇଥିବା ନେଇ ତତ୍କାଳୀନ ପରିବହନ ମନ୍ତ୍ରୀ ଉତ୍ତରରେ କରିନଥିଲେ। ଏବେ କୌଣସି ପ୍ରସ୍ତାବ ନଥିବା ପରିବହନ ମନ୍ତ୍ରୀ ବିଧାନସଭାରେ କହିବା ହାସ୍ୟାସ୍ପଦ ବୋଲି ଆନନ୍ଦପୁର ବିକାଶ ପରିଷଦର ସଭାପତି ରମାକାନ୍ତ ନାୟକ, ବାରିଗାଁ ମା' ଧନେଇ ସେବାସଂଘ ସଭାପତି ବିଷ୍ଣୁପ୍ରସାଦ ବାରିକ କହିଛନ୍ତି।

# ଖଇରା ବ୍ଲକର ଏ-୧ରେ ୩ ଜଣ ଛାତ୍ର

ଖଇରା, (ସବ୍ୟୁ): ଖଇରା ବ୍ଲକ ଅନ୍ତରା ବଜାର ସ୍ଥିତ ଅନ୍ତରା ମହତୀପୁର ବାଇଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ହିମାଂଶୁ ଘଡେଇ ୯୪.୮୪(୫୬୯) ପ୍ରତିଶତ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନରେ ଅଧିକାର କରିଛନ୍ତି । ସେ ଦିନକୁ ୧୨ ରୁ ୧୪ ଘଣ୍ଟାପରିଶ୍ରମ କରି ଏହି ସଫଳତା ହାସଲ କରିଛନ୍ତି । ହିମାଂଶୁଙ୍କ ବାପା ଅଶ୍ୱିନୀ କୁମାର ଘଡେଇ ଜଣେ ଚାଷୀ ଓ ମାଆ କନକଲତା ଘଡ଼େଇ ଗୃହିଣୀ ହିମାଂଶୁ ତାଙ୍କର ଏକ ମାତ୍ର ପୁତ୍ର ପୁଅ ହୋଇ ଥିବାବେଳେ ଆଗାମୀ ଦିନରେ ଜଣେ ଭଲ ଇଞ୍ଜିନିୟର ହେବାର ତାଙ୍କର ଲକ୍ଷ୍ୟ ଅଛି । ତେବେ ସେ ସଫଳତାର ଶ୍ରେୟ ତାଙ୍କ ପଥ ପ୍ରଦର୍ଶକ ଶିକ୍ଷକ ଏବଂ ବାପା ଓ ମାଆଙ୍କୁ ଦେଇଛନ୍ତି । ଖଇରା ବ୍ଲକ ଡୁଙ୍ଗୁରା ବଜାର ସ୍ଥିତ ଡୁଙ୍ଗୁରା ଦର୍ଶନ ପ୍ରସାଦ ନୋଡାଲ ହାଇ ସ୍କୁଲର ଛାତ୍ର ତନ୍ମୟ ପୃଷ୍ଟି ୯୨.୬୬(୫୫୬) ପ୍ରତିଶତ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରଛନ୍ତି । ତନ୍ମୟଙ୍କ ଘରର ସାନ ପୁଅ ହୋଇ ଥିବାବେଳେ ପିତା ସୁନନ୍ଦ ପୃଷ୍ଟି ଡୁଙ୍ଗୁରା ବଜାରରେ ଏକ ଷ୍ଟୋଡିଓ କରି ଗୁଜୁରାଣ ମେ ନ୍ତି ଓ ମାଆ ବନ୍ଦନା ପୃଷ୍ଟି ଜଣେ ଗୃହିଣୀ । ବ୍ଲକର ଡୁଙ୍ଗୁରା ବଜାର ସ୍ଥିତ ଡୁଙ୍ଗୁରା ଦର୍ଶନ ପ୍ରସାଦ ନୋଡାଲ ହାଇ ସ୍କୁଲର ଛାତ୍ର ଚିନ୍ମୟ ବେହେରା ୯୧.୮୩(୫୫୧) ପ୍ରତିଶତ ନମ୍ବର ରଖି ବ୍ଲକର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚନ୍ମୟ ଘରର ସାନ ପୁଅ ହୋଇଥିବାବେଳେ ବାପା ସୁବଳ ବେହେରା ବିଦେଶରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟରତ ଓ ମା ଶାନ୍ତିଲତା ବେହେରା ଗୃହିଣୀ ।

# ଜିତୁ ମୁଣ୍ଡା ବଦଳାଇଲା ଗାଁ ଭାଗ୍ୟ
# ମରାମତି ହେଲା ନଳକୂପ

କେନ୍ଦୁଝର,(ଜିପ୍ର): ଟଙ୍କା ଉଠାଇବା ପାଇଁ ଜିତୁ ମୁଣ୍ଡା ନିଜ ବଡ଼ ଭଉଣୀଙ୍କ କଙ୍କାଳ କାନ୍ଧରେ ବୋହି ବ୍ୟାଙ୍କକୁ ନେବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ଜିତୁ ମୁଣ୍ଡାଙ୍କ ଭାଗ୍ୟକୁ ବଦଳାଇବା ସହିତ ତାଙ୍କ ଗ୍ରାମର ଭାଗ୍ୟ ମଧ୍ୟ ବଦଳାଇଦେଇଛି। ଜିତୁଙ୍କୁ ସହାୟତାର ସୁଅ ଛୁଟୁଥିବା ବେଳେ ଗ୍ରାମର ଅବସ୍ଥା ସୁଧୁରୁଛି। ଫଳରେ ଜିତୁଙ୍କ ସହିତ ଗ୍ରାମବାସୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି।ଏକଦା ଅଲୋଡ଼ା ହୋଇଥିବା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମକୁ ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତା, ଲୋକପ୍ରତିନିଧିଙ୍କ ଏବେ ଯାତାୟାତ ଲାଗି ରହିଛି। ଜିତୁଙ୍କୁ ସହାୟତା ରାଶି ସହିତ ଭତ୍ତା, ଘରକୁ ବିଦ୍ୟୁ ସଂଯୋଗ, ଫ୍ୟାନ, ଖଟ, ବିଛଣା ସବୁ ମିଳିଯାଇଛି। ଏଥିସହ ଡିଆନାଳି ଗ୍ରାମରେ ପ୍ରାୟ ୧୫୦ପରିବାର ବସବାସ କରୁଥିବା ବେଳେ ପାଣି ପାଇଁ ଲୋକେ ଅନେକ ହଇରାଣ ହେଉଥିଲେ। ସକାଳ ହେଲେ ମହିଳା ପାଣି ସଂଗ୍ରହରେ ଲାଗିପଡୁଥିଲେ। ତେବେ ଜିତୁ ମୁଣ୍ଡାଙ୍କ ଖବର ପ୍ରଘଟ ପରେ ଗାଁରେ ଅଚଳ ହୋଇପଡ଼ିଥିବା ନଳକୂପ ମରାମତି କରାଯାଇଛି।ଗୋଟିଏ ପଟେ ଖରାଦିନ ପୂର୍ବରୁ ସମସ୍ତ ଅଚଳ ନଳକୂପ ମରାମତି କରାଯାଇଛି ବୋଲି ପ୍ରଶାସନ କହୁଥିବା ବେଳେ ଏବେ ବାସ୍ତବ ଚିତ୍ର ପଦାକୁ ଆସିଛି। ରବିବାର ସକାଳେ ଗ୍ରାମୀଣ ଜଳଯୋଗାଣ ବିଭାଗ ପକ୍ଷରୁ ନଳକୂପ ମରାମତି କରାଯାଇଥିବା ବେଳେ ପୂର୍ବରୁ ଅଭିଯୋଗ କଲେ ମଧ୍ୟ ମରାମତି କରାଯାଉ ନ ଥିଲା ବୋଲି ଗ୍ରାମବାସୀ କହିଛନ୍ତି।

# ୩ ଭାଲୁଙ୍କ ହାବୁଡ଼ରେ ଯୁବତୀ

ଢେଙ୍କିକୋଟ , (ସବ୍ୟୁ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସଡ଼ଙ୍ଗ ବାହାଳି ଗ୍ରାମରେ ସୋମବାର ସକାଳୁ ଭାଲୁ ଆକ୍ରମଣରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି । ଗୁରୁତର ଜଣକ ହେଉଛନ୍ତି ଶ୍ରୀଦେବୀ ମୁଣ୍ଡା। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭାଲୁ ଆକ୍ରମଣରେ ତାଙ୍କର ଦୁଇ ଗୋଡ଼ ଜଙ୍ଘରେ ଗଭୀର କ୍ଷତ ହୋଇଛି। ସେ ଚାର କୋଳି ସଂଗ୍ରହ କରିବା କୁ ଯାଇଥିବା ସମୟରେ ପାଖ ଜଙ୍ଗଲରୁ ଆସିଥିବା ୩ ଭାଲୁଙ୍କ ହାବୁଡ଼ରେ ପଡ଼ିଥିଲେ। ସେ ଚିତ୍କାର କରିବାରୁ ଲୋକେ ପାଟି ଶୁଣି ପହଞ୍ଚି ଭାଲୁଙ୍କୁ ଘୋଡାଇବାରୁ ଭାଲୁ ପାଖ ଜଙ୍ଗଲକୁ ପଳାଇଥିଲେ।

# ବଜରଙ୍ଗୀ ଶ୍ରମିକ ସଂଘର ସହାୟତା

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ସ୍ଥିତ ସାହାରପୁର ଗ୍ରାମରେ ନିର୍ମାଣ ଶ୍ରମିକ ଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହେଇ ଯାଇଛି । ଉକ୍ତ ସଭାରେ ଦୁଇଶହ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରା ଯିବା ସହ ଦୁଇ ଜଣ ଶ୍ରମିକଙ୍କୁ ୧୫୦୦ଲେଖାଏଁ ରାଶି ଚିକିତ୍ସା ନିମନ୍ତେ ପ୍ରଦାନ କରା ଯାଇଛି । ଉକ୍ତ ସଭାରେ ବଜାରଙ୍ଗୀ ନିର୍ମାଣ ଶ୍ରମିକ ସଂଘ ସଭାପତି ଯତୀନ୍ଦ୍ର କୁମାର ବେହେରା ଶ୍ରମିକମାନଙ୍କ ଅଧିକାର ବିଷୟରେ ପଙ୍ଖାନୁପୁଙ୍ଖ ଭାବରେ ଶ୍ରମିକଙ୍କୁ ଅବଗତ କରାଇବା ସହ କିଭଳି ଶ୍ରମିକ ସମାଜ ଅବହେଳା ତଥା ଶୋଷଣର ଶିକାର ନ ହେବେ,ସେଥି ପ୍ରତି ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ଥିବା କଥା କହିଥିଲେ । ହୋ ସମାଜର ଜଣାଶୁଣା ସମାଜସେବୀ ବିଜୟ କୁମାର ମୁଣ୍ଡା ଶ୍ରମିକମାନେ କିଭଳି ସରକାରୀ ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି,ସେଥି ପ୍ରତି ସମସ୍ତେ ଧ୍ୟାନ ଦେବା ସହ ଯଦି ଶ୍ରମିକ କେଉଁଠି ଅବହେଳାର ଶିକାର ହୁଏ,ତେବେ ସଂଘକୁ ଜଣାଇବା ପାଇଁ ଅନୁରୋଧ କରିଥିଲେ ।ସଭାର ଆବାହକ ଅର୍ଜୁନ କୁମାର ଦେହୁରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ଦୁର୍ଘଟଣାର ୮ ଦିନ ପରେ ଯୁବକ ମୃତ

ଢେଙ୍କିକୋଟ , (ସବ୍ୟୁ): କେନ୍ଦୁଝର ଜିଲ୍ଲା ସାମପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତ ମଲ୍ଲିପଶିର ନୀଳମଣି ରଣାଙ୍କ ସାନପୁଅ ସୁମନ (୨୦) ଦୁର୍ଘଟଣାର ଆଠଦିନ ପରେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସତ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ସେ ଦୁର୍ଘଟଣା ଦିନ ସନ୍ଧ୍ୟାରେ ବାଇକ ଯୋଗେ ଘରକୁ ଫେରୁଥିଲା ବେଳେ ପାଟଣାଥାନା ସ୍ୱାମ ବାଇପାସ ନିକଟରେ ଏକ ଦ୍ରୁତଗାମୀ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା । ଫଳରେ ତାଙ୍କ ଦୁଇଗୋଡ ଭାଙ୍ଗିଯିବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା । ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ଅଶ୍ୱିନୀ ହସ୍ପିଟାଲ ରେ ଚିକିତ୍ସିତ କରାଯାଉଥିଲା । ତେବେ ଆଠଦିନର ସଂଘର୍ଷପରେ ତାଙ୍କର ସୋମବାର ଦିନ ମୃତ୍ୟୁ ଘଟିଛି । ସେ ଜଣେ ମେଳାପି, ପରୋପକାରୀ, ମିଷ୍ଟଭାଷୀ ଯୁବକ ଥିଲେ । ତାଙ୍କର ମୃତ୍ୟୁ ରେ ସମଗ୍ର ମଲ୍ଲିପଶି ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।ସ୍ଥାନୀୟ ସରପଞ୍ଚ ଭାମମଣି ଦାସ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

## ବନ୍ଦ ହେଉନାହିଁ ଯାତ୍ରାରେ ବିବାଦ
# ଥାନାରେ ଶ୍ରମିକ ପରିଚାଳକ-କର୍ତ୍ତୃପକ୍ଷ

ଅସୁରାଳି,(ସବ୍ୟୁ): ଯାତ୍ରାରେ ଏବେ ଗୋଟିଏ ପରେ ଗୋଟିଏ ନୂଆ ବିବାଦ ଦେଖିବାକୁ ମିଳିଛି। ଉତ୍କଳ ରଂଗମଂଚ ନାମକ ଅପେରା ପାର୍ଟିର ଲେବର ମ୍ୟାନେଜର ଏବଂ ମାଲିକାନା ମଧ୍ୟରେ ବିବାଦ ଏବେ ସାମ୍ନାକୁ ଆସିଛି। ଉଭୟ ପକ୍ଷ ଏନେଇ ଧୂଷୁରୀ ଥାନାରେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ଜିଲ୍ଲା କମଦା ଥାନା ଅଂଚଳର ପ୍ରତାପ କୁମାର ପଣ୍ଡା ଅଭିଯୋଗ କରିଛନ୍ତି ଯେ ଗତ ନଭେମ୍ବର ମାସରୁ ଉତ୍କଳ ରଙ୍ଗମଂଚରେ ଲେବର ଠିକାଦାର ଭାବେ କାର୍ଯ୍ୟ କରୁଥିଲେ। ଏଥିପାଇଁ ପାର୍ଟି କର୍ତ୍ତୃପକ୍ଷ ତାଙ୍କୁ ମାସିକ ୧ଲକ୍ଷ ୯୦ହଜାର ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା ଏବଂ ସେ ପାଖାପାଖି ୧୮ଜଣ ଶ୍ରମିକ ନେଇ କମ୍ପାନୀରେ ଷ୍ଟେଜ ସାଉଣ୍ଡ ଆଦି କାମ କରୁଥିଲେ। ଅଭିଯୋଗ ଅନୁଯାୟୀ ତାଙ୍କୁ ମାଲିକ ମାତ୍ର ଗୋଟିଏ ମାସର ଦରମା ଠିକରେ ଦେଇଥିଲେ। କିନ୍ତୁ ଏହା ପରେ ଟଙ୍କା ଦେବାରେ ହେଳା କରିଥିଲେ। ଏଣୁ ଶ୍ରୀପଣ୍ଡା ନିକଟରେ ତାଙ୍କର ସହଯୋଗୀଙ୍କୁ ଧରି ବେତାଳିଗାଁ ନିକଟ ଗଡ଼ଗଡ଼ି ଠାରେ ଯାତ୍ରା ପାର୍ଟିର ସରଞ୍ଜାମ ବୋଝେଇ ଏକ ଗାଡିକୁ ଅଟକାଇ ପୁଲିସ ସହାୟତାରେ ଧୂଷୁରୀ ଥାନାକୁ ନେଇ ଅଟକ ରଖି ବକେୟା ପ୍ରାପ୍ୟ ଦାବି କରିଥିଲେ। ଅପରପକ୍ଷରେ ପାର୍ଟି ପକ୍ଷରୁ ସବିତା ରାଣୀ ନାୟକ ପ୍ରତାପଙ୍କ ବିରୋଧରେ ଚୋରି ଠକେଇ ଅବହେଳା ଭଳି ଅଭିଯୋଗ କରିଛନ୍ତି। ସବିତା ଅଭିଯୋଗ କରିଛନ୍ତି ଯେ,କୋଟି କୋଟି ଟଙ୍କା ଖର୍ଚ୍ଚ କରି ସେ ପାର୍ଟି କରିଥିବାବେଳେ ପ୍ରତାପଙ୍କ ପାଇଁ ତାଙ୍କର ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହୋଇଛି। ନିର୍ଦ୍ଧାରିତ ସମୟରେ ସେ ଚୁକ୍ତି ମୁତାବକ କାମ ନକରିବା ହେତୁ ଯାତ୍ରା କମିଟି ଚୁକ୍ତି ଅର୍ଥ ଦେଇନାହାନ୍ତି। ସେ ପ୍ରାୟ ୬ଲକ୍ଷ ଟଙ୍କାର ଟେଣ୍ଟ ପାଲ ଆଦି ଚୋରେଇ ନେଇଛନ୍ତି ଏବଂ ତାଙ୍କ ସହିତ ଗାଡ଼ି ଅଟକାଇ ଯାତ୍ରା ପରିବେଶଣରେ ବାଧା ସୃଷ୍ଟି କରିଛନ୍ତି। ତାଙ୍କ ଅର୍ଥ ହିସାବ ପାଇଁ ଅଫିସ ଆସୁନାହାଁନ୍ତି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହା ମଧ୍ୟରେ ଯାତ୍ରା ପାର୍ଟିର ଗାଡିକୁ ପୁଲିସ ଛାଡି ଦେଇଥିବାବେଳେ ଶ୍ରମିକ ଠିକାଦାର ପୁଲିସ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ କହିଛନ୍ତି ଏହି ଘଟଣା ନେଇ ଉଭୟଙ୍କ ମଧ୍ୟରେ ସମାଧାନ ଉଦ୍ୟମ କରାଯାଇ ସେମାନଙ୍କ ଥାନାରେ ଆଶ୍ରୟ ନେବାକୁ କୁହାଯାଇଛି।

# ୨୬ କୃତୀ ଛାତ୍ରଛାତ୍ରୀଙ୍କୁ ଶଙ୍ଖାଳୀ ଗୌରୀ ସ୍ମାରକୀ ମେଧା ସମ୍ମାନ

ବନ୍ତ,(ସବ୍ୟୁ): :ବନ୍ତ ବ୍ଲକ ପଳାସଗଡିଆସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶଂଖାଳୀ ଗୌରୀ ସ୍ମାରକୀ ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସ୍ଥାୟୀ ସଭାପତି ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଶିଷ୍ଟ ଅତିଥି ଭାବେ ରାଜ୍ୟବିଜେପି କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ, ଉଦ୍ଘାଟକ ଭାବେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥ ସୁନ୍ଦର ମହାକୁଡା, ମୁଖ୍ୟ ବକ୍ତା ଭାବେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ଚାରୁ ଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା, ଗଣିଜାଙ୍ଗସ୍ଥିତ ଏକାଡେମିକ ଇଣ୍ଟରନେସନାଲ ସ୍କୁଲର ଅଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ନାୟକ, ଜାତୀୟ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ପାଢୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ସୁପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ୱେତପଦ୍ମା ପାତ୍ର ବକ୍ତବ୍ୟ ରଖିଥିଲେ । ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ଜେନା ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ, ଶିକ୍ଷକ ସୁକାନ୍ତ କୁମାର ବେହେରା ଅତିଥି ପରିଚୟ, ଟ୍ରଷ୍ଟର ଉପଦେଷ୍ଟା ଜଗନ୍ନାଥ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ, ଟ୍ରଷ୍ଟର ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ ଏବଂ ଶିକ୍ଷକ ଶ୍ରୀକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଚଳିତ ସିବିଏସଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ୧୯ ଜଣ, ଚାରୁ ଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଜଣେ, ଗଣିଜାଙ୍ଗସ୍ଥିତ ଏକାଡେମିକ ଇଣ୍ଟରନେସନାଲ ସ୍କୁଲର ୩ ଜଣ ଏବଂ କେନ୍ଦୁଆପଦାସ୍ଥିତ ସତ୍ୟସାଇ ଗୁରୁକୁଳର ୩ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର, ମେଡାଲ ଓ ପୁରସ୍କାର ରାଶି ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା ।

# ବେଲଗଡିଆ ହାଇସ୍କୁଲରେ ଏ-୧ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ବେଲଗଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଏ-୧ ଗ୍ରେଡ ଉତ୍ତୀର୍ଣ୍ଣ ଛାତ୍ରୀ ସ୍ୱୟଂପ୍ରଭା ନାୟକଙ୍କୁ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଶିକ୍ଷାବିତ କାର୍ତ୍ତିକ ସ୍ୱାଇଁ ମୁଖ୍ୟଅତିଥି, ଜଗନ୍ନାଥ ମହାନ୍ତି, ପ୍ରସନ୍ନ ନାୟକ, ଆର୍ତ୍ତବନ୍ଧୁ ଧଳ, ହେମନ୍ତ ବିଶ୍ୱାଳ, କେଦାର ଜେନା ଓ ସତ୍ୟବ୍ରତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱୟଂପ୍ରଭାଙ୍କ ସମେତ କୃତୀ ଛାତ୍ରୀ ସ୍ମୃତିଶିଖା ସାମଲ, ସୁଚୀତ୍ରା ରାଉତ ଓ ସୁମିତ୍ରା ରାଉତଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବିଦ୍ୟାଳୟରେ ନବନିଯୁକ୍ତ ଶିକ୍ଷୟତ୍ରୀ ଭାଗ୍ୟଶ୍ରୀ ଶୁକ୍ଳାଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିରେନ ମହାନ୍ତି, ବନମାଳୀ ସାହୁ, ସୁଶୀଳ ସାହୁ, ଶିକ୍ଷୟତ୍ରୀ ସୁଚୀସ୍ମିତା ନାୟକ ଓ ବିଷ୍ଣୁପ୍ରିୟା ଜେନା ଉତ୍ସବ ପରିଚାଳନା କରିଥିଲେ।

# ସଫଳତା କ୍ଷେତ୍ରରେ ଗରିବ ପ୍ରତିବନ୍ଧକ ନୁହେଁ : ଏ-୧ରେ ଶୁଭଲକ୍ଷ୍ମୀ

ବାସୁଦେବପୁର,(ସବ୍ୟୁ):_ପ୍ରକାଶ ପାଇଛି ହାଇସ୍କୁଲ ମ୍ୟାଟ୍ରିକ ପରୀକ୍ଷାର ରେଜାଲ୍ଟ। ସବୁଠି ଖୁସି ଓ ଆନନ୍ଦର ମାହୋଲ ଖେଳିଯାଇଛି। ଝିଅର ସଫଳତା କେବଳ ପରିବାର ପାଇଁ ନୁହେଁ ସମଗ୍ର ଅଂଚଳ ଗୌରବ ଆଣିଦେଇଛି। ଏନପି ହାଇସ୍କୁଲର ପ୍ରଥମ କରି ଜଣେ ଛାତ୍ରୀ ଏ ୱାନରେ ଉତ୍ତିର୍ଣ୍ଣ ହୋଇଛନ୍ତି। ବାସୁଦେବପୁର ବ୍ଲକର ବିଦେଇପୁର ଗ୍ରାମର ପଞ୍ଚାନନ ପଲାଇ ଓ ଅବନ୍ତୀ ପଲାଇଙ୍କ ଏକ ମାତ୍ର କନ୍ୟାଶୁଭଲକ୍ଷ୍ମୀ ପଲାଇ। ବିଦେଇପୁର ନରେନ୍ଦ୍ର ପ୍ରସାଦ ହାଇସ୍କୁଲ ଅଧ୍ୟୟନ କରୁଥିଲେ। ଘରେ ପାଠ ପଢାରେ ଉତ୍ସାହିତ କରିବାକୁ କେହିନାହିଁ। ପାଠରେ ଡାଉଟ୍ ରହିଲେ ଶିକ୍ଷକ ଓ



ଶିକ୍ଷୟତ୍ରୀ ଭରଷା। ତଥାପି ଭାଙ୍ଗି ଯାଇ ନାହିଁ ମନୋବଳ। କଠିନ ପରିଶ୍ରମ ଓ ଦୃଢ ଇଚ୍ଛାଶକ୍ତି ସଫଳତାର ନିକଟତର କରିଛି। ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ନରେନ୍ଦ୍ର ପ୍ରସାଦ ହାଇସ୍କୁଲରେ ୯୩ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ଶୁଭଲକ୍ଷ୍ମୀ ପଲାଇ ଏ ୱାନରେ ପାଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛି। ବାପା ଓ ମାଆଙ୍କ ଆଶାକୁ ସଫଳ କରିବାକୁ ଦିନ ରାତି ପରିଶ୍ରମ କରୁଥିଲେ। ଯାହା ବିଦେଇପୁର ଅଂଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଶିକ୍ଷକଙ୍କ ମହଲରେ ଖୁସିର ମାହୋଲ ଖେଳି ଯାଇଛି। ଶୁଭଲକ୍ଷ୍ମୀ ପଲାଇ ନରେନ୍ଦ୍ର ପ୍ରସାଦ ହାଇସ୍କୁଲର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଉଦାହରଣ ସାଜିବେ ବୋଲି ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଚହିଛନ୍ତି।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ କଲେଜ ଛାତ୍ରଛାତ୍ରୀଙ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ): ଫକୀର ମୋହନ (ଏଫ ଏମ) ବିଶ୍ୱବିଦ୍ୟାଳୟରେ ସୋମବାର ଦିନ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ -୨୦୨୬ ର ଉଦଘାଟନ ହୋଇଯାଇଛି । ଏହି ତିନି ସପ୍ତାହର ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆସନ୍ତା ୨୪ରେ ସମାପ୍ତ ହେବ । ଏହି ପ୍ରୋଗ୍ରାମ୍‌ଟି ଏନଇପି-୨୦୨୦ ଓ ଭାରତୀୟ ଜ୍ଞାନ ପରମ୍ପରା ଧାରଣାକୁ ଆଧାର କରି ସଂଗଠିତ ହୋଇଛି । ସମାଜଶାସ୍ତ୍ର, ରାଜନୀତି ବିଜ୍ଞାନ, ଅର୍ଥନୀତି, ଇତିହାସ ଓ ପୁରାତତ୍ତ୍ୱ, ମାନବଶାସ୍ତ୍ର, ପ୍ରୟୋଗମୂଳକ ମନୋବିଜ୍ଞାନ, ସାମ୍ବାଦିକତା ଓ ଗଣମାଧ୍ୟମ, ଜନସଂଖ୍ୟା ଅଧ୍ୟୟନ ଏବଂ ସମାଜ କାର୍ଯ୍ୟ ବିଭାଗମାନଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆଧାରିତ ଅଧ୍ୟୟନ, ଗବେଷଣାମୁଖୀ ଦୃଷ୍ଟିଭଙ୍ଗୀ ଏବଂ ସମକାଳୀନ ସାମାଜିକ ଚିତ୍ର ସହ ସମ୍ପୃକ୍ତ ହେବା ପାଇଁ ଏହା ଉଦ୍ଦିଷ୍ଟ । କାର୍ଯ୍ୟକ୍ରମର ଆରମ୍ଭ ଅତିଥି ପରିଚୟ, ସ୍ୱାଗତ ଭାଷଣ ଏବଂ ପ୍ରଶିକ୍ଷଣ ପଛରେ ଥିବା ଲକ୍ଷ୍ୟ ଓ ଦୃଷ୍ଟିକୋଣର ପ୍ରସ୍ତୁତି ସହିତ ହୋଇଥିଲା । ପ୍ରଫେସର ପବିତ୍ର ମୋହନ ନାୟକ ଏହାର ଶିକ୍ଷାଗତ ମହତ୍ତ୍ୱ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମର ଔପଚାରିକ ଉଦ୍ଘାଟନ କରି, ଏପରି ପ୍ରୟାସଗୁଡ଼ିକ ଅନୁଭବମୂଳକ ଶିକ୍ଷା ଓ ଶିକ୍ଷାଗତ କୁଶଳତାକୁ ସୁଦୃଢ କରିବାରେ କିପରି ଭୂମିକା ନେଉଛି ତାହା ଉଲ୍ଲେଖ କରିଥିଲେ । ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଛାତ୍ରଛାତ୍ରୀମାନଙ୍କୁ ଏହି ଇଣ୍ଟର୍ନଶିପ୍ର ସୁଯୋଗଗୁଡ଼ିକୁ ସକ୍ରିୟ ଭାବେ ନିୟୋଜିତ ହେବାକୁ ପ୍ରେରିତ କରିଥିଲେ ।ବିଭାଗ ଅନୁଯାୟୀ ଲକ୍ଷ୍ୟ ଓ ବିଷୟମୂଳକ ଦିଗନିର୍ଦ୍ଦେଶ ନିମ୍ନଲିଖିତ ଅଧ୍ୟାପକ-ଅଧ୍ୟାପିକା ମାନଙ୍କ ଦ୍ୱାରା



ପ୍ରସ୍ତୁତ କରାଯାଇଥିଲାପ୍ରଫେସର ଭାରତୀବାଳା ପଟ୍ଟନାୟକ, ମୁଖ୍ୟ, ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗ ,ଡକ୍ଟର ଗ୍ରେସ୍ ବାହାଲେନ ମୁଣ୍ଡୁ, ସମନ୍ୱୟକାରୀ, ଜନସଂଖ୍ୟା ଅଧ୍ୟୟନ ଓ ସମାଜ କାର୍ଯ୍ୟବିଭାଗ,ଡ଼ ସଚିଦାନନ୍ଦ ସା, ସମନ୍ୱୟକାରୀ, ମାନବଶାସ୍ତ୍ର ବିଭାଗ ,ଡକ୍ଟର ରାଜଶ୍ରୀ ଦତ୍ତ, ସମନ୍ୱୟକାରୀ, ପ୍ରୟୋଗମୂଳକ ମନୋବିଜ୍ଞାନ ବିଭାଗ ଡକ୍ଟର ଶିଖାଶ୍ରୀ ରାୟ, ଇତିହାସ ଓ ପୁରାତତ୍ତ୍ୱ ବିଭାଗ,ଡକ୍ଟର ଗୀତାଞ୍ଜଳି ପଣ୍ଡା, ଅର୍ଥନୀତି ବିଭାଗ ,ଡକ୍ଟର ସ୍ମୃତିସିକ୍ତା ଥାପା, ରାଜନୀତି ବିଜ୍ଞାନ ବିଭାଗ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏକ ବିଶେଷ ଅଭିଭାଷଣରେ ସାମାଜିକ ବିଜ୍ଞାନ ଶିକ୍ଷା ଓ ଗବେଷଣାରେ ଅନୁଶାସନିକ ପ୍ରବୃତ୍ତିର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଏହାସହ ଯୋଗଦେଇଥିବା ୧୭୦ ଜଣ ଛାତ୍ରଛାତ୍ରୀମାନଙ୍କ ସହ ଏକ ଆଲୋଚନାମୂଳକ ଅଧିବେଶନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ଡକ୍ଟର ଯଶସ୍ୱୟା ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୬ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ କ୍ଷେତ୍ର ଅନୁଭବ, ଗବେଷଣା ପରିଚୟ ଓ ଶିକ୍ଷାଗତ ଆଦାନ-ପ୍ରଦାନ ପାଇଁ ଏକ ସକ୍ରିୟ ସୁଯୋଗ ଓ ସହଯୋଗ ପ୍ରଦାନ କରିବା ନେଇ ଆଶାବ୍ୟକ୍ତ କରାଯାଇଛି। ।

24001/48/2627

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-MBJ-0015-2025- 49129 / R&DM, Dated. 30 DEC 2025**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ଚହଲାପଦା, ଥାନା-ବୈଶିଙ୍ଗା, ନଂ. ୧୯୬, ତହସିଲ-ବେଦନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨.୯୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବାରିପଦା ।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେଦନଟୀ | ଚହଲାପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୬.୧୦ | ଏ. ୨.୯୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୦୪ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/-(ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

### ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା : ୯/୨୦୨୨
ଏ. ୦.୪୬ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ
ମୌଜା- ଚହଲାପଦା, ଥାନା- ବୈଶିଙ୍ଗା, ନଂ-୧୯୬, ତହସିଲ- ବେଦନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୧୫୯ | ୦.୧୯ | ୦.୧୪ | ଆଶୁ | କାଳି ଚରଣ ମାହାନ୍ତ, ନାଥ ମାହାନ୍ତ, ପି: ବାବୁ ରାମ ମାହାନ୍ତ ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| | ୧୩୮ | ୦.୧୫ | ୦.୧୦ | ଆଶୁ | |
| | ୧୫୬ | ୦.୦୭ | ୦.୦୭ | ଆଶୁ | |
| ୫ | ୧୦୪ | ୦.୧୦ | ୦.୦୧ | ଶାରଦ ଏକ | ଗୋକୁଳା ମହାନ୍ତ, ପି: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୦ | ୧୬୩ | ୦.୨୯ | ୦.୨୯ | ଆଶୁ | ଜର୍ମାନ ମହାନ୍ତ, ଆସମାନ ମହାନ୍ତ, ସୀମାନ ମହାନ୍ତ, ପି: ଭାଲୁକା ମହାନ୍ତ, ବିକଳ ମହାନ୍ତ, ପି: ହୁରୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| | ୧୫୪ | ୦.୧୨ | ୦.୦୮ | ଆଶୁ | |
| ୧୯ | ୧୦୦ | ୦.୧୦ | ୦.୦୩ | ଆଶୁ | ନକୁଳ ମହାନ୍ତ, ପି: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୦୮ | ୦.୧୨ | ୦.୦୧ | ଆଶୁ | |
| ୨୪ | ୧୫୭ | ୦.୧୦ | ୦.୦୭ | ଆଶୁ | ପ୍ରସାଦ ମହାନ୍ତ, ହର ମୋହନ ମହାନ୍ତ, ଜଗ ମୋହନ ମହାନ୍ତ, ଗୌର ମୋହନ ମହାନ୍ତ, ଶଙ୍କର ମହାନ୍ତ, ସୁଲୋଚନା ମହାନ୍ତ, ପି: ଦଶରଥ ମହାନ୍ତ, ରୋହିଣି ମହାନ୍ତ, ସହଚରି ମହାନ୍ତ, ପି: କାନ୍ଦୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| ୨୬ | ୯୦ | ୦.୪୫ | ୦.୧୨ | ଆଶୁ | ପୁରସ୍ତମ ମହାନ୍ତ, ପି: ଚନ୍ଦ୍ର ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୯ | ୧୦୬ | ୦.୦୭ | ୦.୦୩ | ଆଶୁ | ବିଶ୍ୱନାଥ ମହାନ୍ତ, ସୁଗ୍ରି ମହାନ୍ତ, ସରୁ ମହାନ୍ତ, ପି: ମକୁରୁ ମହାନ୍ତ, ଲିଲି ମହାନ୍ତ, ସ୍ୱା: ମକୁରୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୩ | ୧୩୦ | ୦.୪୭ | ୦.୨୬ | ଆଶୁ | ରଇବୁ ମହାନ୍ତ, ସରାବନିଆ ମହାନ୍ତ, ପି: କାର୍ତ୍ତିକ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୫ | ୧୫୫ | ୦.୦୯ | ୦.୦୯ | ଆଶୁ | ରାମ ଚନ୍ଦ୍ର ମହାନ୍ତ, ପି: ଆନନ୍ଦ ମହାନ୍ତ, ସାନନ୍ଦ ମହାନ୍ତ, ନନ୍ଦ ମହାନ୍ତ, ପି: ନାଲୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| ୩୭ | ୧୩୬ | ୦.୭୦ | ୦.୪୨ | ଆଶୁ | ସର୍ବେଶ୍ୱର ମହାନ୍ତ, ଅନ୍ୱିତା ମହାନ୍ତ, ସରଦି ମହାନ୍ତ, ସରଳା ମହାନ୍ତ, ପି: ବିହାରି ମହାନ୍ତ, କୁନ୍ତା ମହାନ୍ତ, ସ୍ୱା: ବିହାରି ମହାନ୍ତ, ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ରାଜା ରାମ ମହାନ୍ତ, ପି: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୩ | ୧୭୭ | ୦.୫୬ | ୦.୦୪ | ଶାରଦ ତିନି | ଶରଦୁ ମହାନ୍ତ, ପରଶୁ ମହାନ୍ତ, ରମେଶ ମହାନ୍ତ, ରାମ ମହାନ୍ତ, ପି: ପୂର୍ଣ୍ଣ ଚନ୍ଦ୍ର ମହାନ୍ତ,, ଜା: କୁଡୁମି, ବା: ନିଜଗାଁ |
| ୪୪ | ୧୦୧ | ୦.୩୦ | ୦.୨୦ | ଆଶୁ | ସହଦେବ ମହାନ୍ତ,, ପି: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୬ | ୧୩୭ | ୦.୦୯ | ୦.୦୯ | ଆଶୁ | ସୃଷ୍ଟି ଧର ମହାନ୍ତ, ରାଜା ମହାନ୍ତ,, ମନ୍ତ୍ରୀ ମହାନ୍ତ,, ରୁଦୁନ ମହାନ୍ତ, ପି: ବାୟା ମହାନ୍ତ, ସିପାହି ମହାନ୍ତ, ବଦନି ମହାନ୍ତ, ଚୁଡା ମହାନ୍ତ, ପି: ନାଲୁ ମହାନ୍ତ, ସାହେବ ମହାନ୍ତ, ପି: କେଦାର ମହାନ୍ତ, କେଶିରିଆ ମହାନ୍ତ, ସ୍ୱା: କେଦାର ମହାନ୍ତ, ନାଚା ମହାନ୍ତ, ମଦନ ମହାନ୍ତ, ହରି ମହାନ୍ତ, ପି: ସାନଚୁନା ରାମ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ର ପାଟଣା |
| | ୧୫୮ | ୦.୦୮ | ୦.୦୮ | ଆଶୁ | |
| | ୧୬୦ | ୦.୦୭ | ୦.୦୭ | ଆଶୁ | |
| | ୧୬୧ | ୦.୦୬ | ୦.୦୬ | ଆଶୁ | |
| | ୧୬୨ | ୦.୧୧ | ୦.୧୧ | ଆଶୁ | |
| ୪୭ | ୧୬୫ | ୦.୩୫ | ୦.୧୦ | ଆଶୁ | ହାରା ଧନ ମହାନ୍ତ, ଗଙ୍ଗାଧର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ପି: ମୋହନ ମହାନ୍ତ, ଅମୃତା ମହାନ୍ତ, ସ୍ୱା: ମକୁଳ ମହାନ୍ତ, ନକୁଳ ମହାନ୍ତ, ମଗଲା ମହାନ୍ତ, ପି: ଗୋହି ରାମ ମହାନ୍ତ, ଜା: କୁଡିମି, ବା: କ୍ଷେତ୍ର ପାଟଣା |
| ୪୭/୧ | ୧୦୯/୨୪୪ | ୦.୭୫ | ୦.୧୩ | ଶାରଦ ତିନି | ସନାତନ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି: ଗଙ୍ଗାଧର ମହାନ୍ତ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୦୭/୨୪୭ | ୦.୦୪ | ୦.୦୪ | ଆଶୁ | |
| ୪୭/୯ | ୧୦୫ | ୦.୦୫ | ୦.୦୫ | ଆଶୁ | ସନାତନ ମହାନ୍ତ, ପି: ଗଙ୍ଗାଧରନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୭/୨୪ | ୧୦୭ | ୦.୦୪ | ୦.୦୪ | ଆଶୁ | ରଘୁନାଥ ମହାନ୍ତ, ସଦାନନ୍ଦ ମହାନ୍ତ,, ବାବାତୀ ମହାନ୍ତ, ଆନନ୍ଦ ମହାନ୍ତ, ବିଦ୍ୟାଧର ମହାନ୍ତ, ଯଶୋଦା ମହାନ୍ତ, ପି : ସନାତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୭/୩୦ | ୧୦୯/୧୬୨ | ୦.୫୨ | ୦.୧୫ | ଶାରଦ ତିନି | ସୁରେନ୍ଦ୍ର ମହାନ୍ତ, ପି: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୩୮ | ୧୧୬/୨୨୪ | ୦.୦୬ | ୦.୦୪ | ଶାରଦ ତିନି | ସର୍ବେଶ୍ୱର ମହାନ୍ତ, ଅନ୍ୱିତା ମହାନ୍ତ, ସରଦି ମହାନ୍ତ, ସରଳା ମହାନ୍ତ, ପି: ବିହାରି ମହାନ୍ତ, କୁନ୍ତା ମହାନ୍ତ, ସ୍ୱା: ବିହାର ମହାନ୍ତ, ପୂର୍ଣ୍ଣ ମହାନ୍ତ, ରାଜା ମହାନ୍ତ, ପି: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ମୋଟ | ୧୦ ପ୍ଲଟକୁ | ଏ. ୩.୩୫ ଡେ.ମି. | ଏ. ୨.୯୨ ଡେ.ମି | | |

Sd/- Amin, Deuli Zone
Sd/- Revenue Inspector, Deuli Zone
Sd/- Zone Officer-cum-L.A. Collecter, S.I.P., Deuli Zone
Sd/- Spl. Land Acquisition Officer, SIP BARIPADA

OIPR : 24001/24001/3/26-27/0003

## ସମ୍ପାଦକୀୟ

# ଆମ ସମ୍ବାଦପତ୍ରର ସ୍ୱାଧୀନତା

ସାରା ବିଶ୍ୱରେ ସମ୍ବାଦପତ୍ର ସ୍ୱାଧୀନତା ଦିବସ ଭାବେ ମେ ମାସର ତିନି ତାରିଖକୁ ଧାର୍ଯ୍ୟ କରାଯାଇଛି । ସମଗ୍ର ବିଶ୍ୱରେ ଏହି ଦିବସ କିପରି ପାଳନ କରାଯାଏ, ସେ ବିଷୟରେ ଆମେମାନେ ବିଶେଷ ଆଗ୍ରହ ପ୍ରକାଶ କରୁ ନଥିଲେ ମଧ୍ୟ ଆମ ଦେଶ ବା ରାଜ୍ୟରେ ଅନେକ ସ୍ଥାନରେ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଛି । ସମ୍ବାଦପତ୍ର, ଆଜିର ଦିନରେ ବହୁ ଜଟିଳତା ଦେଇ ଗତି କରି ଆସିଛି । ସମ୍ବାଦପତ୍ର କେବଳ ଏକ ମୁଦ୍ରଣ ଗଣମାଧ୍ୟମ ନୁହେଁ, ସମ୍ବାଦପତ୍ର ମଧ୍ୟକୁ ତଡିତ ଗଣମାଧ୍ୟମ (Electronic Media) ଓ ସାମାଜିକ ଗଣମାଧ୍ୟମ ମଧ୍ୟ ବିଚିତ୍ର ଭାବେ ପଶି ଆସିଛି । ତେଣୁ ସମ୍ବାଦପତ୍ରର ସଂଜ୍ଞା ଯଦିଓ ବଦଳି ନାହିଁ, ଗଣତନ୍ତ୍ର ଉପରେ ଦଣ୍ଡାୟମାନ ହୋଇଥିବା ଚାରିଗୋଟି ସ୍ତମ୍ଭ ମଧ୍ୟରୁ ଚତୁର୍ଥ ସ୍ତମ୍ଭ ଭାବେ ସମ୍ବାଦପତ୍ର ବା ଅନ୍ୟାନ୍ୟ ତଡିତ ବା ସାମାଜିକ ଗଣମାଧ୍ୟମ ଦୃଷ୍ଟାନ୍ତ ଦିଆଯାଉଛି ଏବେ ।

**ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଇଁ ଏଥରର ବିଷୟବସ୍ତୁ ଥିଲା 'ଶାନ୍ତିର ଲକ୍ଷ୍ୟ ନେଇ ଭବିଷ୍ୟତ ଗଠନ କରାଯିବା' (Shaping a Future at Peace)। ଗଣଯୋଗାଯୋଗ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ସଂଘଟିତ ହୋଇଛି– ଏଇ ଡିଜିଟାଲ ଯୁଗରେ । ରିପୋର୍ଟରମାନଙ୍କର ସୀମାହୀନ ସଂସ୍ଥା (RSF)ର ସୂଚାଙ୍କରୁ ପ୍ରେସ ସ୍ୱାଧୀନତାର ଏବେ ଉଦ୍‌ବେଗଜନକ ସ୍ଥିତାବସ୍ଥା ଜଣା ପଡ଼ିଥାଏ । ବିଗତ ପଚିଶ ବର୍ଷ ମଧ୍ୟରେ ସମ୍ବାଦପତ୍ରର ସ୍ୱାଧୀନତା ସବୁଠାରୁ ନିମ୍ନ ସ୍ତରରେ ଥିବା ଏଥିରେ ଦର୍ଶାଯାଇଛି ।**

ମେ ୩ ତାରିଖରେ ବିଶ୍ୱ ସମ୍ବାଦପତ୍ର ସ୍ୱାଧୀନତା ଦିବସ ଯଦିଓ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହୋଇ ଆସିଛି, ସମ୍ବାଦପତ୍ର ବା ସାମ୍ବାଦିକମାନଙ୍କ ସ୍ୱାଧୀନତା ଉପରେ ଯେତିକି ଗୁରୁତ୍ୱ ସରକାର ଦେବା କଥା ତାହା ଦେଇ ନାହାନ୍ତି ବୋଲି କୁହାଗଲେ କୌଣସି ଭୁଲ ହେବ ନାହିଁ । ସାମ୍ବାଦିକ ବା ସମ୍ବାଦପତ୍ର କର୍ମଚାରୀଙ୍କୁ ନେଇ ଗଠିତ ସାମ୍ବାଦିକ ସଂଘଗୁଡିକ ମଧ୍ୟ ସାମ୍ବାଦିକ ବା ସମ୍ବାଦପତ୍ର କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପ୍ରତି ଏବେ ଗୁରୁତ୍ୱ ଦେଉ ନଥିବା ପରିଲକ୍ଷିତ ହୋଇଥାଏ । ପୂର୍ବରୁ କେବଳ ସମ୍ବାଦପତ୍ରକୁ କେନ୍ଦ୍ର କରି ଭାରତ ସରକାର Press Council (ପ୍ରେସ ପରିଷଦ) ଗଠନ କରିଥିଲେ ମଧ୍ୟ ତଡିତ ବା ସାମାଜିକ ଗଣମାଧ୍ୟମର ଦୋଷତ୍ରୁଟି ଧରିବାକୁ ସେପରି କୌଣସି ସଂସ୍ଥା ଗଠନ କରି ନାହାନ୍ତି ।

ଅତୀତରେ ସମ୍ବାଦପତ୍ରମାନଙ୍କରେ କାର୍ଯ୍ୟରତ କେତେକ ସାମ୍ବାଦିକ, ଓଡ଼ିଶାର ବିଭିନ୍ନ ସ୍ଥାନକୁ ସରକାରଙ୍କଦ୍ୱାରା ନିମନ୍ତ୍ରିତ ହୋଇ ଗସ୍ତ କରୁ କରୁ ପୋଲିସ ଆକ୍ରମଣର ଶିକାର ମଧ୍ୟ ହୋଇଛନ୍ତି । ଓଡ଼ିଶାରେ ଅନେକ ବର୍ଷ ତଳେ ଜୟପୁରରେ ସାମ୍ବାଦିକମାନେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଦୁର୍ବ୍ୟବହାର କରି ଗିରଫ କରିବାକୁ ବସିଥିଲା । ସେତେବେଳେ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ । ଜାନକୀ ବାବୁ ପ୍ରଜାତନ୍ତ୍ରରେ ସମ୍ପାଦକ ଥିଲାବେଳେ ତାଙ୍କ ଅଧୀନରେ କାର୍ଯ୍ୟରତ ସହ–ସମ୍ପାଦକ ମହେଶ୍ୱର ମୂଳିଆ ସେହି ଦଳରେ ଥିଲେ । ସବୁବେଳେ ଧଳା ଧୋତି ଓ ଧଳା କୁର୍ତ୍ତା ପିନ୍ଧି ଅତି ସରଳ ଜୀବନଯାପନ କରି ଆସୁଥିବା ସଚ୍ଚୋଟ ସାମ୍ବାଦିକ ଭାବେ ଓଡ଼ିଶାରେ ତାଙ୍କର ଖ୍ୟାତି ଥିଲା । ଏ କଥା ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦୃଷ୍ଟିକୁ ଅଣା ଯାଇଥିଲା । ତତ୍କାଳୀନ ମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଉପରେ ଜାନକୀ ବଲ୍ଲଭ ପଟ୍ଟନାୟକ ଏ ଦାୟିତ୍ୱ ଦେବା ପରେ ଜୟପୁର ପୋଲିସ ସେମାନଙ୍କ ଉପରେ କରିଥିବା ମିଥ୍ୟା ମୋକଦ୍ଦମାଗୁଡ଼ିକ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ । ୯୧ ବର୍ଷ ବୟସ୍କ ମହେଶ୍ୱର ମୂଳିଆ ଏବେ ମଧ୍ୟ କଟକର ପିଠାପୁର ଅଞ୍ଚଳରେ ରହୁଛନ୍ତି ।

ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଇଁ ଏଥରର ବିଷୟବସ୍ତୁ ଥିଲା 'ଶାନ୍ତିର ଲକ୍ଷ୍ୟ ନେଇ ଭବିଷ୍ୟତ ଗଠନ କରାଯିବା' (Shaping a Future at Peace)। ଗଣଯୋଗାଯୋଗ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ସଂଘଟିତ ହୋଇଛି– ଏଇ ଡିଜିଟାଲ ଯୁଗରେ । ରିପୋର୍ଟରମାନଙ୍କର ସୀମାହୀନ ସଂସ୍ଥା (RSF)ର ସୂଚାଙ୍କରୁ ପ୍ରେସ ସ୍ୱାଧୀନତାର ଏବେ ଉଦ୍‌ବେଗଜନକ ସ୍ଥିତାବସ୍ଥା ଜଣା ପଡ଼ିଥାଏ । ବିଗତ ପଚିଶ ବର୍ଷ ମଧ୍ୟରେ ସମ୍ବାଦପତ୍ରର ସ୍ୱାଧୀନତା ସବୁଠାରୁ ନିମ୍ନ ସ୍ତରରେ ଥିବା ଏଥିରେ ଦର୍ଶାଯାଇଛି ।

ସେ ଯାହାହେଉ, ଗତ ୩ ତାରିଖରେ ଇଣ୍ଡିଆନ ମେଡିଆ କଂଗ୍ରେସ ଓ 'ହିମ୍ମତ' ସମ୍ବାଦପତ୍ର ଆନୁକୂଲ୍ୟରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଉପଲକ୍ଷେ ମେଡିଆ ଭିଜନ ୨୦୩୬ (ଗଣ ଯୋଗାଯୋଗ ମାଧ୍ୟମର ଭବିଷ୍ୟ ଦୃଷ୍ଟି) ଶୀର୍ଷକ ଏକ ଆଲୋଚନାଚକ୍ର ଭୁବନେଶ୍ୱରର ଗୀତ ଗୋବିନ୍ଦ ଭବନଠାରେ ମେଡିଆ କଂଗ୍ରେସର ଉପଦେଷ୍ଟା ତଥା ପର୍ଯ୍ୟବେକ୍ଷକର ସମ୍ପାଦକ ଡଃ ପବିତ୍ର ମୋହନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯାଜପୁରର ସାଂସଦ ଡକ୍ଟର ରବି ନାରାୟଣ ବେହେରା, ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଓ ସଂଗଠନର କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଞ୍ଜୟ ଜେନା, ରଜନୀକାନ୍ତ ସାମନ୍ତରାୟ, ସଞ୍ଜୟ ଦାସ, ଉମାକାନ୍ତ ପଟ୍ଟନାୟକ, କମଳାକାନ୍ତ ଦାଶ, ପ୍ରଦ୍ୟୁମ୍ନ ଦାଶ ଓ ଚିଦାନ୍ତିକା ଖଟୁଆ ପ୍ରଭୃତି ପ୍ରେସ ସ୍ୱାଧୀନତାର ଆହ୍ୱାନ ଓ ଭବିଷ୍ୟତରେ ସମ୍ବାଦପତ୍ରର ଭବିଷ୍ୟ ଦୃଷ୍ଟି ଉପରେ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ । ପ୍ରକୃତରେ ଆଉ ଦଶ ବର୍ଷ ପରେ ଓଡ଼ିଶା ଯେହେତୁ ତାହାର ଜନ୍ମ ଶତବାର୍ଷିକ ପାଳନ କରିବ, ଏହାର ଯଥେଷ୍ଟ ପୂର୍ବରୁ ଭବିଷ୍ୟତର ଓଡ଼ିଶା ପାଇଁ ଗଣଯୋଗାଯୋଗ ମାଧ୍ୟମଗୁଡ଼ିକୁ ପ୍ରସ୍ତୁତ ରହିବାକୁ ପଡ଼ିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଜିତୁ ମୁଣ୍ଡାମାନଙ୍କ ବ୍ୟଥା ଓ କଙ୍କାଳର କଥା



**ପ୍ରହଲାଦ କୁମାର ସିଂହ**

ଜିତୁ ମୁଣ୍ଡା ଏବେ କେବଳ ଓଡ଼ିଶାରେ କାହିଁକି ଦେଶ ବିଦେଶରେ ଚର୍ଚ୍ଚିତ ଚେହେରା । ଅନୁସୂଚିତ ଜନଜାତି (ଆଦିବାସୀ) ସଂପ୍ରଦାୟର ଏହି ନିରୀହ, ସରଳ ଓ ସ୍ପଷ୍ଟବାଦୀ ବ୍ୟକ୍ତି ଜଣକ ଦୁଇମାସ ତଳେ ମୃତ୍ୟୁବରଣ କରିଥିବା ତାଙ୍କ ଭଉଣୀର କଙ୍କାଳକୁ ମାଟିତଳୁ ଖୋଳି କାନ୍ଧରେ ବୋହି ବ୍ୟାଙ୍କକୁ ଆଣିବା ଘଟଣାରେ ସମସ୍ତେ ସ୍ତବ୍ଧ । ଜିତୁଙ୍କ ପ୍ରତି ଯେଉଁଭଳି ବ୍ୟବହାର କରାଯାଇଛି, ସେଭଳି ବ୍ୟବହାରର ଶିକାର ପ୍ରାୟ ପ୍ରତିଦିନ ବହୁ ଲୋକଙ୍କ କ୍ଷେତ୍ରରେ ଘଟୁଛି । ଯଦି ଆଜି କବି ଗୋଦାବରୀଶ ମହାପାତ୍ର ବଞ୍ଚିଥାନ୍ତେ ତେବେ ସେ ସ୍ୱଚକ୍ଷୁରେ ଦେଖିଥାନ୍ତେ ତାଙ୍କ 'ନିଆଁଖୁଣ୍ଟା'ର ଚେଙ୍କରେ କଙ୍କାଳ କିଭଳି ଉଠି ଶୃଙ୍ଖଳ ଛିଡ଼ାଇ ଜାଗ୍ରତ ହୋଇଛି । କେବଳ ସେତିକି ନୁହେଁ, ଏହି କଙ୍କାଳ ମାଧ୍ୟମରେ ଯେପରି ମୃତ, ଅପହୃତ ଓ ଲୁପ୍ତ ଗୌରବ ଜାଗି ଉଠିଛି ତାହା ଅନ୍ୟମାନଙ୍କ ଆଖି ଖୋଲିଦେବା ସହ ତଥାକଥିତ ବାବୁମାନଙ୍କ ଅସଲ ଚେହେରା ପଦାରେ ପକାଇଛି । ପୂର୍ବରୁ ଦାନ ମାଝୀଙ୍କ କାନ୍ଧରେ ଆମ ବ୍ୟବସ୍ଥା ସତେ ଯେମିତି ଶବ ହୋଇ ବୁହା ଯାଇଥିଲା ।

ପ୍ରକାଶିତ ବିବରଣୀ ମୁତାବକ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କ ଭଉଣୀ କଲରା ମୁଣ୍ଡାଙ୍କର ଦୁଇମାସ ତଳେ ଦେହାନ୍ତ ହୋଇଥିଲା । ସେ ମୂଲ ଲାଗି ପେଟ ପୋଷୁ ଥିଲେ । ତାଙ୍କର ବ୍ୟାଙ୍କରେ କିଛି ଜମା ଟଙ୍କା ଥିଲା । ମୃତ ଭଉଣୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ଟଙ୍କା ଉଠାଇବା ପାଇଁ ଭାଇ ଜିତୁ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଥିଲେ । ଆକାଉଣ୍ଟ ଯାହାର ସେ ଆସିଲେ ଟଙ୍କା ଦିଆଯିବ ବୋଲି କୁଆଡ଼େ ବ୍ୟାଙ୍କ କର୍ମଚାରୀ ତାଙ୍କୁ କହିବାରୁ ଜିତୁ ଶ୍ମଶାନକୁ ଯାଇ ଯେଉଁଠି ଦୁଇମାସ ତଳେ ତାଙ୍କ ଭଉଣୀ କଲରା ମୁଣ୍ଡାଙ୍କ ଶବ ପୋତା ଯାଇଥିଲା ସେହି ଜାଗାକୁ ଖୋଳିଲେ ଏବଂ ଭଉଣୀର କଙ୍କାଳ ସେଠାରୁ ବାହାର କରି କାନ୍ଧରେ ପକାଇ ୩ କିଲୋମିଟର ରାସ୍ତା ଚାଲି ଚାଲି ପୁଣି ବ୍ୟାଙ୍କରେ ପହଞ୍ଚିଥିଲେ । ସେ ଏକ କଙ୍କାଳ ଆଣି ବ୍ୟାଙ୍କ ସାମ୍ନାରେ ରଖିବାରୁ ପୁଲିସର ହସ୍ତକ୍ଷେପ ଦରକାର ପଡ଼ିଥିଲା । ତେବେ ଏହି କଙ୍କାଳକୁ ଫେରାଇ ନେବା ପାଇଁ ସରକାରୀ ଗାଡ଼ି ଦିଆଯାଇନଥିଲା । ଏମିତିକି ବାରମ୍ବାର ଦୌଡ଼ିଥିଲେ ମଧ୍ୟ ମୃତ୍ୟୁ ପ୍ରମାଣପତ୍ର ବି ତୁରନ୍ତ ମିଳିନଥିଲା । କଙ୍କାଳର କରାମତି ଦେଖିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଭଉଣୀ ଆକାଉଣ୍ଟରେ ଥିବା ୧୯,୪୦୨ ଟଙ୍କାର ଜମା ରାଶି ଜିତୁଙ୍କ ହାତରେ ଅର୍ପଣ କରିଥିବାର ଫଟୋ ଚିତ୍ର ଗଣମାଧ୍ୟମରେ ପ୍ରକାଶ ପାଇଛି । ବହୁ ପ୍ରଚାରିତ ଅସ୍ମିତା, ସ୍ୱାଭିମାନ, ସୁଶାସନ, ସେବା, ଲୋକ କଲ୍ୟାଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଏହି ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ରାଜ୍ୟର ଆଦିବାସୀ ବହୁଳ ଅନେକ ଅଞ୍ଚଳରେ କାମ କରିବା ସହିତ ଆଦିବାସୀମାନଙ୍କ ଜନଜୀବନକୁ ଅତି ପାଖରୁ ଦେଖିବାର ସୁଯୋଗ ପାଇଛି। ବହୁତଳ ଅଟ୍ଟାଳିକାରେ ସେମାନେ ରୁହନ୍ତି ନାହିଁ କି କଳା ଟଙ୍କାର ପାହାଡ଼ ତୋଳନ୍ତି ନାହିଁ । ଅତି ସରଳ, ନିରୀହ, ନିଷ୍କପଟ ଏହି ବନବାସୀମାନେ ସାଧାରଣତଃ ସତ୍ ପଥରେ ସିଧାସଳଖ ଯିବାକୁ ପସନ୍ଦ କରନ୍ତି । ଦୁର୍ନୀତି, ଭ୍ରଷ୍ଟାଚାର, ବିଶ୍ୱାସଘାତକତା ଭଳି ଶବ୍ଦ ସେମାନଙ୍କ ଜୀବନର ଅଭିଧାନରେ ନଥାଏ । ଯାହାକୁ ସେମାନେ ବିଶ୍ୱାସ କରନ୍ତି ଓ ଭଲ ପାଇଯାଆନ୍ତି ତା ପାଇଁ ଜୀବନ ଦେବାକୁ ପଛାନ୍ତି ନାହିଁ ଏବଂ ଯେଉଁମାନଙ୍କୁ ଅବିଶ୍ୱାସ, ଭୟ ଓ ଘୃଣା କରନ୍ତି ସେମାନଙ୍କ ପାଇଁ ପାଲଟିଯାଆନ୍ତି ଜଙ୍ଗଲର ନିଆଁ ଭଳି । ପ୍ରକୃତି ମା'କୁ ସେମାନେ ଭଲ ପାଆନ୍ତି, ପୂଜା କରନ୍ତି । ବଣ–ଜଙ୍ଗଲ, ପାହାଡ଼–ପର୍ବତ, ନଈ–ନାଳ, ପକ୍ଷୀ–ପଶୁ ଆଦିଙ୍କ ଗହଣରେ ସେମାନଙ୍କର ଜୀବନ । ପ୍ରକୃତି ମାତାର ସୁରକ୍ଷା ଲାଗି ସେମାନେ ପ୍ରତ୍ୟେକ ଜଣେ ଜଣେ ସମର୍ପିତ ଯୋଦ୍ଧା। ସେମାନଙ୍କ ସଂସ୍କୃତିର ସୁରକ୍ଷା ବି ପିଢ଼ି ପିଢ଼ି ଧରି ସେମାନଙ୍କ ହାତରେଓ। ବଣର ହିଂସ୍ର ବାଘ ଭାଲୁଙ୍କୁ ଡରୁନଥିବା ଏହି ବନବାସୀମାନେ ବିକାଶ, ସଭ୍ୟତା, ସମୃଦ୍ଧି ଆଦି ଶବ୍ଦର ଯାଦୁଗରମାନଙ୍କୁ କିନ୍ତୁ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି ।

ରାମାୟଣ, ମହାଭାରତ ଆଦି ପୁରାଣ ପୃଷ୍ଠାରେ ସେମାନଙ୍କ ସରଳ, ସ୍ୱଚ୍ଛ, ସମର୍ପିତ ଓ ସେବାମୟ ଜୀବନର ଛାପ ଲିପିବଦ୍ଧ ହୋଇ ରହିଛି। ଦେଶର ସ୍ୱାଧୀନତା ଆନ୍ଦୋଳନରେ ଏମାନଙ୍କ ଯୋଗଦାନ ଓ ବଳିଦାନ ଅବିସ୍ମରଣୀୟ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହରୁ ବୀର ସୁରେନ୍ଦ୍ର ସାଏ, ଘେଁସ ଜମିଦାର ମାଧୋ ସିଂହ ଆଦିଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ଚାଲିଥିବା ସଶସ୍ତ୍ର ସଂଗ୍ରାମ କାଳରେ ଏମାନଙ୍କ ବୀରତ୍ୱର ଗାଥା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଆମ ରାଜ୍ୟର ଆଦିବାସୀ ନେତାମାନେ ଯେଭଳି ପରିଣାମକୁ ଖାତିର ନକରି ମା', ମାଟିର ସୁରକ୍ଷା ପାଇଁ ଜୀବନ ବଳି ଦେଇଛନ୍ତି, ତାହା ଅନନ୍ୟ । କେବଳ ୧୯୪୨ର 'ଭାରତ ଛାଡ଼' ଆନ୍ଦୋଳନରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୮୩ଜଣ ଆଦିବାସୀ ସତ୍ୟାଗ୍ରହୀ ଶହୀଦ ହୋଇଛନ୍ତି । ପାପଡ଼ାହାଣ୍ଡି ଓ ମାଥିଲିରେ ରହିଯାଇଛି ସେମାନଙ୍କ ରକ୍ତର ସ୍ୱାକ୍ଷର । ଆଦିବାସୀ ଯୁବକ ଅମର ଶହୀଦ ଲକ୍ଷ୍ମଣ ନାଏକ ଦେଶ ମାତୃକା ପାଇଁ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଖୁଣ୍ଟରେ ଝୁଲିଛନ୍ତି । ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଚାଲିଥିବା ଅଭିଯାନ ଅବିସ୍ମରଣୀୟ । ୧୯୩୯ ଏପ୍ରିଲ ୨୫ରେ ଗାଙ୍ଗପୁର ଗଡ଼ଜାତର (ବର୍ତ୍ତମାନର ସୁନ୍ଦରଗଡ଼ ଜିଲ୍ଲା) ଆମ୍‌କୋ–ସିମ୍‌କୋରେ ବିଶ୍ୱାସଘାତକ ବ୍ରିଟିଶ ପ୍ରଶାସନ ଓ ଏହାର ଅନୁଗତ ରାଜଶକ୍ତି ଯେପରି ରକ୍ତର ନଦୀ ବୁହାଇଲେ ଏବଂ ସେଥିରେ ଘଟଣାସ୍ଥଳରେ ୪୦ଜଣ ଆଦିବାସୀ ଶହୀଦ ହେବା ସହିତ ଗୁଳିକାଣ୍ଡରେ ଆହତ ଆହୁରି ଅନେକ ପରବର୍ତ୍ତୀ ସମୟରେ ପ୍ରାଣ ବିସର୍ଜନ ଦେଲେ ତାହା ଆମ ଇତିହାସର ରୋମାଞ୍ଚକର ଅଧ୍ୟାୟ । ଏହି ମହାସଂଗ୍ରାମର ମହାନାୟକ ନିର୍ମଳ ମୁଣ୍ଡା ଚିର ନମସ୍ୟ । ଦୋରା ବିଶୋୟୀ, ଲୋଚନ ବିଶୋୟୀ, କଷ୍ଟି ଡାକୁଆ, ତାମା ଦୋରା, ଧରଣୀଧର ନାଏକଙ୍କ ଭଳି ବୀର ଆଦିବାସୀମାନେ ଯେପରି ଅଧିକାର ସାବ୍ୟସ୍ତ ସହିତ ନ୍ୟାୟ ପାଇଁ ଲଢ଼ିଲେ ତାହା ବର୍ତ୍ତମାନର ପିଢ଼ି ହୁଏତ ବିଶ୍ୱାସ କରିପାରିବେ ନାହିଁ ।

ଜଳ, ଜମି, ଜଙ୍ଗଲ ଆଦିର ସୁରକ୍ଷା ପାଇଁ ଆଦିବାସୀ ଭାଇ ଭଉଣୀଙ୍କ ସଂଗ୍ରାମ ଗନ୍ଧମାର୍ଦ୍ଦନ, ନିୟମଗିରି, ସିଜିମାଳି, ନାରାୟଣପାଟଣା ଭଳି ବହୁ ସ୍ଥାନରେ ଘଟିଛି । ପ୍ରାକ୍ ସ୍ୱାଧୀନତା କାଳରେ ଥିବା ଶୋଷଣ ଏବେ ବି ଜାରି ରହିଛି । ଶୋଷିତ ଅଛନ୍ତି, କେବଳ ବଦଳି ଯାଇଛି ଶୋଷକମାନଙ୍କ ବେଶ । ଗାନ୍ଧମାର୍ଦ୍ଦନ ସୁରକ୍ଷା ଅଭିଯାନରେ ଅନ୍ୟମାନଙ୍କ ସହ ନୃସିଂହନାଥରୁ ହରିଶଙ୍କର ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ କିଭଳି ଆଦିବାସୀମାନେ ଆଗକୁ ଆସି ବାଲ୍‌କୋର ଖଣି ଖନନ ବନ୍ଦ କରାଇଲେ ତାହା ବହୁ ନିକଟରୁ ଦେଖିବାର ସୁଯୋଗ ମିଳିଛି । ନିୟମଗିରି ପାହାଡ଼କୁ ସୁରକ୍ଷିତ କରି ରଖିବା ଲାଗି ଆଦିବାସୀମାନଙ୍କ ସମ୍ମିଳିତ ଉଦ୍ୟମ ନିକଟରେ ସରକାର ହାର ମାନିଲା । ରାୟଗଡ଼ା ଜିଲ୍ଲାରେ ବିକାଶ ନାମରେ ଚାଲିଥିବା ବିନାଶର ବିରୋଧ କରୁଥିବା ଆଦିବାସୀମାନଙ୍କ ଉପରକୁ ମାଇକଞ୍ଚରେ କରାଯାଇଥିବା ଗୁଳିକାଣ୍ଡ ଏବଂ ଏହି ଆନ୍ଦୋଳନକୁ ନୈତିକ ସମର୍ଥନ ଦେଉଥିବା ପରିବେଶ କର୍ମୀମାନଙ୍କ ଉପରେ ଆକ୍ରମଣ ଗୋଟିଏ ସମୟରେ ସାରା ଦେଶରେ ଚର୍ଚ୍ଚିତ ହୋଇଥିଲା। ମାଇକଞ୍ଚ ଗୁଳିକାଣ୍ଡରେ ୩ଜଣ ଶହୀଦଙ୍କ ଅତୃପ୍ତ ଆତ୍ମା ଏବେ ବି ପ୍ରକୃତି ମା'ର ସୁରକ୍ଷା ପାଇଁ ରୋଦନ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କୁହନ୍ତି । ସିଜିମାଳି ଅଞ୍ଚଳରେ ବ୍ୟାପକ ଜୁଲମ ସତ୍ତ୍ୱେ ଆଦିବାସୀମାନେ ଜଳ, ଜଙ୍ଗଲ, ଜମି ସହିତ ମାଟି ମା'କୁ ରକ୍ଷା କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ଏହି ପ୍ରସଙ୍ଗରେ ୧୪ଜଣ ଆଦିବାସୀ ପୁଲିସ ଗୁଳିରେ ଶହୀଦ ହେଲେ ଏବଂ ବର୍ବରତାର ଶୀର୍ଷ ସୀମାକୁ ଯାଇ ଶବ ବ୍ୟବଚ୍ଛେଦ ଆଳରେ ସେମାନଙ୍କ ହାତ ପାପୁଲିଗୁଡ଼ିକୁ ଯେଭଳି କାଟି ରଖାଯାଇଥିଲା, ତାହାର ଲୋମଟାଙ୍କୁରା ଇତିହାସ ଆଜି ବି କଳିଙ୍ଗନଗର କହୁଛି । ଖଣି, କଳକାରଖାନା ଆଦି ନାମରେ ପୁଞ୍ଜିପତିଙ୍କ ପୁଞ୍ଜି ବଢୁଛି ଏବଂ ସେମାନଙ୍କୁ ପୃଷ୍ଠପୋଷକତା ଦେଉଥିବା ନେତା/ଅଧିକାରୀ/ବ୍ୟବସାୟୀମାନଙ୍କ କଳା ସମ୍ପତ୍ତି ବି ବଢୁଛି । ଓଡ଼ିଶାର ଖଣି ଚୋରି ବିଷୟ ଜଷ୍ଟିସ୍ ଶାହା କମିଶନଙ୍କ ରିପୋର୍ଟରେ ପ୍ରମାଣିତ । ଉଜୁଡ଼ା ବ୍ୟବସ୍ଥାର ବିଗିଡ଼ା ଚିତ୍ର ଆମ ରାଜ୍ୟର ନଗଡ଼ା ଭଳି ଅନେକ ଅଞ୍ଚଳରେ ବାରମ୍ବାର ଗଡ଼ଗଡ଼େଇଛନ୍ତି ।

ରାଜ୍ୟର କୋଣ ଅନୁକୋଣରେ ନିଶା ବିରୋଧରେ ଆନ୍ଦୋଳନ କରିବାରେ ଆଦିବାସୀ ଭାଇଭଉଣୀମାନେ କେବଳ ସଂଘର୍ଷ କରିନାହାନ୍ତି, ଜୀବନ ମଧ୍ୟ ଦେଇଛନ୍ତି । ସୁନ୍ଦରଗଡ଼ ଜିଲ୍ଲାର ଧାରୁଆଡିହିଠାରେ ନିଶାମୁକ୍ତ ସମାଜ ପାଇଁ ସମର୍ପିତ ଭାବେ କାମ କରୁଥିବା ସମିତି ସଦସ୍ୟା ଉର୍ମିଳା କହଁରଙ୍କୁ ହତ୍ୟା ଓ ପରେ ପରେ ସେହି ଅଞ୍ଚଳରେ ସିଂହବାହିନୀ ଯୁବକ ସଂଘର ଡିଲେଶ୍ୱର ଦଣ୍ଡସେନାଙ୍କୁ ପୈଶାଚିକ ହତ୍ୟା ସତ୍ତ୍ୱେ ବି କୋରାପୁଟରୁ କଳାହାଣ୍ଡି ପର୍ଯ୍ୟନ୍ତ ବହୁ ଆଦିବାସୀ ମହିଳା ନିଶା ବିରୋଧରେ ସ୍ୱର ଉଠାଇ ଚରମ ନିର୍ଯାତନାର ଶିକାର ହୋଇଛନ୍ତି ପଛେ ମୁଣ୍ଡ ନୁଆଁଇ ନାହାନ୍ତି । ସୁମନି ଝୋଡ଼ିଆ, ନୟନା ମାଝୀ, ତୁଳସୀ ମୁଣ୍ଡା, ନାଚିକା ଲିଙ୍ଗା ଆଦିଙ୍କର ମଦମୁକ୍ତି ଅଭିଯାନରେ ଭୂମିକା ଭୁଲିବାର ନୁହେଁ।

ବିକାଶର ବହୁ ଗୋଲାପି ଚିତ୍ର ବିଜ୍ଞାପିତ କରାଯାଉଥିବାବେଳେ ଓଡ଼ିଶା ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଏସ୍.କେ. ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସାଇଥିବା ଆଞ୍ଚଳିକ ବୈଷମ୍ୟ ତଦନ୍ତ କମିଶନ ସ୍ପଷ୍ଟ କରିଦେଇଛି ଯେ ରାଜ୍ୟର ଅନ୍ୟୁନ ଅଧା ଜିଲ୍ଲା ଓ ୫୩ ପ୍ରତିଶତ ବ୍ଲକ ପଛୁଆ ଓ ଅତି ପଛୁଆ। ଏଥିଭିତରେ ୭୨ ପ୍ରତିଶତ ହେଉଛନ୍ତି ଆଇଟିଡିଏ ବ୍ଲକ। ୩୧୪ ବ୍ଲକରୁ ୧୫୬ଟି ପଛୁଆ ଓ ଅତି ପଛୁଆ ଥିବାବେଳେ ସେଥିଭିତରୁ ୫୦ଟି ବ୍ଲକ ରହିଛି ଓଡ଼ିଶାର ସୀମାନ୍ତ ଅଞ୍ଚଳରେ । ୧୪ଟି ଜିଲ୍ଲାରେ ମଣିଷ ଜୀବନର ମାନ ଢେର ତଳେ ଥିବା ଏହି ରିପୋର୍ଟ ସୂଚାଉଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ତୁଳନାତ୍ମକ ଭାବେ ବହୁ ପଛରେ ରହିଛନ୍ତି । ଗାଁ ସାହୁକାରଠାରୁ ସହରର ସରକାରୀ ବାବୁମାନଙ୍କ ଶୋଷଣ ଓ ଦାଦନ ସମସ୍ୟା ଏବେ ବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲାଗି ରହିଛି । କେନ୍ଦ୍ର ସରକାରଙ୍କ ରିପୋର୍ଟ ମୁତାବକ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଉପରେ ହେଉଥିବା ଅତ୍ୟାଚାର ଘେନି ମାମଲାରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ କମ୍।

ରାଇରଙ୍ଗପୁରର ଜଣେ ଆଦିବାସୀ ଯୁବକ ଲକ୍ଷ୍ମଣଙ୍କୁ ୯୦ ଦଶକରେ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡ଼ିଥିଲା । ତା'ର ଅପରାଧ ଥିଲା ମଦ ନିଶାରେ ମାତାଲ ହୋଇ ସେ ନିଜର ୯ବର୍ଷର ଝିଆରୀକୁ ବଳାତ୍କାର ପରେ ହତ୍ୟା କରିଥିଲା । କେନ୍ଦୁଝର ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ନିଶା ଜନିତ ହତ୍ୟାକାଣ୍ଡ, ନାରୀ ନିର୍ଯାତନା ଓ ଅପରାଧ ଏକ ନିତିଦିନିଆ ଘଟଣାରେ ପଡ଼ିଯାଇଥିବାବେଳେ ଆମ ବ୍ୟବସ୍ଥା କିନ୍ତୁ ନିଶା ନିବାରଣ ପରିବର୍ତ୍ତେ ନିଶା ପ୍ରସାରଣରେ ମାତିଛି ଏବଂ ବିକାଶ ପାଇଁ ପରିବେଶର ସୁରକ୍ଷା ପରିବର୍ତ୍ତେ ଖଣି ମାଲିକ ଓ ଶିଳ୍ପପତିଙ୍କ ଧନର ପାହାଡ଼ ବଢ଼ାଇବା ଲାଗି ବିନାଶର ରାଜରାସ୍ତାକୁ ପ୍ରଶସ୍ତ କରି ଜଳ, ବାୟୁ, ମୃତ୍ତିକା ଆଦିର ପ୍ରଦୂଷଣ ବଢ଼ାଉଛି । କୁହାଯାଏ, ଖଣି ସମେତ ପ୍ରାକୃତିକ ସଂପଦ ହେଉଛି ମାଟି ମା'ର ଅଳଙ୍କାର । ଯେଉଁ ସନ୍ତାନସନ୍ତତିମାନେ ନିଜ ମା'ର ଅଳଙ୍କାର ବିକି ମଉଜ କରନ୍ତି ସେମାନଙ୍କୁ କୁହାଯାଏ କୁଳାଙ୍ଗାର । ପ୍ରକୃତ ବିକାଶ ପାଇଁ ଆମକୁ ପ୍ରକୃତି ମାତାର ସୁରକ୍ଷା ସହିତ ହଜାର ହଜାର ବର୍ଷ ଧରି ବଣ ଜଙ୍ଗଲର ପ୍ରତିକୂଳ ପରିବେଶରେ ଏହାକୁ ସୁରକ୍ଷିତ ରଖି ଆସିଥିବା ମୂଳ ନିବାସୀ ଆଦିବାସୀମାନଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ସରଳତା ଓ ଭାବପ୍ରବଣତାକୁ ସକାରାତ୍ମକ ଭାବେ ବୁଝି ସେମାନଙ୍କ ସହ ପାଦରେ ପାଦ, କାନ୍ଧରେ କାନ୍ଧ ମିଳାଇ ଚାଲିଲେ ବହୁ ସମସ୍ୟାର ସହଜ ଓ ସରଳ ସମାଧାନ ହୋଇପାରିବ । କୃଷି, ଜଙ୍ଗଲଜାତ ସାମଗ୍ରୀ ଓ ଅନ୍ୟାନ୍ୟ ପ୍ରାକୃତିକ ବିଭବର ଠିକଣା ଉପଯୋଗ ବଳରେ ଆର୍ଥିକ ବୈଷମ୍ୟ ଦୂର ସହିତ ଆମ ରାଜ୍ୟ ଦାରିଦ୍ର୍ୟର ଅନ୍ଧକୂପରୁ ଉଦ୍ଧାର ପାଇ ବିକାଶର ଆଲୋକିତ ଗିରିଶୃଙ୍ଗ ଆଡକୁ ଆଗେଇ ପାରିବ । ଏଥିପାଇଁ ରାଜନୈତିକ ନେତା ଓ ସେମାନଙ୍କୁ ଚଳାଉଥିବା ଅମଲାତନ୍ତ୍ରର ଆଚରଣ ଓ ଉଚ୍ଚାରଣରେ ବାସ୍ତବାଭିମୁଖୀ ପରିବର୍ତ୍ତନ ଆବଶ୍ୟକ ।

**ପ୍ରକୃତ ବିକାଶ ପାଇଁ ଆମକୁ ପ୍ରକୃତି ମାତାର ସୁରକ୍ଷା ସହିତ ହଜାର ହଜାର ବର୍ଷ ଧରି ବଣ ଜଙ୍ଗଲର ପ୍ରତିକୂଳ ପରିବେଶରେ ଏହାକୁ ସୁରକ୍ଷିତ ରଖି ଆସିଥିବା ମୂଳ ନିବାସୀ ଆଦିବାସୀମାନଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ସରଳତା ଓ ଭାବପ୍ରବଣତାକୁ ସକାରାତ୍ମକ ଭାବେ ବୁଝି ସେମାନଙ୍କ ସହ ପାଦରେ ପାଦ, କାନ୍ଧରେ କାନ୍ଧ ମିଳାଇ ଚାଲିଲେ ବହୁ ସମସ୍ୟାର ସହଜ ଓ ସରଳ ସମାଧାନ ହୋଇପାରିବ । କୃଷି, ଜଙ୍ଗଲଜାତ ସାମଗ୍ରୀ ଓ ଅନ୍ୟାନ୍ୟ ପ୍ରାକୃତିକ ବିଭବର ଠିକଣା ଉପଯୋଗ ବଳରେ ଆର୍ଥିକ ବୈଷମ୍ୟ ଦୂର ସହିତ ଆମ ରାଜ୍ୟ ଦାରିଦ୍ର୍ୟର ଅନ୍ଧକୂପରୁ ଉଦ୍ଧାର ପାଇ ବିକାଶର ଆଲୋକିତ ଗିରିଶୃଙ୍ଗ ଆଡକୁ ଆଗେଇ ପାରିବ । ଏଥିପାଇଁ ରାଜନୈତିକ ନେତା ଓ ସେମାନଙ୍କୁ ଚଳାଉଥିବା ଅମଲାତନ୍ତ୍ରର ଆଚରଣ ଓ ଉଚ୍ଚାରଣରେ ବାସ୍ତବାଭିମୁଖୀ ପରିବର୍ତ୍ତନ ଆବଶ୍ୟକ ।**

E-mail: prahalladsinha@gmail.com
ମୋ–୯୪୩୭୦୧୭୩୯୫
(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)

# ଖରାଦିନିଆ ମୁଣ୍ଡବୁଲା ରୋଗ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଓଡ଼ିଶାରେ ଗ୍ରୀଷ୍ମର ପ୍ରଚଣ୍ଡ ତାତି ଜନ ଜୀବନକୁ ଏକ ପ୍ରକାର ଅସ୍ତବ୍ୟସ୍ତ କରି ଦେଉଛି। ଲଗାତର ଦୁଇ ସପ୍ତାହ ହେବ ପ୍ରଚଣ୍ଡ ଖରା ଓ ଗରମରେ ରାଜ୍ୟବାସୀ ସନ୍ତୁଳି ହେଉଥିବାବେଳେ ଆଞ୍ଚଳିକ ପାଣି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ହିଟ୍ ୱେଭ ୱାର୍ଣ୍ଣିଂ ଜାରି ହୋଇଛି। ଏହାର ପରିଣାମକୁ ନଜରରେ ରଖି ରାଜ୍ୟରେ ଖୁବ ଶୀଘ୍ର ଖୋଲିବାକୁ ଯାଉଛି ହିଟୱେଭ କେନ୍ଦ୍ର। ପ୍ରକୃତି ଅସ୍ୱାଭିବକତା ଯୋଗୁଁ ବିଶ୍ୱରେ ଯେଉଁପରି ଜଳବାୟୁ ପରିବର୍ତ୍ତନ ହେଉଛି ଏହାର କୁପରିଣାମ ଆମେ ସମସ୍ତେ ଅନୁଭବ କରୁଛେ । ଦିନ ଦଶଟା ପରେ ଘରୁ ବାହାରିବା ଏକ ପ୍ରକାର ମୁସ୍କିଲ ହୋଇଯାଉଛି ।

ଖରାଦିନେ ମୁଣ୍ଡ ବୁଲାଇବା ଏକ ସାଧାରଣ ସମସ୍ୟା । ଛୋଟ ଠାରୁ ବଡ଼ ସମସ୍ତଙ୍କୁ ଏହା ପ୍ରଭାବିତ କରିଥାଏ । ମୁଣ୍ଡ ବୁଲାଇବା ସାଧାରଣତଃ ଦୁଇ ପ୍ରକାରର । ମୁଣ୍ଡ ବୁଲାଇବା ବେଳେ କିଛି ଲୋକ ଘରଦ୍ୱାର, ଗଛଲତା ସବୁ ବୁଲାଉଛି ବୋଲି କୁହନ୍ତି । ଆଉ କିଛି ଲୋକ କୁହନ୍ତି ଖାଲି ପଡ଼ିଗଲା ଭଳି ଲାଗୁଛି । କିଛି ଲୋକ ଉପରୋକ୍ତ ଦୁଇ ପ୍ରକାର ମୁଣ୍ଡ ବୁଲା ହୁଏ ବୋଲି କୁହନ୍ତି । ଏହି ମୁଣ୍ଡ ବୁଲାଇବା ବିଭିନ୍ନ କାରଣରୁ ହେଉଥିଲେ ମଧ୍ୟ ମୁଖ୍ୟତଃ ତିନୋଟି କାରଣରୁ ଏହା ହୋଇଥାଏ । କାନ, ଆଖି ଅଥବା ମସ୍ତିଷ୍କ (ସେରିବେଲମ୍)ରେ ମାତ୍ରାଧିକ୍ୟ ଅସୁବିଧା ରହିଲେ ଏପରି ହୋଇଥାଏ। ଉପରୋକ୍ତ ଏକାଧିକ ଅଙ୍ଗମାନଙ୍କର ଅସୁବିଧା ରହିଲେ ସମସ୍ୟାଟି ଆହୁରି ଗମ୍ଭୀର ଜଣାପଡ଼େ । ଆସନ୍ତୁ ଆମେ ଏଠାରେ କେବଳ କାନ ପାଇଁ ହେଉଥିବା ମୁଣ୍ଡବୁଲା ବିଷୟରେ ଚର୍ଚ୍ଚା କରିବା।

ସମସ୍ତେ ଭାବନ୍ତି କାନର କାମ ହେଲା ଶୁଣିବା । ମାତ୍ର କାନର ଆଉ ଏକ କାମ ହେଉଛି ମୁଣ୍ଡକୁ ସନ୍ତୁଳିତ ରଖିବା । ଅନ୍ତଃକର୍ଣ୍ଣରେ ଥିବା କକ୍‌ଲିଆ ଶୁଣିବାରେ ସାହାଯ୍ୟ କରୁଥିଲାବେଳେ ଭେଷ୍ଟିବୁଲାର ଅର୍ଗାନ ସନ୍ତୁଳନରେ ସାହାଯ୍ୟ କରେ । ଶତକଡ଼ା ଅଶୀଭାଗ ମୁଣ୍ଡବୁଲା ରୋଗୀ କାନଜନିତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବାକି କୋଡିଏ ଭାଗ ଆଖି ଅଥବା ମୁଣ୍ଡ କାରଣରୁ ପ୍ରଭାବିତ ହୋଇଥାନ୍ତି । କାନଜନିତ ସମସ୍ୟା ବହୁତ କାରଣରୁ ହେଉଥିବା ବେଳେ ସେଥିମଧ୍ୟରୁ ମୁଖ୍ୟଟି ହେଲା ମେନିୟର୍ସ ସିଣ୍ଡ୍ରୋମ୍ । ସାଧାରଣ ଶ୍ରବଣ ପରୀକ୍ଷା (ଅଡ଼ିଓମେଟ୍ରି), ଟିମ୍ପାନୋମେଟ୍ରି ଏବଂ ଇଏନ୍‌ଜି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ । ଯେହେତୁ ଏହା ସ୍ନାୟୁଗତ ସମସ୍ୟା ଯଥାଶୀଘ୍ର ବିଶେଷଜ୍ଞଙ୍କ ପରାମର୍ଶ କଲେ ତୁରନ୍ତ ଫଳ ମିଳିଥାଏ । ବେଳେ ବେଳେ ଔଷଧୀୟ ଚିକିତ୍ସା ଡେରି ହେବାଫଳରେ ସମସ୍ୟାଟି ପୂର୍ଣ୍ଣମାତ୍ରାରେ ସମାହିତ ହୋଇପାରେ ନାହିଁ । ଏହି ସମୟରେ ଭେଷ୍ଟିବୁଲାର ଏକ୍ସରସାଇଜ ମାଧ୍ୟମରେ ଚିକିତ୍ସା କରାଯାଏ । ଅନ୍ୟଥା ସ୍ଥଳବିଶେଷରେ ଶଲ୍ୟ ଚିକିତ୍ସା କରିବା ଜରୁରୀ ଅଟେ । ଏହାଛଡ଼ା ରୋଗୀକୁ ଖାଦ୍ୟ ପାନୀୟ ଇତ୍ୟାଦିରେ ସାବଧାନତା ଅବଲମ୍ବନ କରିବାକୁ ପଡ଼େ । ବେଳେ ବେଳେ ଠିକ ଶ୍ରବଣ ଯନ୍ତ୍ରର ବ୍ୟବହାର ଦ୍ୱାରା ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇଥାଏ ।

ଏଥର ମୌସୁମୀ ଆସିବାକୁ ପ୍ରାୟ କିଛି ସପ୍ତାହ ବାକି ଅଛି । ଆସନ୍ତୁ ଏହି ପରିପ୍ରେକ୍ଷୀରେ ଆମର ଖାଦ୍ୟ, ପାନୀୟ ଇତ୍ୟାଦିରେ ଥିବା ସାବଧାନତା ବିଷୟରେ ଆଲୋଚନା କରିବା । ଓଡ଼ିଶାର ଲୋକେ ସାଧାରଣତଃ ପଖାଳ ପ୍ରିୟ । ଖରାଦିନେ ଧନୀ, ଗରିବ ସମସ୍ତେ ପଖାଳ ଖାଇବା ସ୍ୱାଭାବିକ । ସାଧାରଣତଃ ସ୍କୁଲ ପଢୁଆ ପିଲାମାନେ ଦିନକୁ ଦୁଇରୁ ତିନିଥର ପଖାଳ ଖାଇଥାନ୍ତି । ପଖାଳର ତୋରାଣିରେ ଯେଉଁ ମାତ୍ରାରେ ଲୁଣ ପଡ଼େ, ତାହା ଆମେ ସମସ୍ତେ ପିଇ ଦେହର ଲୁଣ ଅଂଶ ଅଧିକ ମାତ୍ରାରେ ବଢ଼ାଇ ଦେଇଥାଉଁ । ଏହାଛଡ଼ା ଖରାରେ ବୁଲି ଶୋଷ ଲାଗିଲେ ଏକାଥରେ ଗ୍ଲାସରେ ନ ପିଇ ପୁରା ବୋତଲ ବା ମଗ୍ ଶେଷ କରୁ । ଗରମରୁ ବେଳେ ବେଳେ ରାତି ଅନିଦ୍ରା ରହୁଁ । ଏହାଫଳରେ ମୁଣ୍ଡ ବୁଲାଏ । ତେଣୁ ପଖାଳ ଖାଇବା ବେଳେ ତୋରାଣି ନପିଇ ପାଣି ପିଅନ୍ତୁ । ଲୁଣି ଆଚାର ଏବଂ ଶୁଖୁଆ କମ୍ ଖାଆନ୍ତୁ । ଖାଇବାବେଳେ କଞ୍ଚାଲୁଣ ଛୁଅନ୍ତୁ ନାହିଁ । ଡାଲି ତରକାରୀରେ ଯାହା ପଡ଼ିଛି ସେତିକି ଲୁଣ ଖାଆନ୍ତୁ ।

ସାଧାରଣତଃ କୁହାଯାଏ ଜଣେ ଲୋକ ପାଇଁ ଦିନକୁ ଅତିକମ୍‌ରେ ପାଞ୍ଚ ଗ୍ରାମ ଲୁଣ ଦରକାର । ପାଣି ଏକାଥରେ ଅଧିକରୁ ଅଧିକ ଦୁଇ ଗ୍ଲାସ କରି ଏକ ଘଣ୍ଟା ଅନ୍ତରରେ ପିଇ ପାରିବେ । ନିଶା ଅଭ୍ୟାସ ଛାଡ଼ନ୍ତୁ । ଅତ୍ୟଧିକ ଚିନ୍ତାରୁ ଦୂରେଇ ରୁହନ୍ତୁ, ରାତି ଅନିଦ୍ରା ରୁହନ୍ତୁ ନାହିଁ, ବ୍ଲଡପ୍ରେସର କଣ୍ଟ୍ରୋଲ ରଖନ୍ତୁ, ତୀବ୍ର ଶବ୍ଦ ଠାରୁ ଦୂରରେ ରୁହନ୍ତୁ । ଯେଉଁମାନଙ୍କର ପୂର୍ବରୁ ମୁଣ୍ଡବୁଲା ରୋଗ ରହିଥାଏ, ସେମାନେ ଖରାଦିନେ ଯଥାସମ୍ଭବ ମାତ୍ରାଧିକ୍ୟ ମୁଣ୍ଡ ଧୋଇବା ଠାରୁ ଦୂରେଇ ରହିବା ସଙ୍ଗେ ସଙ୍ଗେ ବେଶୀ ସମୟ ଧରି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରିବା ଉଚିତ ନୁହେଁ । ଯଦି ଠିକ୍ ସମୟରେ ଉଚିତ ପଦକ୍ଷେପ ନ ନିଆଯାଏ, ତେବେ ଏହି ସମସ୍ୟାଟି ଗୁରୁତର ଆକାରରେ ଧାରଣ କରିଥାଏ । ବେଳେ ବେଳେ ରୋଗୀ ଯିବା ଆସିବା ସମୟରେ ମଧ୍ୟ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି । ସେଥିପାଇଁ ଏହି ରୋଗ ଦେଖାଯିବା କ୍ଷଣି ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ପରାମର୍ଶ କରିବା ସଙ୍ଗେ ସଙ୍ଗେ ନିଜେ ସାଇକେଲ, ଗାଡିମଟର ନେଇ ବାହାରକୁ ଯାଆନ୍ତୁ ନାହିଁ । ଆବଶ୍ୟକସ୍ଥଳେ କାହା ସାଙ୍ଗରେ ବସି ଗାଡ଼ିରେ ଯାଇପାରନ୍ତି । ହଠାତ୍ ଚାଲି ଯାଉଥିବାବେଳେ ବା ବସିଥିବାବେଳେ ବାମ, ଡାହାଣ କିମ୍ବା ଉପର ତଳକୁ ଚାହାଁନ୍ତୁ ନାହିଁ । ଏହାଦ୍ୱାରା ମୁଣ୍ଡବୁଲା ବଢ଼ିଯାଇ ପାରେ ।

ହଠାତ୍ ବସି ଉଠିବା ବେଳେ ବା ଶୋଇ କି କଡ଼ ନଉଟାଇବା ବେଳେ ଅଧିକ ମୁଣ୍ଡ ବୁଲାଇ ପାରେ । ତେଣୁ ଏଥିରୁ ନିବୃତ ରହିବା ଉଚିତ । ମୁଣ୍ଡର ଦିଗ ପରିବର୍ତ୍ତନ କଲାବେଳେ ଧୀରେ ଧୀରେ ପରିବର୍ତ୍ତନ କଲେ କୌଣସି ଅସୁବିଧା ହେବନାହିଁ । ଗାଡ଼ିରେ ବସି ଯିବା ସମୟରେ ହଠାତ୍ ବ୍ରେକ ମାରିବା ସମୟରେ ମୁଣ୍ଡ ବୁଲାଇବାର ମାତ୍ରା ଅଧିକ ହୋଇଯାଏ ଏଥିରୁ ନିବୃତ ରହିବା ଉଚିତ । ଏପରି ସମସ୍ୟାରେ ବହୁତ ଲୋକ ଏହା ଏକ ବଡ଼ ରୋଗ ବୋଲି ଚିନ୍ତା କରିଥାନ୍ତି । ମାତ୍ର ଏହା ଏକ ସାମାନ୍ୟ ରୋଗ ହୋଇଥିବାରୁ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ଏକ ସପ୍ତାହ ମଧ୍ୟରେ ଉପଶମ ମିଳିଥାଏ ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ',
କାଠଗୋଲା ରୋଡ଼, କଟକ,
ମୋ– ୯୪୩୮୨୭୬୭୬୦

### ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନୂତନ ଦିଗନ୍ତ

## ଡ୍ରିମ୍ସ ଓ ଓୟୁଟିଆର୍ ମଧ୍ୟରେ ବୁଝାମଣା ପତ୍ର



କଟକ, (ସ୍ୱପ୍ର) : ଶିକ୍ଷା ବିକାଶ ଓ ଗବେଷଣା, ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷକ ଛାତ୍ର ବିନିମୟ, ଜାତୀୟ ଓ ଆନ୍ତର୍ଜାତୀୟ କର୍ମଶାଳା ଆୟୋଜନ, ପାଠ୍ୟକ୍ରମ ଓ ଭିତ୍ତିଭୂମି ବିକାଶ ଭିତ୍ତିକ ଉତ୍କର୍ଷ କେନ୍ଦ୍ର ସୁବିଧା, ପ୍ରକଳ୍ପ ପ୍ରସ୍ତୁତି ତଥା ନୂତନ ଜ୍ଞାନକୌଶଳର ଆଦାନ ପ୍ରଦାନ ଇତ୍ୟାଦି ବିଷୟକୁ ଆଧାର କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଏବଂ ଓଡିଶା ପ୍ରଯୁକ୍ତି ବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର), ଭୁବନେଶ୍ୱର ମଧ୍ୟରେ ସୋମବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଡିନ୍ ପ୍ରଫେସର ଡ. ବିଶ୍ୱରଂଜନ ମହାନ୍ତି, ମେକାନିକାଲ ଇଂଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଚନ୍ଦନ କୁମାର ସେଠୀ ଏବଂ ଓୟୁଟିଆର ପକ୍ଷରୁ କୁଳପତି ପ୍ରଫେସର ଡ. ବିଭୂତି ଭୂଷଣ ବିଶ୍ୱାଳ, ରେଜିଷ୍ଟ୍ରାର ପ୍ରଫେସର ମୀରା ବିଶ୍ୱବନ୍ଧ୍ୟ. ମେକାନିକାଲ ଇଂଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ଶେଖର ସାହୁ ଓ ପ୍ରଫେସର ପ୍ରମୋଦ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସହଭାଗିତା ଫଳରେ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ ସହିତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ମତ ବ୍ୟକ୍ତ କରିଛନ୍ତି ।

### କିମ୍ସ ଡାକ୍ତରଙ୍କ ସଫଳତା

## ଏକ ସଙ୍ଗେ ହେଲା ହୃତପିଣ୍ଡର ମହାଧମନୀ ସହ ୩ ଭାଲ୍‌ଭ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ): କିମସ ହସ୍ପିଟାଲରେ ଏକ ଜଟିଳ ଓ ବିରଳ ହୃଦରୋଗର ସଫଳ ଅସ୍ତ୍ରୋପଚାର ହୋଇଛି । ଜଣେ ରୋଗୀଙ୍କଠାରେ ଥିବା ପାଞ୍ଚ ପାଞ୍ଚଟି ହୃଦ୍‌ରୋଗ ସମସ୍ୟା ଗୋଟିଏ ଥରରେ ସଫଳ ଅସ୍ତ୍ରୋପଚାର କରାଯାଇଛି ।

ଏହି ଅତ୍ୟନ୍ତ ଜଟିଳ ପ୍ରକ୍ରିୟାରେ ବେଣ୍ଟାଲ୍ ଅସ୍ତ୍ରୋପଚାର, ମିଟ୍ରାଲ୍ ଭାଲଭ୍ ଅସ୍ତ୍ରୋପଚାର, ଟ୍ରାଇକସ୍ପିଡ୍ ଭାଲଭ୍ ଅସ୍ତ୍ରୋପଚାର ଓ ଏଏସ୍‌ଡି କ୍ଲୋଜର ଆଦି ଅନ୍ତର୍ଭୁକ୍ତ ଥିଲା। ଏଭଳି ଅସ୍ତ୍ରୋପଚାର ଓଡ଼ିଶାର ଅନ୍ୟତମ ସଫଳ ହୃଦ୍ ରୋଗ ଅସ୍ତ୍ରୋପଚାର ବୋଲି କୁହାଯାଉଛି। ସୂଚନା ଅନୁସାରେ ଦୀର୍ଘ ଦିନ ଧରି ଗୁରୁତର ହୃଦରୋଗରେ ପୀଡିତ ଥିବା ୩୨ ବର୍ଷୀୟ ଜନୈକ ଯୁବକ ଆବଶ୍ୟକୀୟ ସୁବିଧା ଏବଂ ଆର୍ଥିକ ସଙ୍କଟ ଯୋଗୁଁ ଚିକିତ୍ସା ହୋଇପାରୁନଥିଲେ। କିନ୍ତୁ ଗତ ମାସରେ ତାଙ୍କର ଅବସ୍ଥା ହଠାତ୍ ଖରାପ ହୋଇଯିବାରୁ ସେ ନିଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାରେ କଷ୍ଟ ଅନୁଭବ କରିବା ସହ ଅତ୍ୟଧିକ ଥକ୍କାପଣରେ ପୀଡିତ ହୋଇପଡ଼ିଥିଲେ। ସେ ବହୁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ନପାଇବାରୁ ତାଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ଏବଂ



ବିପଦପୂର୍ଣ୍ଣ ହୋଇପଡ଼ିଥିଲା। ଶେଷରେ ସେ କିମ୍ସ ହୃଦରୋଗ ସର୍ଜନ ଡା. ନିମାଇଁ ଚରଣ ବେହେରାଙ୍କ ସହ ପରାମର୍ଶ କରିଥିଲେ। ବହୁ ପରୀକ୍ଷା ନିରୀକ୍ଷା ପରେ ଯୁବକଙ୍କଠାରେ ମାରଫାନ୍ ସିଣ୍ଡ୍ରୋମ୍ ବ୍ୟତୀତ ସେ ତିନୋଟି ହୃଦରୋଗ ଭାଲଭରେ ଗୁରୁତର ଲିକେଜ୍ ଓ ଏକ ଆଓର୍ଟିକ ରୁଟ୍ ଆନିଉରିଜମ୍ ଭଳି ଅନେକ ଜୀବନ-ବିପର୍ଯ୍ୟୟ ହୃଦରୋଗ ଜଟିଳତାରେ ପୀଡିତ ଥିବା ଡା. ବେହେରା ସୂଚନା ଦେଇଥିଲେ। ଏଭଳି ଜଟିଳ ହୃଦ୍‌ରୋଗ ଜନିତ ସମସ୍ୟା ପାଇଁ ଡା ବେହେରା ଚ୍ୟାଲେଞ୍ଜପୂର୍ଣ୍ଣ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଡା. ବେହେରା ଓ ତାଙ୍କ ଡାକ୍ତରୀ ଦଳର ପ୍ରୟାସ କ୍ରମେ ଗୋଟିଏ ଅସ୍ତ୍ରୋପଚାରରେ ସମସ୍ତ ପାଞ୍ଚଟି ସମସ୍ୟାର ସଫଳ ଅସ୍ତ୍ରୋପଚାର ହୋଇଥିଲା। ଏଥିରେ ଡା ଅଞ୍ଜନ କୁମାର ଦାସ ଆନାସ୍ଥେସିଆ ଏବଂ ପରବର୍ତ୍ତୀ ଅସ୍ତ୍ରୋପଚାର ଓଉଟ ପରିଚାଳନା ଦାୟିତ୍ୱରେ ଥିଲେ।

ପ୍ରାୟପାଞ୍ଚଘଣ୍ଟାମଧ୍ୟରେଅସ୍ତ୍ରୋପଚାର ସଫଳତାର ସହ ସମାପ୍ତ ହୋଇଥିଲା ଏବଂ ପରଦିନ ରୋଗୀଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ମୁକ୍ତ କରାଯାଇଥିଲା। ରୋଗୀ ମାତ୍ର ୬ ଦିନ ମଧ୍ୟରେ ସ୍ଥିର ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ ହୋଇ ଏବେ ସୁସ୍ଥ ଅଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଜଟିଳ ମାମଲାର ସଫଳ ଚିକିତ୍ସା ପାଇଁ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଓ ରୋଗୀଙ୍କ ଦୀର୍ଘ ଓ ସୁସ୍ଥ ଜୀବନ କାମନା କରିଛନ୍ତି।

## ବ୍ରାଉନସୁଗର ଜବତ; ମହିଳାଙ୍କ ସମେତ ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଗୁରୁଜଙ୍ଗ ଦେୱାନସାହି ଅଂଚଳରୁ ଆଦର୍ଶଥାନା ପୁଲିସ ଚଢଉ କରି ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଦେୱାନସାହି ର ସନ୍ଧ୍ୟାରାଣୀ ବେହେରା ଓରଫ ବେବିନା (୨୬) ଓ ପିଏନ୍ କଲେଜ୍ ଛକ ର ରୋହନ୍ ଖାନ୍ ଓରଫ୍ ବବୁଲ (୨୭)। ସେମାନଙ୍କ ଠାରୁ ୪୫ଗ୍ରାମ ବ୍ରାଉନସୁଗର ଓ ୩ଟି ମୋବାଇଲ ଫୋନ୍ କୁ ପୁଲିସ ଜବତ କରିଛି। ଗୁରୁଜଙ୍ଗ ଦେୱାନସାହି ଅଂଚଳରେ ବ୍ରାଉନସୁଗର କାରବାର ହେଉଥିବା ଖବର ପାଇଥିଲା ପୁଲିସ। ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇ ଦେୱାନସାହି ଅଂଚଳରେ ଚଢଉ କରାଯାଇଥିଲା। ଏହି ସମୟରେ ସନ୍ଧ୍ୟାରାଣୀ ଓ ରୋହନ୍ କୁ ପୁଲିସ ଧରିଥିଲା। ସେମାନଙ୍କ ଠାରୁ ୪୫ଗ୍ରାମ ବ୍ରାଉନସୁଗର ଓ ୩ଟି ମୋବାଇଲ ଫୋନ୍ କୁ ଜବତ କରିଥିଲା। ତାଙ୍କ ବିରୋଧରେ ୨୪୮/୨୬ରେ ଏକ ମାମଲା ରୁଜୁ କରାଯାଇ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଆଦର୍ଶଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଏହି ଚଢଉରେ ଏସଆଇ ଦିନେଶ ପିଙ୍ଗୁଆ, ଏଏସ୍‌ଆଇ କାବେରୀ ଦାସ, ହାବିଲଦାର ନୀଳୁଚରଣ ମଲ୍ଲିକ, ପି.କେ. ସାହୁ, ସୁନୀତା ବରାଳ, ଶିବ ହନ୍ତାଳ ପ୍ରମୁଖ ସାମିଲ ଥିଲେ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅବଚେତନ ମନ ପାଇଁ ପ୍ରଶିକ୍ଷଣ କର୍ମଶାଳା ୬ରୁ

କଟକ,(ସବ୍ୟୁ): ସାଧନା ମନ୍ଦିର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଦୁଇ ଦିନିଆ ମାନସିକ ଚେତନା ପ୍ରଶିକ୍ଷଣ କର୍ମଶାଳା ଆସନ୍ତା ୬ ତାରିଖରୁ ମହାନଦୀବିହାରସ୍ଥିତ ପ୍ରତୀକ୍ଷା ଭାବନରେ ଆୟୋଜିନ ହେବ। ଛାତ୍ରଛାତ୍ରୀଙ୍କ ଅବଚେତନା ମନକୁ ଜାଗ୍ରତ କରି ଏକାଗ୍ରତା ବଢେଇବା, ମନରୁ ପୁରୁଣା ଭୟ, ଚିନ୍ତା, ଅବସାଦ, ମାନସିକ ଭାରସାମ୍ୟ ହରାଇଥିବା ଛାତ୍ରଛାତ୍ରୀଙ୍କୁ ହିପନୋସିସ, ତ୍ରାଟକ, ମନ୍ତ୍ର ମାଗ୍ନେଟିଜିମ୍ ମାଧ୍ୟମରେ ଦୂର କରି ଯୁବପିଢ଼ିଙ୍କୁ ନିଜ ଲକ୍ଷ୍ୟ ହାସଲ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ। ଏହି ଶିବିରରେ ୧୪ବର୍ଷ ବୟସରୁ ଯେକୌଣସି ବୟସ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ମାନସିକ ଏକଗ୍ରତା ବା ସ୍ଥିରତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିପାରିବେ। ଏହି ପ୍ରଶିକ୍ଷଣ ଶିବିର ବିଷୟରେ ଅଧିକ ଜାଣିବା ପାଇଁ ୯୪୩୭୧୩୫୫୯୦ ସହ ଯୋଗାଯୋଗ କରିପାରିବେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବିମଷ୍ଟେକ୍ ଯୁବ ନେତୃତ୍ୱ ବିନିମୟ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ବିମଷ୍ଟେକ୍ ଯୁବ ନେତୃତ୍ୱ ବିନିମୟ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି । ଏଥିରେ ଭାରତ ସମେତ ବିମଷ୍ଟେକର ଅନ୍ୟ ସଦସ୍ୟ ଦେଶ ବାଂଲାଦେଶ, ମିଆଁମାର, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ନେପାଳ ଏବଂ ଭୁଟାନର ଯୁବ ପ୍ରତିନିଧିମାନେ ଭାଗନେଇ ଏହାକୁ ଏକ ଅନ୍ତର୍ଜାତୀୟ ସମ୍ବାଦ ମଞ୍ଚରେ ପରିଣତ କରିଥିଲେ । ଏଥିରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ନବୋନ୍ମେଷ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ବିମଷ୍ଟେକ୍ ରାଷ୍ଟ୍ରସମୂହ ପ୍ରତିନିଧିମାନେ ଏସଡିଜି ପାଭିଲିଅନ୍, କୃଷି ଏବଂ ପ୍ରାକୃତିକ ଉତ୍ପାଦ କ୍ଷେତ୍ର, କଳା ଏବଂ ସଂସ୍କୃତି ଗ୍ୟାଲେରୀ, ବିଦ୍ୟାର୍ଥୀମାନଙ୍କ ଉପଲବ୍ଧି ମଞ୍ଚ, ଷ୍ଟାର୍ଟଅପ୍ ଏବଂ ନବାଚାର କେନ୍ଦ୍ର, ବାସ୍ତୁକଳା ଓ ମୂର୍ତ୍ତିକଳା ପ୍ରଦର୍ଶନୀ ସାଙ୍ଗକୁ ଆୟୁର୍ବେଦ ଓ ସୁସ୍ଥତା ପ୍ରଦର୍ଶନୀ ବୁଲି ଦେଖିଥିଲେ । ଉଦଘାଟନୀ ଅଧିବେଶନରେ କର୍ମଯୋଗ ନିର୍ଦ୍ଦେଶକ ଜୟ ଚନ୍ଦ୍ରନ୍ ଜିଜ୍ଞାସା, ବିସ୍ମୟଓ ପ୍ରଶ୍ନ କରିବାର ଚିନ୍ତାଧାରାକୁ ନେତୃତ୍ୱର ଆଧାର ବୋଲି ଦର୍ଶାଇଥିଲେ । ବିଶ୍ୱବିଦ୍ୟାଳୟ କୁଳାଧାକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ "ବେଷ୍ଟ୍ ଅଫ୍ ଓଡ଼ିଶା ଟୁ ଦି ଓ୍ୱାର୍ଲ୍ଡ ଆଣ୍ଡ ବେଷ୍ଟ୍ ଅଫ୍ ଓ୍ୱାର୍ଲ୍ଡ ଟୁ ଓଡ଼ିଶା' ଉପରେ ଆଲୋଚନା କରି ପ୍ରତିନିଧିମଣ୍ଡଳୀକୁ ସମାଜ ପ୍ରତି ଉତ୍ତରଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ । କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ନବାଚାର, ଉଦ୍ୟମିତା, କୌଶଳ ବିକାଶ ଏବଂ ବହୁ-ସାଂସ୍କୃତିକ ସହଯୋଗ ଦ୍ୱାରା ବିଶ୍ୱସ୍ତରରେ ନିଜ ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଦ୍ୱିତୀୟ ଦିନ ଉଦଯାପନୀ ଅଧିବେଶନରେ ଲିଡରଶିପ୍ ଇନ୍ ଦି ଏଜ୍ ଅଫ୍ ଏଆଇ: ଫ୍ରମ୍ ଆଇଡିଆଜ୍ ଟୁ ଇନଷ୍ଟିଚ୍ୟୁସନ୍ସ ଉପରେ ଏକ ସାରଗର୍ଭକ ଚର୍ଚ୍ଚା ହୋଇଥିଲା । ଏଥିରେ ପ୍ରୋ. କୁଲକର୍ଣ୍ଣୀ ଉଦବୋଧନ ଦେଇଥିବା ବେଳେ ଡ. ଭରତ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ । ଏଥିରେ କୃତ୍ରିମ ବୁଦ୍ଧିମତ୍ତା, ଭୂ-ରାଜନୀତି, ରାଷ୍ଟ୍ର ନିର୍ମାଣ ଏବଂ ଶିକ୍ଷା କ୍ଷେତ୍ରରେ ବଦଳୁଥିବା ନେତୃତ୍ୱର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା । ଡ. ଦାଶ ଫାକଲଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମ ସମ୍ପର୍କରେ ଆଲୋକପାତ କରିବା ସହ ଏହା କିଭଳି ଅନ୍ତର୍ଜାତୀୟ ବିଦ୍ୟାର୍ଥୀମାନଙ୍କ ପାଇଁ ସୁଯୋଗ ଆଣିବ, ତାହା ମଧ୍ୟ କହିଥିଲେ । ଡ. ସତ୍ୟଜିତ ଆର୍ଯ୍ୟ ନିରନ୍ତର ବିକାଶ ଲକ୍ଷ୍ୟ ଦିଗରେ ବିଶ୍ୱବିଦ୍ୟାଳୟର ଉଦ୍ୟମ ଏବଂ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ସୁଶ୍ରୀ କାମ୍ୟା ମିଶ୍ର ନବାଚାର ଏବଂ ଉଦ୍ୟମିତା କ୍ଷେତ୍ରରେ ଯୁବପିଢ଼ିର ଭୂମିକାକୁ ଗୁରୁତ୍ୱ ଦେଇଥିଲେ । ଷ୍ଟୋରିଜ୍ ଅଫ୍ ଇମ୍ପାକ୍ଟ :ୟଙ୍ଗ୍ ଏଣ୍ଟରପ୍ରେନ୍ୟୁର୍ସ ଆଣ୍ଡ୍ ଚେଞ୍ଜ-ମେକର୍ସ ଶେପିଂ ଦ ଫ୍ୟୁଚର ବିଷୟ ଉପରେ ଆୟୋଜିତ ପ୍ୟାନେଲ ଆଲୋଚନାରେ ଅବିନାଶ ସାହୁ, ଡ. ବିଶ୍ୱରଞ୍ଜନ ପ୍ରଧାନ ଏବଂ ସୁଶ୍ରୀ ନିଶିତା ବଳିଆରସିଂହ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଶ୍ରୀ ଭଗବତି ପ୍ରସାଦ ପଟ୍ଟନାୟକ ଅଧିବେଶନକୁ ସଞ୍ଚାଳନ କରିଥିଲେ । ଏହି ଅବସରରେ ବିମଷ୍ଟେକ୍ ପ୍ରତିନିଧିମାନେ ପେଟେଣ୍ଟ୍ ପ୍ରସ୍ତୁତକାରୀ, ଗବେଷକ, ଲେଖକ ଏବଂ ନବୋନ୍ମେଷକ ମାନଙ୍କ ସହ ସମ୍ବାଦ ବିନିମୟ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ପ୍ରଫେସର (ଡ.) କେଶରୀ ସିଂହ, ଜ୍ୟୋତିରଞ୍ଜନ ଗଡ଼ନାୟକ, ଡ. ବୁଲବୁଲ ବବଲୀନା, ଡ. ନେହା, ଅକ୍ଷତ ଶୁଭମ୍, ଡ. ରଚା ବଘେଲ, ସୌରଭ ବେଓ୍ୱଜା, ସୁଶ୍ରୀ ଆସ୍ଥା ଶ୍ରୀବାସ୍ତବ, ଶ୍ରୀ ବିଶ୍ୱପ୍ରକାଶ ପରିଡ଼ା, ସୁଶ୍ରୀ ସୋନାଲି ଦାସ ପ୍ରମୁଖଙ୍କୁ କୁଳାଧକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ସମସ୍ତ ଆୟୋଜକମଣ୍ଡଳୀ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ସାଧୁବାଦ ଦେଇଥିଲେ ।




## ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି ଆକ୍ସିସ୍ ବ୍ୟାଙ୍କ

ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କିଙ୍ଗ୍, ଡିଜିଟାଲ୍ ନବସୃଜନ ଓ କ୍ରମାଗତ ଭାବେ ସମ୍ପ୍ରସାରିତ ହେଉଥିବା ଏମ୍‌ଏସ୍‌ଏମ୍‌ଇ ବ୍ୟବସ୍ଥା ଦ୍ୱାରା ରାଜ୍ୟକୁ ଏକ ପ୍ରମୁଖ ଅଭିବୃଦ୍ଧି ବଜାର ଭାବରେ ଆକ୍ସିସ୍ ବ୍ୟାଙ୍କ ଗ୍ରହଣ କରିଛି । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକ ଦୃଢ଼ ଉପସ୍ଥିତି ସହିତ ଆକ୍ସିସ୍ ବ୍ୟାଙ୍କ ୨୫୮ ଟି ଶାଖା ପରିଚାଳନା କରୁଛି ଯେଉଁଥିରେ ଭୁବନେଶ୍ୱରରେ ୩୫ଟି ଶାଖା ରହିଛି । ଏହା ସହିତ ରାଜ୍ୟରେ ୩୦୦ଟି ଏଟିଏମ୍ ଓକ୍ୟାସ ରିସାଇକ୍ଲର ରହିଛି । ନିରନ୍ତର ସରକାରୀ ଓ ବେସରକାରୀ ପୁଞ୍ଜି ବିନିଯୋଗ ଦ୍ୱାରା ଆକ୍ସିସ୍ ବ୍ୟାଙ୍କ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ଅଂଚଳ ହୋଇରହିଛି । ଏମଏସଏମଇ ଏବଂ ମଧ୍ୟମ କର୍ପୋରେଟ୍ କ୍ଷେତ୍ରରେ ଅଭିବୃଦ୍ଧି ପୋର୍ଟଫୋଲିଓରେ ଅଧିକ ସନ୍ତୁଳନ ଆଣିଛି ଓ ବଂ ଖୁଚୁରା ଅଭିବୃଦ୍ଧିକୁ ସମର୍ଥନ କରୁଛି ।

ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍, ନର୍ଥ ଏବଂ ଟିଏଏସ୍‌ସି ବ୍ୟବସାୟର ମୁଖ୍ୟ ରେନୋଲ ଡି'ସୁଜା କହିଛନ୍ତି ଯେ ନିଜର ଭବିଷ୍ୟତ-କୈନ୍ଦ୍ରିକ ରଣନୀତିର ଏକ ଅଂଶ ଭାବରେ ଆକ୍ସିସ୍ ବ୍ୟାଙ୍କ ଏହାର "ଫିଜିଟାଲ୍ ବ୍ୟାଙ୍କିଙ୍ଗ" ମଡେଲକୁ ଆଗକୁ ବଢାଉଛି । ପ୍ରାୟ ତିନି-ଚତୁର୍ଥାଂଶ ନିୟମିତ ଶାଖା କାରବାର ବର୍ତ୍ତମାନ ଡିଜିଟାଲ୍ ଚ୍ୟାନେଲକୁ ସ୍ଥାନାନ୍ତରିତ ହୋଇଛି । ଏହାର ଡିଜିଟାଲ୍ ପ୍ରଥମ ଆଭିମୁଖ୍ୟ ସହିତ ଆକ୍ସିସ୍ ବ୍ୟାଙ୍କ ଉତ୍ପାଦକତା ଓ ଗ୍ରାହକଙ୍କ ସମ୍ପୃକ୍ତି ବୃଦ୍ଧି କରିବା ପାଇଁ "ଆଦି' ଓ "ସିଦ୍ଧି' ଭଳି ଏଆଇ ପରିଚାଳିତ ଉପକରଣଗୁଡିକ ପ୍ରବର୍ତ୍ତନ କରିଛି । ଏଥି ସହିତ ଆକ୍ସିସ୍ ବ୍ୟାଙ୍କ ୟୁପିଆଇ ପେୟର୍ ପିଓଏସ୍ କ୍ଷେତ୍ରରେ ପରିମାଣ ଅନୁଯାୟୀ ୩୯% ବଜାର ଅଂଶ ସହିତ ଅଗ୍ରଣୀ ରହିଛି ଯାହା ସୁଦୃଢ଼ ଭିତିଭୂମି ଓ ଶିଳ୍ପରେ ସର୍ବନିମ୍ନ ବୈଷୟିକ ପ୍ରତ୍ୟାଖ୍ୟାନ ହାର ଦ୍ୱାରା ସମର୍ଥିତ । ବ୍ୟାଙ୍କ ଗୁଗଲ ପେ ଓ ଫୋନପେ ସହିତ ସହଭାଗିତାକୁ ଗଭୀର କରିଛି ଏବଂ ଆମାଜନ ଆଜ୍ୟୁର୍‌ରେ କ୍ଲାଉଡ୍ ପରିଚାଳିତ ସମାଧାନ ମାଧ୍ୟମରେ ସ୍ଥିରତାକୁ ସୁଦୃଢ଼ କରିଛି । ଆକ୍ସିସ୍ ବ୍ୟାଙ୍କ ଓଡ଼ିଶାର ପ୍ରମୁଖ ଅର୍ଥନୈତିକ କ୍ଲଷ୍ଟରଗୁଡିକୁ ସମର୍ଥନ କରିବାରେ ଏକ ସକ୍ରିୟ ଭୂମିକା ଗ୍ରହଣ କରିବା ଜାରି ରଖିଛି ଯେଉଁଥିରେ କଟକ, ବରଗଡ, ବାଲେଶ୍ୱର, ଗଞ୍ଜାମ ଓ ନୟାଗଡ଼ର ଏମଏସଏମଇ ଓ ଟ୍ରେଡିଂ ହବ୍ ଅନୁଗୁଳ, ରାଉରକେଲା, ଝାରସୁଗୁଡା ଓ କଳିଙ୍ଗ ନଗର ଅଂଚଳ ଭଳି ଶିଳ୍ପ ଓ ଧାତବ ଅଂଚଳ ତଥା ଭୁବନେଶ୍ୱରରେ ଦ୍ରୁତ ଗତିରେ ଉଭା ହେଉଥିବା ଆଇଟି ଓ ସେବା କ୍ଷେତ୍ର ସାମିଲ ରହିଛି ।

ଏହି କ୍ଲଷ୍ଟର ଭିତିକ ଆଭିମୁଖ୍ୟ ବ୍ୟାଙ୍କକୁ ରାଜ୍ୟର ବିକାଶମୂଳକ ଅର୍ଥନୈତିକ ପ୍ରାଥମିକତା ସହିତ ନିକଟତର ହେବାକୁ ସକ୍ଷମ କରିଛି । ଏମ୍‌ଏସ୍‌ଏମ୍‌ଇକୁ ଏକ ଧ୍ୟାନର କ୍ଷେତ୍ର ଭାବରେ ଗ୍ରହଣ କରି ବ୍ୟାଙ୍କ ମର୍ଚ୍ଚାଂଟ୍ କ୍ୟାସ ଆଡଭାନ୍ସ, କ୍ୱିକ୍ ଓଭରଡ୍ରାଫଟ ଓ ପ୍ରୋଜେକଟ "ପ୍ରବେଶ' ଅନ୍ତର୍ଗତ ପ୍ରାରମ୍ଭିକ ବ୍ୟବସ୍ଥା ଭଳି ସମାଧାନ ମାଧ୍ୟମରେ ସେମାନଙ୍କର ଅଭିବୃଦ୍ଧିକୁ ସକ୍ଷମ କରୁଛି । ଏହା ୧୦୦ରୁ ଅଧିକ ଜିଲ୍ଲାରେ କ୍ଲଷ୍ଟର ଭିତିକ ଆଉଟରିଚ୍ ଦ୍ୱାରା ପୂରଣ ହୋଇପାରିଛି । ଆକ୍ସିସ୍ ବ୍ୟାଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢାଇବା ପାଇଁ ୟୁପିଆଇ ସକ୍ଷମ ସ୍ୱର୍ଣ୍ଣ ଋଣ ଓ ମାଇକ୍ରୋଫାଇନାନ୍ସ କୋଅରିଜିନେସନ୍ ମଡେଲ ସହିତ ବିଭିନ୍ନ ପ୍ରକାରର ଅଫର ପ୍ରଦାନ କରୁଛି । "ନିଓ ଫର ବିଜନେସ' ଭଳି ପ୍ଲାଟଫର୍ମଗୁଡିକ ଏ୍‌ଏସ୍‌ଏମ୍‌ଇମାନଙ୍କୁ ଇନଭଏସିଂ ଓ ପେ-ରୋଲ୍ ଭଳି ବ୍ୟାଙ୍କିଙ୍ଗ୍ ବାହାରେ ମଧ୍ୟ ସମାଧାନ ପ୍ରଦାନ କରୁଛି । ଓଡ଼ିଶା ସରକାରଙ୍କ ସହିତ ନିଜର ସହଭାଗିତାକୁ ସୁଦୃଢ଼ କରି ଆକ୍ସିସ୍ ବ୍ୟାଙ୍କ ସାଧାରଣ ଅର୍ଥ ଓ ଡିଜିଟାଲ୍ ଶାସନରେ ନିଜର ଭୂମିକାକୁ ମଧ୍ୟ ସମ୍ପ୍ରସାରିତ କରିଛି । ଓଡ଼ିଶା ରାଜ୍ୟ କୋଷାଗାର ସହିତ ସଂଯୁକ୍ତ ପ୍ରଥମ ବେସରକାରୀ କ୍ଷେତ୍ରର ବ୍ୟାଙ୍କ ଭାବରେ ଏହା ନିରନ୍ତର ଡିଜିଟାଲ୍ ସଂଗ୍ରହକୁ ସୁଗମ କରିଛି ଏବଂ ଓଡ଼ିଶା ଓ୍ୱାନ ପୋର୍ଟାଲ୍ ପାଇଁ ପ୍ରାଥମିକ ବ୍ୟାଙ୍କର ଭାବରେ ମଧ୍ୟ କାର୍ଯ୍ୟ କରୁଛି ଯାହା ଦକ୍ଷ ଓ ନାଗରିକ-କୈନ୍ଦ୍ରିକ ସେବା ଦେୟକୁ ସକ୍ଷମ କରୁଛି । ସାଧାରଣ ଡିଜିଟାଲ୍ ଭିତିଭୂମିର ଏହି ମୂଳଦୁଆ ଉପରେ ଆଧାର କରି,ବ୍ୟାଙ୍କ ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ "ଡିଜିଟାଲ୍ ହୁଣ୍ଡି ସମର୍ପଣ' ପ୍ଲାଟଫର୍ମ ଭଳି ପଦକ୍ଷେପ ମଧ୍ୟ ଆରମ୍ଭ କରିଛି ଯାହା ସୁରକ୍ଷିତ ଡିଜିଟାଲ୍ ନବସୃଜନ ସହିତ ସାଂସ୍କୃତିକ ପ୍ରାସଙ୍ଗିକତାକୁ ଏକତ୍ରିତ କରିବା ଉପରେ ଏହାର ଧ୍ୟାନକୁ ପ୍ରତିଫଳିତ କରୁଛି । ବରିଷ୍ଠ ନାଗରିକ ସମ୍ପୃକ୍ତି ଓ ଡିଜିଟାଲ୍ ଠକେଇ ସଚେତନତା କାର୍ଯ୍ୟକ୍ରମ ସହିତ ଲକ୍ଷ୍ୟ ଧାର୍ଯ୍ୟ ପଦକ୍ଷେପଗୁଡିକ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ୍ ଅଭ୍ୟାସରେ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରିଛି । ଓଡ଼ିଶା ଆକ୍ସିସ୍ ବ୍ୟାଙ୍କ ପାଇଁ କେବଳ ଏହାର ଅଭିବୃଦ୍ଧି ସମ୍ଭାବନା ପାଇଁ ନୁହେଁ, ବରଂ ଅନ୍ତର୍ଭୁକ୍ତୀକରଣ ଓ ସ୍ଥାୟୀ ବ୍ୟାଙ୍କିଙ୍ଗ୍ ମଡେଲ୍ ଗଠନ କରିବାର ସୁଯୋଗ ପାଇଁ ମଧ୍ୟ ଏକ ରଣନୀତିକ ଗୁରୁତ୍ୱପୂର୍ଣ୍ଣ ବଜାର ଅଟେ ବୋଲି ସେ କହିଛନ୍ତି ।




## ଜଟିଳ ଅସ୍ତ୍ରୋପଚାର : ଶୀତଳାପଲ୍ଲୀ ସମ୍ ହସ୍ପିଟାଲର ଅଭୂତପୂର୍ବ ସଫଳତା

ଭୁବନେଶ୍ୱର, (ସବ୍ୟୁ): ଅତ୍ୟାଧୁନିକ ଅସ୍ତ୍ରୋପଚାର ପାରଦର୍ଶିତା ଓ ବିଭିନ୍ନ ବିଭାଗର ସମନ୍ୱୟ ଫଳରେ ବ୍ରହ୍ମପୁର ଶୀତଳାପଲ୍ଲୀ ସ୍ଥିତ ସମ ହସ୍ପିଟାଲ୍‌ରେ ଦୁଇଟି ବିରଳ ଓ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାର ସଂପାଦନ କରାଯିବା ଦ୍ୱାରା ହସ୍ପିଟାଲ ଅଭୂତପୂର୍ବ ସଫଳତା ହାସଲ କରିଛି। ଚିକିତ୍ସା ନିମନ୍ତେ ରାଜ୍ୟ ଏବଂ ରାଜ୍ୟ ବାହାରେ ଅନେକ ହସ୍ପିଟାଲ ବୁଲିବା ପରେ ଶେଷରେ ଶୀତଳାପଲ୍ଲୀ ସମ୍ ହସ୍ପିଟାଲରୁ ସୁସ୍ଥ ହୋଇ ଫେରିଛନ୍ତି ରୋଗୀ। ପ୍ରଥମ ରୋଗୀଙ୍କ କ୍ଷେତ୍ରରେ ଶ୍ୱାସନଳୀରେ ଅବରୋଧ ଫଳରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅତ୍ୟନ୍ତ କଷ୍ଟ ଅନୁଭବ ହେଉଥିଲା। ଏହା ଦ୍ୱାରା ରୋଗୀର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏକ ଅତ୍ୟାଧୁନିକ ଶ୍ୱାସନଳୀ ପୁନଃନିର୍ମାଣ ପ୍ରକ୍ରିୟା- ଉନ୍ନତ ମାନର ସିଙ୍ଗଲ ଷ୍ଟେଜ୍ ଲାରିନ୍‌ଗୋଟ୍ରାକିଆଲ୍ ରିକନ୍‌ଷ୍ଟ୍ରକ୍ସନ୍ (ଏସ୍‌ଏସ୍‌ଏଲ୍‌ଟିଆର) ଅସ୍ତ୍ରୋପଚାର କରାଯାଇ ରୋଗୀଙ୍କର ଚିକିତ୍ସା କରାଯାଇଥିଲା।

ଏହି ଜଟିଳ ଅସ୍ତ୍ରୋପଚାରଟି ଇଏନ୍‌ଟି ବିଭାଗର ଡାକ୍ତର ପ୍ରିୟଜିତ ପାଣିଗ୍ରାହୀ, କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ ବିଭାଗର ଡାକ୍ତର ସମିର ପାଣିଗ୍ରାହୀ ଏବଂ ଡାକ୍ତର ଶୁଭଜିତ ସାହୁଙ୍କ ମିଳିତ ଉଦ୍ୟମରେ ସଂପାଦନ କରାଯାଇଥିଲା। ଏମାନଙ୍କର ମିଳିତ ପ୍ରଚେଷ୍ଟା ଯୋଗୁଁ ଏହି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା। ଏହି ଅସ୍ତ୍ରୋପଚାରଟି ଦକ୍ଷିଣ ଓଡ଼ିଶାରେ ଏକ ବିରଳ ସଫଳ ପ୍ରକ୍ରିୟା ହୋଇଥିବା ଜଣାପଡ଼ିଛି।

ସେହିପରି ଅନ୍ୟ ଏକ ଜଟିଳ ସମସ୍ୟାରେ ପୀଡ଼ିତ ଥିବା ରୋଗୀ ଯାହାଙ୍କର ବେକରେ ନର୍ଭ ସିଥ ଟ୍ୟୁମର ସୃଷ୍ଟି ହୋଇଥିଲା ତାହାକୁ ବିଭିନ୍ନ ବିଭାଗର ଡାକ୍ତରମାନେ ମିଳିତ ଭାବେ ଅସ୍ତ୍ରୋପଚାର ମାଧ୍ୟମରେ ସଫଳ ଚିକିତ୍ସା କରି ସୁସ୍ଥ କରାଇଛନ୍ତି। ଏହି ଟିମ୍‌ରେ ଡାକ୍ତର ସୁଧାକର ଜେନା, ଡାକ୍ତର ପ୍ରଭାତ ଜଗଦେବ, ଡାକ୍ତର ସାଇରୁଦ୍ର ପୁହାଣ ଓ ଡାକ୍ତର ପ୍ରତ୍ୟୁଷକାନ୍ତି ମିଶ୍ର ସାମିଲ ଥିଲେ । ଡାକ୍ତରୀ ଟିମ୍‌କୁ ଶୁଭେଚ୍ଛା ଜଣାଇ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଶ୍ରୀ ଦେବ ପ୍ରସାଦ ଦାଶ କହିଛନ୍ତି ଯେ ପରୀକ୍ଷଣ ଏବଂ ଅସ୍ତ୍ରୋପଚାର କ୍ଷେତ୍ରରେ ଶୁଦ୍ଧତା, ବିଶେଷଜ୍ଞ ଡାକ୍ତରଙ୍କ ଟିମ୍ ୱାର୍କ ଏବଂ ରୋଗୀ ସେବା କ୍ଷେତ୍ରରେ ଉତ୍କର୍ଷତା ହିଁ ହସ୍ପିଟାଲ୍‌କୁ ସଫଳତା ଆଣିଦେଉଛି। ଧୀରେ ଧୀରେ ହସ୍ପିଟାଲଟି ଏଭଳି ଜଟିଳ ଚିକିତ୍ସାରେ ସଫଳ ହେଉଛି। ଅତ୍ୟାଧୁନିକ ଆଇସିୟୁ ଭିତିଭୂମି ଓ ପର୍ଯ୍ୟାପ୍ତ ଶଯ୍ୟା ଯୋଗୁଁ ଜଟିଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରୁଛି ବୋଲି ସେ କହିଛନ୍ତି।




### ଜିନ୍ଦଲ ଷ୍ଟେନଲେସର ମାର୍ଚ୍ଚ ୩୧,୨୦୨୬ରେ

## ଶେଷ ହୋଇଥିବା ତ୍ରୈମାସିକ ଏବଂ ଆର୍ଥିକ ବର୍ଷ ପାଇଁ ଫଳାଫଳ ଘୋଷଣା

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍ ଏଲ୍ )ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଆଜି ମାର୍ଚ୍ଚ ୩୧, ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଆର୍ଥିକ ବର୍ଷ ପାଇଁ ଫଳାଫଳ ଘୋଷଣା କରିଛନ୍ତି । ଆର୍ଥିକ ବର୍ଷ ୨୬ରେ, କମ୍ପାନୀ ୨୫,୬୫,୯୦୨ ଟନ୍ ର ସାମଗ୍ରୀ ବିକ୍ରୟ ପରିମାଣ ରେକର୍ଡ କରିଛି । ଯାହା ବର୍ଷକୁ ବର୍ଷ (ୱାଇ-ଓ-ୱାଇ) ଅଭିବୃଦ୍ଧି ୮.୧% ରେକର୍ଡ କରିଛି ।ସାମଗ୍ରିକ ଭାବରେ, ନିଟ୍ ରାଜସ୍ୱ ବାର୍ଷିକ ୯.୩% ବୃଦ୍ଧି ପାଇ ୪୨,୯୫୫ କୋଟି ଟଙ୍କାରେ ପହଂଚିଛି । ଏଥିସହିତ ଇବିଆଇଟିଡିଏ ୫,୫୬୦ କୋଟି ଟଙ୍କାରେ ପହଞ୍ଚିଛି । ଯାହା ପୂର୍ବ ବର୍ଷ ତୁଳନାରେ ୧୯.୨% ବୃଦ୍ଧି ପାଇଛି ଏବଂ ଟିକସ ପରେ ଲାଭ (ପିଏଟି) ୨୭.୪% ବାର୍ଷିକ ବୃଦ୍ଧି ପାଇ ୩,୧୮୫ କୋଟି ଟଙ୍କାରେ ପହଂଚିଛି । ଆର୍ଥିକ ବର୍ଷ ୨୬ରେ ଚତୁର୍ଥ ତ୍ରୈମାସିକ ରିପୋର୍ଟ ଅନୁଯାୟୀ, କମ୍ପାନୀର ପ୍ରସ୍ତୁତ ସାମଗ୍ରୀ ଷ୍ଟାଣ୍ଡଏଲୋନ୍ ବିକ୍ରୟ ପରିମାଣ ୬,୪୧,୭୪୩୬ ଟନ୍ ଥିଲା । ସେହିଭଳି,ଚତୁର୍ଥ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ନିଟ୍ ରାଜସ୍ୱ ୧୧,୩୩୭ କୋଟି ଟଙ୍କା ଥିଲା । ଇବିଆଇଟିଡିଏ ୩୭.୧% ବର୍ଷକୁ ବର୍ଷ ବୃଦ୍ଧି ପାଇ ୧,୪୫୫ କୋଟି ଟଙ୍କାରେ ପହଂଚିଛି, ଯାହା ଶକ୍ତିଶାଳୀ ପରିଚାଳନା ଦକ୍ଷତାକୁ ଦର୍ଶାଉଛି । ଯେତେବେଳେ ପ୍ୟାଟ୍ ୪୧.୪% ବର୍ଷକୁ ବର୍ଷ ବୃଦ୍ଧି ପାଇ ଭାରତୀୟ ମୁଦ୍ରାରେ ୮୩୫କୋଟିରେ ପହଂଚିଛି ।

କମ୍ପାନୀର ଏହି ପ୍ରଦର୍ଶନ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସ୍ ପାଇଁ ଆର୍ଥିକ ବର୍ଷ୨୬ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଯାହା ସ୍ଥିର ଅଭିବୃଦ୍ଧି, ରଣନୀତିକ କାର୍ଯ୍ୟକାରିତା ଏବଂ ପରିଚାଳନା ଏବଂ ବ୍ରାଣ୍ଡ ବିଲ୍ଡିଂରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଦୃଢ ଘରୋଇ ଚାହିଦା ଏବଂ ବିଭିନ୍ନ କ୍ଷେତ୍ରରେ ବଢୁଥିବା ଷ୍ଟେନଲେସ୍ ଷ୍ଟିଲର ଗ୍ରହଣୀୟତା ଯୋଗୁଁ, ଆମେ ଆମର ମୂଲ୍ୟଯୁକ୍ତ ବିଭାଗ ଏବଂ ଡାଉନଷ୍ଟ୍ରିମ୍ କ୍ଷମତାକୁ ମଜଭୁତ କରିବା ଜାରି ରଖିଛୁ ଏବଂ ଅଭିବୃଦ୍ଧି କରୁଛୁ। କ୍ଷମତା ବୃଦ୍ଧି ଏବଂ ଆପ୍ଲିକେସନକୁ ବିସ୍ତାର କରିବା, ମୂଲ୍ୟ ଦକ୍ଷତା ବଜାୟ ରଖିବା ଏବଂ ଉତ୍ପାଦନର ଉତ୍କର୍ଷତା ଉପରେଆଗକୁ ଆମର ଧ୍ୟାନ ରହିବ। ଯାହା ଆର୍ଥିକ ବର୍ଷ ୨୯ସୁଦ୍ଧା ୪୩.୫ଏମଟିପିଏ ବିକ୍ରୟ ପରିମାଣ ହାସଲ କରିବ। ମଧ୍ୟପ୍ରାଚ୍ୟ ସଙ୍କଟ ଏବଂ ଭାରତର ଉଦାରବାଦୀ ବାଣିଜ୍ୟ ନୀତି ଯୋଗୁଁ ଘରୋଇ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପ ଏକ ଆହ୍ୱାନମୂଳକ ପରିବେଶରେ କାର୍ଯ୍ୟ ଜାରି ରଖିଛି । ଶସ୍ତା, ନିମ୍ନମାନର ଆମଦାନୀକୁ ନେଇ ଚିନ୍ତା ରହିଛି ଏବଂ ଶିଳ୍ପ ତରଫରୁ ଆମେ ବେଆଇନ ଆମଦାନୀକୁ ରୋକିବା ଏବଂ ଘରୋଇ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପର ଦୀର୍ଘକାଳୀନ ସ୍ୱାର୍ଥ ରକ୍ଷା କରିବା ପାଇଁ ଏକ ଦୃଢ ନୀତିଗତ ଢାଂଚା ପାଇଁ ଉଦ୍ୟମ ଜାରି ରଖିଛୁ" । ଏହି ତ୍ରୈମାସିକରେ ପଶ୍ଚିମ ଏସିଆକୁ ପ୍ରଭାବିତ କରୁଥିବା ଭୌଗୋଳିକ ଅନିଶ୍ଚିତତା ମଧ୍ୟରେ ଶକ୍ତି ସମ୍ବନ୍ଧୀୟ ପ୍ରତିବନ୍ଧକ ଦେଖାଦେଇଛି । ଯାହା ପ୍ରୋପେନ୍ / ଏଲପିଜି ଏବଂ ପ୍ରାକୃତିକ ଗ୍ୟାସ୍ ପରି ଶିଳ୍ପ ଇନ୍ଧନ ପାଇଁ ଏକ ପ୍ରମୁଖ ଉତ୍ସ ଅଂଚଳ ଯାହା ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଅଟେ ।

### ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୁଳପତିଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ



ଭୁବନେଶ୍ୱର ,(ସବ୍ୟୁ): ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ନୂତନ ଭାବେ କୁଳପତି ଭାବେ ଯୋଗଦାନ କରିଥିବା ପ୍ରଫେସର ବି.ବି ମଲ୍ଲିକ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କୁ ମନ୍ତ୍ରୀଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରାୟ ୩୦ ମିନିଟ ଆଲୋଚନା ହୋଇଥିଲା । ଆଲୋଚନାରେ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗ ଉପରେ ମନ୍ତ୍ରୀ ଡ଼. ମହାଲିଙ୍ଗ ଗୁରୁତ୍ୱାରୋପ କରିଥିବା ଜଣାପଡ଼ିଛି । ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ବିଭିନ୍ନ କଲେଜମାନଙ୍କୁ ଶିକ୍ଷା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରିବା ଉପରେ ମନ୍ତ୍ରୀ କୁଳପତି ପ୍ରଫେସର ମଲ୍ଲିକଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ କଲେଜ କ୍ୟାମ୍ପସମାନଙ୍କରେ ଶୈକ୍ଷିକ ବାତବରଣ ସୃଷ୍ଟି କରିବା ଉପରେ ଜୋର ଦେଇଥିଲେ।





ନିର୍ବାଚନ ଫଳାଫଳ ଘୋଷଣା ପରେ ପଶ୍ଚିମବଙ୍ଗ, ଆସାମ ଓ ତାମିଲନାଡୁରେ ବିଜୟୀ ଦଳର ଶୋଭାଯାତ୍ରା ।

# ଏନଡିଏ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବଢ଼ିଲା



ନୂଆଦିଲ୍ଲୀ: ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷର ଟିଏମସି ଶାସନ ପରେ ବିଜେପି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସଠାରୁ ବଙ୍ଗଳା ଛଡ଼ାଇ ନେଇଛି। ପଶ୍ଚିମବଙ୍ଗ ବିଜୟ ସହ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟର ନେତୃତ୍ୱ ୨୧ଟି ରାଜ୍ୟକୁ ବୃଦ୍ଧି ପାଇଛି। ଏହାର ଅର୍ଥ ଏନଡିଏ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକର ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷେ କେନ୍ଦ୍ରରେ ପ୍ରମୁଖ ବିରୋଧୀ ମେଣ୍ଟ ତଥା ଇଣ୍ଡି ମେଣ୍ଟ ତାମିଲନାଡୁରେ ପରାଜି ହୋଇଥିଲେ ସୁଦ୍ଧା କେରଳରେ ଜିତିବା ପରେ ଦେଶର ଛଅଟି ରାଜ୍ୟରେ ଏହାର ନେତୃତ୍ୱ ବଜାୟ ରଖିଛି। ତେବେ କେରଳରେ ନିର୍ଣ୍ଣାୟକ ପ୍ରଦର୍ଶନ ପରେ ମଧ୍ୟ ନିର୍ବାଚନ ଫଳାଫଳ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଜାରି ରହିଛି।ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମବଙ୍ଗ ବିଜୟ ପରେ ବିଜେପି ନିଜେ ସ୍ୱାଧୀନ ଭାବରେ ୧୫ଟି ରାଜ୍ୟରେ ଶାସନ କରିବ, କିନ୍ତୁ ବିହାରରେ ଜେଡିୟୁ, ଆନ୍ଧ୍ର ପ୍ରଦେଶରେ ଟିଡିପି, ନାଗାଲାଣ୍ଡ (ନାଗା ପିପୁଲ୍ସ ଫ୍ରଣ୍ଟ), ମେଘାଳୟରେ (ନ୍ୟାସନାଲ ପିପୁଲ୍ସ ପାର୍ଟି) ସହ ମେଣ୍ଟ ଯୋଗୁ ମେଣ୍ଟ ନେତୃତ୍ୱାଧୀନରେ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ତାମିଲନାଡୁରେ ଡିଏମକେ-କଂଗ୍ରେସ ମେଣ୍ଟକୁ ହଟାଇ ଦିଆଯାଇଥିବା ବେଳେ, କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) କେରଳରେ ସରକାର ଗଠନ କରିବାକୁ ଯାଉଛି।କଂଗ୍ରେସ କେବଳ ତିନୋଟି ରାଜ୍ୟ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ହିମାଚଳ ପ୍ରଦେଶରେ ଏକକ ବହୁମତ ସରକାର ରଖିଛି। ଦଳ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମଏମ ସହିତ ମେଣ୍ଟରେ ଅଛି।

# ବିକାଶ ଏଜେଣ୍ଡା ଲୋକଙ୍କ ପାଖରେ ପହଞ୍ଚିଛି : ମୋଦୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀସ୍ଥିତ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ପଶ୍ଚିମବଙ୍ଗ ସମେତ ଆସାମ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନରେ ବିଜେପିର ପ୍ରଦର୍ଶନ ପରେ ସେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଦଳର ବରିଷ୍ଠ ନେତା ଏବଂ କର୍ମୀମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଉପସ୍ଥିତ ଅଛନ୍ତି। ପଶ୍ଚିମବଙ୍ଗରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗରେ ବିଜେପିର ଏହି ଐତିହାସିକ ବିଜୟ, ପିଢ଼ିପିଢ଼ି ଧରି ଅଗଣିତ କର୍ମକର୍ତ୍ତାଙ୍କ ଉଦ୍ୟମ ଏବଂ ସଂଘର୍ଷ ବିନା ସମ୍ଭବ ହୋଇପାରି ନଥାନ୍ତା। ମୁଁ ସେ ସମସ୍ତଙ୍କୁ ପ୍ରଣାମ କରୁଛି। ବର୍ଷବର୍ଷ ଧରି ସେମାନେ ତୃଣମୂଳସ୍ତରରେ ବହୁ ପରିଶ୍ରମ କରିଛନ୍ତି। ବହୁ ଅସୁବିଧାର ସାମ୍ନା କରିଛନ୍ତି ଏବଂ ଆମର ବିକାଶ ଏଜେଣ୍ଡାକୁ ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି। ସେମାନେ ହେଉଛନ୍ତି ଆମ ଦଳର ପ୍ରକୃତ ବଳ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସବୁବେଳେ ମନେ ରହିବ। ଜନତାଙ୍କ ଶକ୍ତିର ବିଜୟ ହୋଇଛି। ମୁଁ ପଶ୍ଚିମବଙ୍ଗର ପ୍ରତ୍ୟେକ ଲୋକଙ୍କ ନିକଟରେ ପ୍ରଣାମ କରୁଛି। ଜନତା ବିଜେପିକୁ ଏକ ଉତ୍ସାହଜନକ ଜନାଦେଶ ଦେଇଛନ୍ତି। ଲୋକଙ୍କର



ଆଶା ଏବଂ ଆକାଂକ୍ଷା ପୂରଣ କରାଯିବାକୁ ଉଦ୍ୟମ କରାଯିବ। ଆମେ ଏକ ଏଭଳି ସରକାର ଦେବୁ, ଯାହା ସମାଜର ସମସ୍ତ ବର୍ଗକୁ ଅବସର ଏବଂ ସମ୍ମାନ ସୁନିଶ୍ଚିତ କରିବ।

# ହାରିଗଲେ ଷ୍ଟାଲିନ



ଚେନ୍ନାଇ : ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏବଂ ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନକୁ କୋଲାଥୁର ଆସନରେ ହାରିବାକୁ ପଡ଼ିଛି। ଷ୍ଟାଲିନ ୭୪ ହଜାର ୨୦୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭି.ଏସ୍ ବାବୁ ୮୨ ହଜାର ୯୯୭ ଖଣ୍ଡ ଭୋଟ୍ ପାଇଛନ୍ତି। ଅର୍ଥାତ୍ ୮,୭୯୫ ଖଣ୍ଡ ଭୋଟ୍ରେ ପରାସ୍ତ ହୋଇଛନ୍ତି ଷ୍ଟାଲିନ୍। ଅନ୍ୟପକ୍ଷରେ ତାଙ୍କ ପୁଅ ତଥା ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଚେପୌକ ଆସନରୁ ବିଜୟୀ ହୋଇଛନ୍ତି। ଏହି ଆସନ ତାଙ୍କର ଶକ୍ତିଶାଳୀ ଗଡ଼ କୁହାଯାଉଥିଲ। ସେ ଏହି ଆସନରୁ କ୍ରମାଗତ ୩ ଥର ଯଥା ୨୦୨୧, ୨୦୧୬ ଏବଂ ୨୦୧୧ରେ ବିଜୟୀ ହୋଇଥିଲେ। ଏଥର ଥାଲାପତି ବିଜୟଙ୍କ ଦଳ ଟିଭିକେର ପ୍ରାର୍ଥୀ ଏବଂ ତାଙ୍କର ପୁରୁଣା ସହଯୋଗୀ ଭିଏସ୍ ବାବୁ ତାଙ୍କୁ ହରାଇ ଦେଇଛନ୍ତି। ଭିଏସ୍ ବାମୁ ଡିଏମକେ ସହିତ ଜଡ଼ିତ ଥିଲେ ଏବଂ ୨୦୧୧ରେ କୋଲାଥୁର ଆସନରେ ଷ୍ଟାଲିନଙ୍କ ନିର୍ବାଚନ ପ୍ରଭାରୀ ଥିଲେ। ପରେ ସେ ଦଳ ଛାଡ଼ି ଏଆଇଡିଏମକେରେ ପାଦ ଥାପିଥିଲେ ଏବଂ ପୁଣ ଗତ ଫେବ୍ରୁଆରି ୭ ତାରିଖରେ ଟିଭିକେରେ ସାମିଲ ହୋଇଥିଲେ। ଏଠାରୁ ସେ ନିର୍ବାଚନ ଲଢ଼ି ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ପରାସ୍ତ କରିଛନ୍ତି।

## ଜନତାଙ୍କ ଫଇସଲା ମାନିବାକୁ ପଡ଼ିବ : ଟିଏମସି

କୋଲକାତା : ପଶ୍ଚିମବଙ୍ଗରେ ମତଗଣନା ଜାରି ଥିବା ବେଳେ ବିଜେପି ୨୦୪ ଆସନରେ ଆଗୁଆ ଅଛି। ଏହା ପରେ ଟିଏମସି ସାଂସଦ ଅଭିଷେକ ବାନାର୍ଜୀ ପରାଜୟ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଏକ ଭବ୍ୟ ସମାଜରେ ଲୋକ ଯେତେବେଳେ ଫଇସଲା ଶୁଣାନ୍ତି, ଏହାକୁ ସମସ୍ତେ ସ୍ୱୀକାର କରିବାକୁ ପଡ଼ିବ।

# ପ. ବଙ୍ଗରେ କିଏ ହେବେ ମୁଖ୍ୟମନ୍ତ୍ରୀ?

କୋଲକାତା : ବିଜେପି ପାଇଁ ବେଙ୍ଗଲ ସବୁବେଳେ ମୁଖ୍ୟ ଫୋକସରେ ରହିଥିଲା। କାରଣ ବେଙ୍ଗଲ ହେଉଛି ଜନ ସଂଘର ପ୍ରତିଷ୍ଠାତା ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ସ୍ଥାନ। ଏହି ଜନସଂଘରୁ ଜନ୍ମ ହୋଇଛି ବିଜେପି।ଦୀର୍ଘ ବର୍ଷର ପରିଶ୍ରମ ପରେ ବିଜେପି ଶେଷରେ ବେଙ୍ଗଲ ଦଖଲ କରିବାକୁ ଯାଉଛି। ତେଣୁ ରାଜ୍ୟରେ ନିଜର ଛାପ ସୃଷ୍ଟି କରିବାକୁ ଦଳ ନିଶ୍ଚିତ ଜଣେ ଶକ୍ତିଶାଳୀ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ କରିବ। କେନ୍ଦ୍ରମନ୍ତ୍ରୀ ଅମିତ ଶାହ ପ୍ରଚାର ସମୟରେ କହିଥିଲେ ଯେ ବିଜେପି କ୍ଷମତାକୁ ଆସିଲେ ଜଣେ ପ୍ରକୃତ ବେଙ୍ଗଲି ହିଁ ବେଙ୍ଗଲର ମୁଖ୍ୟମନ୍ତ୍ରୀ ହେବେ। ଆଉ ଜଣେ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ କାଉଣ୍ଟର କରିବା ପାଇଁ ଜଣେ ଆମିଷ ଖାଉ ନଥିବା ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି କହିଥିଲେ। ତେଣୁ ବିଜେପି ବେଙ୍ଗଲରେ ଜିତିବାକୁ ଯାଉଥିବାରୁ କିଏ ମୁଖ୍ୟମନ୍ତ୍ରୀ ହେବେ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରାଜ୍ୟ ବିଧାନସଭା ନିର୍ବାଚନରେ ଆଞ୍ଚଳିକ ଦଳଗୁଡ଼ିକ ଭଳି ବିଜେପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରେନାହିଁ। ବେଙ୍ଗଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି



ବିଜେପିର ୟୁଏସ୍ପି। ପ୍ରଧାନମନ୍ତ୍ରୀ ୨୦ରୁ ଅଧିକ ରାଲିରେ ସମ୍ବୋଧନ କରିଥିଲେ। ସେ ମମତାଙ୍କ ବେଙ୍ଗଲ ଦୁର୍ଗ ଭାଙ୍ଗିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ମୋଦି ଘନଘନ ବେଙ୍ଗଲ ଗସ୍ତ କରିବା ସହ ରାଜ୍ୟର ଝାଲମୁଢ଼ି ଖାଇଥିଲେ। ସେଠାକାର କାଳୀ ମନ୍ଦିର ଯାଇଥିଲେ। ବେଙ୍ଗଲର ପସନ୍ଦର ଖେଳ ଫୁଟବଲ ଖେଳିଥିଲେ। ବେଙ୍ଗଲିରେ ନିଜର ଅଡିଓ ବାର୍ତ୍ତା ଦେଇଥିଲେ। ଏଥିପାଇଁ ସମ୍ଭବତଃ ବ୍ରାଣ୍ଡ ମୋଦିରେ ବେଙ୍ଗଲବାସୀ ଭରସା ଦେଖାଇଛନ୍ତି।

କିନ୍ତୁ ଏହି ଧାରାକୁ କିଏ ବଜାୟୀ ରଖିବେ। ବିଜେପି ମହିଳା ସୁରକ୍ଷାକୁ ନିଜ ପ୍ରଚାରର ପ୍ରମୁଖ ଅସ୍ତ୍ର କରିଥିଲା। କିନ୍ତୁ କ'ଣ ଗେରୁଆ ଦଳ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ? ଯଦି ହଁ, ତା'ହେଲେ ମୁଖ୍ୟମନ୍ତ୍ରୀ ରେସ୍ରେ ଅଗ୍ନିମିତ୍ର ପଲ ଓ ରୂପା ଗାଙ୍ଗୁଲି ନିଶ୍ଚିତ ରହିବେ। ଉଭୟ ରାଜ୍ୟରେ ବେଶ ପରିଚିତ ଓ ଉଭୟ ବେଶ ଦମଦାର ବିଜୟ ମଧ୍ୟ ହାସଲ କରିଛନ୍ତି। ଯଦି ବିଜେପି ମହିଳାଙ୍କୁ ମୁଖ୍ୟମନ୍ତ୍ରୀ କରିବ ନାହିଁ, ତା'ହେଲେ ମମତାଙ୍କ ଚୀର ପ୍ରତିଦ୍ୱନ୍ଦ୍ୱୀ ଶୁଭେନ୍ଦୁ ଅଧିକାରୀ, ରାଜ୍ୟ ବିଜେପି ମୁଖ୍ୟ ସମିତ ଭଟ୍ଟାଚାର୍ଯ୍ୟ, ନିଶିତ ପରମାଣିକ ଓ ସବୁବେଳେ ଚର୍ଚ୍ଚାରେ ରହୁଥିବା ଦିଲୀପ ଘୋଷଙ୍କ ମଧ୍ୟରୁ କେହି ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଟିଏମସିର ପୂର୍ବତନ ସଦସ୍ୟ ଶୁଭେନ୍ଦୁ ଅଧିକାରୀ ବିଜେପିର ବେଙ୍ଗଲ ଚେହେରା ଭାବେ ସବୁଆଡ଼େ ପରିଚିତ। ସେ ଜଣେ ତୃଣମୂଳ ସ୍ତରର ନେତା। ମେଦିନାପୁରରେ ତାଙ୍କର ପ୍ରଭାବ ବେଶ ଅଧିକ ରହିଛି।୨୦୨୧ରେ ଶୁଭେନ୍ଦୁଙ୍କୁ ମମତା ନିଜେ ନନ୍ଦିଗ୍ରାମରେ ଟକ୍କର ଦେଇଥିଲେ। କିନ୍ତୁ ତାଙ୍କୁ ହାରିବାକୁ ପଡ଼ିଥିଲା। ଏଥିରୁ ଶୁଭେନ୍ଦୁଙ୍କ ଲୋକପ୍ରିୟତା ସ୍ପଷ୍ଟ ହେଉଛି। ଏବେ ସେ ବେଙ୍ଗଲ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ କାମ କରୁଛନ୍ତି।

## ରେକର୍ଡ ୯୦ ହଜାର ଭୋଟରେ ଜିତିଲେ ହିମନ୍ତ ବିଶ୍ୱଶର୍ମା

ଗୌହାଟୀ : ଆସାମରେ ବିଜେପି ହ୍ୟାଟ୍ରିକ ହାସଲ କରିଥିବା ବେଳେ ରେକର୍ଡ କରିଛନ୍ତି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ସେ ରେକର୍ଡ ଥର ପାଇଁ ନିଜର ପାରମ୍ପରିକ ଜାଲୁକବାରି ଆସନରୁ ବିଜୟ ଲାଭ କରିଛନ୍ତି। ସେ ୯୦ ହଜାର ଭୋଟ ବ୍ୟବଧାନରେ କଂଗ୍ରେସର ବିଦିଶା ନେଇଓଗଙ୍କୁ ହରାଇ ଦେଇଛନ୍ତି। ଏହି ଆସନ ପାଇଁ ମୋଟ ୨୨ ରାଉଣ୍ଡ ଭୋଟ ଗଣତି ହୋଇଥିଲା। ଆରମ୍ଭରୁ ହିଁ ହିମନ୍ତ ବିଶ୍ୱଶର୍ମା ଲିଡ କରୁଥିଲେ। ଶେଷରେ ସେ ୮୯,୪୩୪



ଖଣ୍ଡ ଭୋଟରେ ବିଦିଶାଙ୍କୁ ହରାଇଛନ୍ତି। ବିଶ୍ୱଶର୍ମା ୧,୨୭,୧୫୨ ଖଣ୍ଡ ଭୋଟ ପାଇଥିବା ବେଳେ ବିଦିଶାଙ୍କ ଭାଗରେ ପଡ଼ିଛି ୩୭,୭୧୭ ଖଣ୍ଡ ଭୋଟ। କ୍ରମାଗତ ୬ଷ୍ଠ ଥର ପାଇଁ ବିଶ୍ୱଶର୍ମା ଜାଲୁକବାରିଆସନରୁ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଆସାମର ୧୨୬ ବିଧାନସଭା ଆସନରୁ ବିଜେପିର ନେତୃତ୍ୱାଧୀନ ଏନଡିଏ ୧୦୧ଟି ଆସନ ଜିତିଥିବା ବେଳେ କଂଗ୍ରେସ ମେଣ୍ଟ ୨୨ଟି ଓ ଅନ୍ୟାନ୍ୟ ଦଳ ୩ଟି ଆସନ ପାଇଛନ୍ତି। ବିଜେପି ରାଜ୍ୟରେ ୯୦ଟି ସ୍ଥାନରେ ପ୍ରାର୍ଥୀ ଦେଇଥିଲା।

## ବାଜି ମାରିଲେ ଅଟୋ ଡ୍ରାଇଭର

ଚେନ୍ନାଇ : ତାମିଲନାଡୁରେ ବିଜୟଙ୍କ ଟିଭିକେ ୧୨ଟି ଆସନରେ ବିଜୟୀ ହୋଇସାରିଲାଣି। ଏହି ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଜଣେ ଅଟୋ ଡ୍ରାଇଭର। ତାଙ୍କ ନାଁ ବିଜୟ ଧାମୁ। ସେ ନର୍ଥ ଚେନ୍ନାଇର ରୋୟାପୁରମ ଆସନରୁ ବିଜୟୀ ହୋଇଛନ୍ତି। ସେ ଏଆଇଏଡିଏମକେର ଟାଣୁଆ ନେତା ତଥା ପୂର୍ବତନ ମନ୍ତ୍ରୀ ଡି. ଜୟ କୁମାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ଏହି ଆସନରେ ଲଢ଼ି ତୃତୀୟ ସ୍ଥାନରେ ରହିଛନ୍ତି ଡିଏମକେ ନେତା ସୁବୀର ଖାନ। ସେ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ରହମାନ ଖାନଙ୍କ ପୁଅ।

## ଉପନିର୍ବାଚନରେ ମଧ୍ୟ ଫୁଟିଲା ପଦ୍ମ

- ଗୁଜରାଟ, ମହାରାଷ୍ଟ୍ର, ନାଗାଲାଣ୍ଡ, ତ୍ରିପୁରାରେ ବିଜେପି ବିଜୟୀ
- ୭ରୁ ୫ଟି ଆସନରେ ବିଜେପିର ବିଜୟ
- ବାରାମତୀ ଆସନରେ ଜିତିଲେ ସୁନେତ୍ରା ଅଜିତ ପାୱାର
- କର୍ଣ୍ଣାଟକର ୨ଟି ଆସନରେ କଂଗ୍ରେସ ବିଜୟୀ

## ବେଙ୍ଗଲରେ ଝାଲମୁଢ଼ି ପ୍ରଭାବ

କୋଲକାତା: ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଝାଲମୁଢ଼ି (ରାଗ-ମସଲାଯୁକ୍ତ ମୁଢ଼ି) ଖିଆକୁ ନେଇ ରାଜନୀତି ସରଗରମ ହୋଇଥିଲା। ତୃଣମୂଳ ନେତ୍ରୀ ମମତା ବାନାର୍ଜୀ ଏହାକୁ ନାଟକବାଜି ବୋଲି କହିଥିଲେ। କିନ୍ତୁ ସେହି ଝାଲମୁଢ଼ି ଶେଷରେ ପ୍ରଭାବ ଦେଖାଇଛି। ସେହି ଅଞ୍ଚଳ ଝାଡ଼ଗ୍ରାମକୁ ବିଜେପି ଦଖଲ କରିନେଇଛି, ଯାହା ଏକଦା ତୃଣମୂଳର ଗଡ଼ ଥିଲା। ପରବର୍ତ୍ତୀ ଏକ ରାଲିରେ ପ୍ରଧାନମନ୍ତ୍ରୀ କହିଥିଲେ, ମୁଁ ଝାଲମୁଢ଼ି ଖାଇଥିଲି, କିନ୍ତୁ ଝାଲ (ରାଗ) ତୃଣମୂଳକୁ ଲାଗିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଝାଲମୁଢ଼ି ଖାଇଥିବା ଝାଡ଼ଗ୍ରାମ ଜିଲ୍ଲାର ଚାରୋଟି ବିଧାନସଭା ଆସନକୁ ବିଜେପି ସୁଇପ୍ କରିବାକୁ ଯାଉଛି।

## ଆସାମରେ ଟିଏମସି ପ୍ରାର୍ଥୀଙ୍କ ଅପ୍ରତ୍ୟାଶିତ ବିଜୟ



ଗୌହାଟୀ : ଆସାମରେ ବିଜେପିର ଝଡ଼ ଭିତରେ ଟିଏମସିକୁ ମିଳିଛି ଅପ୍ରତ୍ୟାଶିତ ବିଜୟ। ଟିଏମସର ଜଣେ ପ୍ରାର୍ଥୀ ମଣ୍ଡିଆ ନିର୍ବାଚନ ମଣ୍ଡଳୀରେ ବିଜୟ ହାସଲ କରିଛନ୍ତି। ଶେରାମାନ ଅଲୀ ଅହମଦ ଟିଏମସି ଟିକେଟରୁ ନିର୍ବାଚନରେ ଲଢୁଥିବା ବେଳେ ଦମଦାର ବିଜୟ ହାସଲ ପାଇଛନ୍ତି। ପଶ୍ଚିମ ଆସାମରେ ଅହମଦ ଜଣେ ପରିଚିତ ଚେହେରା। ସେ ୩ଥରର ବିଧାୟକ। ତାଙ୍କର ଲୋକପ୍ରିୟତା ମଧ୍ୟ ବେଶ ଅଧିକ। ୨୦୧୧ରେ ବାଘବାରରୁ ଏଆଇୟୁଡିଏଫର ନେତା ଭାବେ ଆସାମ ବିଧାନସଭାକୁ ଯାଇଥିଲେ। ୨୦୧୬ ଓ ୨୦୨୧ରେ ସେ କଂଗ୍ରେସ ଟିକେଟରେ ଜିତିଥିଲେ। ତେବେ ଦଳୀୟ ଶୃଙ୍ଖଳାକୁ ଉଲ୍ଲଙ୍ଘନ କରି କଂଗ୍ରେସରୁ ନିଲମ୍ବିତ ହୋଇଥିବା ଅହମଦ କ୍ରମାଗତ ଭାବେ ଦଳକୁ ସମାଲୋଚନା କରି ଚାଲିଥିଲେ।୨୦୨୬ ଫେବୃଆରୀ ମାସରେ ସେ କଂଗ୍ରେସ ସହଯୋଗୀ ରାଇଜୋର ଦଳରେ ମିଶିଥିଲେ। ତାଙ୍କୁ ଉପ ସଭାପତି ଭାବେ ମଧ୍ୟ ନିଯୁକ୍ତି ମିଳିଥିଲା। ଅହମଦଙ୍କୁ ଦଳ ମଣ୍ଡିଆ ଆସନରୁ ପ୍ରାର୍ଥୀ କରିଥିଲା। ହେଲେ ମାସକ ମଧ୍ୟରେ ସବୁ କିଛି ବଦଳି ଯାଇଥିଲା।କଂଗ୍ରେସ ସିଟ ଶେୟାରିଂ ଫର୍ମୁଲା ଅନୁସାରେ ମଣ୍ଡିଆରୁ ନିଜ ଇଚ୍ଛାରେ ପ୍ରାର୍ଥୀ ଦେଇଥିଲା। ଏଥିଯୋଗୁ ମଣ୍ଡିଆ ଆସରେ ଅହମଦଙ୍କୁ ଡ୍ରପ କରାଯାଇଥିଲା। ଏଥିରେ ସେ ଉତକ୍ଷିପ୍ତ ହୋଇଥିଲେ। ଏଥିପାଇଁ ଟିଏମସିରେ ଯୋଗ ଦେଇଥିଲେ। ଟିଏମସି ତାଙ୍କୁ ଟିକେଟ ଦେଇଥିଲା ଓ ଦଳର ଏକମାତ୍ର ପ୍ରାର୍ଥୀ ଭାବେ ସେ ବିଜୟୀ ମଧ୍ୟ ହୋଇଛନ୍ତି।

# କେରଳମ୍ରେ ୩ଟି ଆସନ ଜିତିଲା ବିଜେପି

ନୂଆଦିଲ୍ଲୀ : କେରଳମରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ କ୍ଲିନ୍ ସୁଇପ୍ କରିବାକୁ ଯାଉଥିବା ବେଳେ ୩ଟି ଆସନରେ ବିଜୟୀ ହୋଇଛନ୍ତି ବିଜେପି ପ୍ରାର୍ଥୀ। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର। ସେ ନେମୋମ ଆସନରୁ ବିଜୟୀ ହୋଇଛନ୍ତି। ତାଙ୍କୁ ୫୭ ହଜାର ୧୯୨ ଖଣ୍ଡ ଭୋଟ୍ ମିଳିଛି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇ (ଏମ୍)ର ଭି ଶିବନକୁଟ୍ଟୀଙ୍କୁ ୪ ହଜାର ୯୭୮ ଖଣ୍ଡ ଭୋଟ୍ରେ ପରାସ୍ତ କରିଛନ୍ତି। ଶିବନକୁଟ୍ଟୀ ୫୨ ହଜାର ୨୧୪ ଖଣ୍ଡ ଭୋଟ୍ ପାଇଛନ୍ତି। ଅନ୍ୟପକ୍ଷରେ ଏହି ଆସନରେ ପ୍ରାର୍ଥୀ ହୋଇଥିବର କଂଗ୍ରେସର ଯୁବନେତା ଏଡିଭି କେଏସ ସବରୀନାଧନଙ୍କୁ ୨୯ ହଜାର ୭୩୦ ଖଣ୍ଡ ଭୋଟ୍ ମିଳିଛି। କଝାକ୍କୁଟମ ଆସନରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭି ମୁରଲୀଧରନ ବିଜୟୀ



ହୋଇଛନ୍ତି। ସେ ୪୬ ହଜାର ୫୬୪ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ୍ର ୪୨୮ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇ (ଏମ୍)ର କେ. ସୁରେନ୍ଦ୍ରନ ୪୬ ହଜାର ୧୩୬ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ଚାତନ୍ନୁରରେ ବିଜେପି ପ୍ରାର୍ଥୀ ବି.ବି ଗୋପକୁମାର ବିଜୟୀ ହୋଇଛନ୍ତି। ସେ ୫୧ ହଜାର ୯୨୩ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪,୩୯୮ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇର ଏଡିଭି ଆର.ଆର ରାଜେନ୍ଦ୍ରନ ୪୭ ହଜାର ୫୨୫ ଖଣ୍ଡ ଭୋଟ୍ ମିଳିଛି।ଶେଷ ଖବର ଲେଖାଯିବା ସୁଦ୍ଧା କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୯୦ଟି ଆସନରେ ବିଜୟୀ ହୋଇଥିବା ବେଳେ ୮ଟିରେ ଆଗୁଆ ରହିଛି। ସିପିଆଇ (ଏମ୍) ନେତୃତ୍ୱାଧିନ ଏଲଡିଏଫ୍ ୩୨ଟି ଆସନ ଜିତିଥିବା ବେଳେ ୩ଟିରେ ଆଗୁଆ ରହିଛି। ବିଜେପି ୩ଟି ଆସନରେ ବିଜୟୀ ହୋଇତିବା ବେଳେ ଅନ୍ୟାନ୍ୟ ୨ଟି ଆସନରେ ବିଜୟୀ ହୋଇଛନ୍ତି। ଅନ୍ୟାନ୍ୟ ଦଳ ୨ଟି ଆସନରେ ଆଗୁଆ ମଧ୍ୟ ଅଛନ୍ତି। ଏହା ସହିତ ଗତ ୫୦ ବର୍ଷରେ ପ୍ରଥମ ଥର ପାଇଁ ଦେଶରେ କୌଣସି ରାଜ୍ୟରେ ବାମ ଦଳ ଶାସନରେ ରହିବ ନାହିଁ।

## ବିଜୟଙ୍କ ନିର୍ବାଚନ ପ୍ରତିଶ୍ରୁତି ଉପରେ ଫୋକସ୍



ଚେନ୍ନାଇ : ତାମିଲନାଡୁ ରାଜନୀତିରେ ପ୍ରଥମ ଥର ପ୍ରବେଶ କରିଥିବା ଟିଭିକେ ଏକକ ବୃହତ୍ତମ ଦଳ ହେବା ସହ ସରକାର ଗଠନ କରିବାକୁ ଯାଉଛି। ପ୍ରଥମ ନିର୍ବାଚନୀ ଏଣ୍ଟ୍ରିରେ ଏତେ ବଡ଼ ସଫଳତା ହାସଲ କରିଥିବା ବିଜୟଙ୍କ ଟିଭିକେର ନିର୍ବାଚନୀ ପ୍ରତିଶ୍ରୁତି ଉପରେ ଏବେ ସମସ୍ତଙ୍କ ନଜର। ବିଜୟ ତାଙ୍କ ନିର୍ବାଚନ ପ୍ରତିଶ୍ରୁତିରେ ମହିଳାଙ୍କ ବିବାହ ପାଇଁ ୮ ଗ୍ରାମ୍ ସୁନା ଦେବେ ବୋଲି ଘୋଷଣା କରିଥିଲେ । ସେ ଆର୍ଥିକ ଦୁର୍ବଳ ଶ୍ରେଣୀର ମହିଳାଙ୍କ ପାଇଁ ଏକ ଉତ୍ତମ ମାନର ଶାଢ଼ି ସହ ସୁନା ଦେବେ ବୋଲି ଘୋଷଣା କରିଥିଲେ।ଦଳ ୬୦ରୁ କମ୍ ବୟସର ମହିଳାଙ୍କ ପାଇଁ ମାସକୁ ୨୫୦୦ ଟଙ୍କା ଦେବ ବୋଲି ଘୋଷଣା କରିଥିଲା ଏବଂ ବାର୍ଷିକ ପ୍ରତି ପରିବାରକୁ ୬ଟି ମାଗଣା ଏଲପିଜି ସିଲିଣ୍ଡର ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏଥିସହ ମହିଳାଙ୍କ ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଦଳ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ଦେବେ ଘୋଷଣା କରିଥିଲେ। ଦଳ ନିର୍ବାଚନ ଜିତିଲେ ଏବଂ ଦୁର୍ନୀତି ମୁକ୍ତ ସରକାରର ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନୀ ଇସ୍ତାହାରରେ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ୍ ଗୁଡ଼ିକରେ ପାଠ ପଢୁଥିବା ପିଲାମାନଙ୍କ ମା' ଏବଂ ଅଭିଭାବକଙ୍କୁ ଦଳ ବାର୍ଷିକ ୧୫ ହଜାର ଟଙ୍କା ଦେବ ବୋଲି ପ୍ରସ୍ତାବ ଦେଇଥିଲା।

**ଆଇପିଏଲ ମହାସମର**

# ମୁମ୍ବାଇ ୬ ୱିକେଟରେ ବିଜୟୀ



ମୁମ୍ବାଇ : ଚଳିତ ଆଇପିଏଲ ମ୍ୟାଚରେ ଅତି ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ସୋମବାର ଲକ୍ଷ୍ନୌ ବିପକ୍ଷରେ ବିଜୟ ଲାଭ କରିଛି । ଲକ୍ଷ୍ନୌ ସୁପର ଜ୍ୟାଣ୍ଟସକୁ ୬ ୱିକେଟରେ ହରାଇ ମୁମ୍ବାଇ ଇଣ୍ଡିଆନ୍ସ ଏହି ବିଜୟ ଲାଭ କରିଛି । ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୨୮ ରନ କରିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ୮ ଟି ବଲ ବାକି ଥାଇ ୪ ୱିକେଟ ବିନିମୟରେ ୨୨୯ ରନ କରିଥିଲା । ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୭ତମ ମୁକାବିଲା ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଦିନ ହୋଇଥିଲା । ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୮ ରନ୍ କରିଥିଲା । ଏହି ମ୍ୟାଚ୍ ଜିତିବା ପାଇଁ ମୁମ୍ବାଇକୁ ୨୨୯ ରନର ଟାର୍ଗେଟ ଦେଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ରୋହିତ ଶର୍ମା ୮୪ ଓ ରିୟାନ ରିକେଲଟନ ୮୩ ରନ କରିଥିଲେ । ଲକ୍ଷ୍ନୌର ଇନିଂସରେ ନିକୋଲାସ ପୁରନ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ୬୩ ରନ୍ ସଂଗ୍ରହ କରିବାକୁ ୨୧ଟି ବଲର ସମ୍ମୁଖୀନ ହୋଇଥିଲେ । ଗୋଟିଏ ଚୌକା ଏବଂ ୮ଟି ଛକା ମାରିଥିଲେ । ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ୨୫ଟି ବଲ୍ ଖେଳି ୪୪ ରନ୍ ସଂଗ୍ରହ କରିଥିଲେ । ସେ ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ । ହିମ୍ମତ ସିଂହ ଅପରାଜିତ ୪୦ ରନ୍ କରିଥିଲେ । ସେ ୩୧ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ଐଡେନ ମାର୍କରାମ ୨୫ଟି ବଲ୍ ଖେଳି ୩୧ ରନ୍ ସଂଗ୍ରହ କରିଥିଲେ । ସେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ ।

## ଆଜିର ମ୍ୟାଚ

- ଦିଲ୍ଲୀ -ଚେନ୍ନାଇ
- ସ୍ଥାନ- ଦିଲ୍ଲୀ
- ସମୟ- ରାତି ୭.୩୦
- ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧୩ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ |
| ସନରାଇଜର୍ସ | ୧୦ | ୬ | ୪ | ୧୨ |
| ରାଜସ୍ଥାନ | ୧୦ | ୬ | ୪ | ୧୨ |
| ଗୁଜରାଟ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୯ | ୪ | ୫ | ୮ |
| ଦିଲ୍ଲୀ | ୯ | ୪ | ୫ | ୮ |
| କୋଲକାତା | ୯ | ୩ | ୫ | ୭ |
| ମୁମ୍ବାଇ | ୧୦ | ୩ | ୭ | ୬ |
| ଲକ୍ଷ୍ନୌ | ୯ | ୨ | ୭ | ୪ |

# ଲୋକପ୍ରିୟତା ହରାଉଛି ଆଇପିଏଲ

ନୂଆଦିଲ୍ଲୀ, ୪।୫(ଏଜେନ୍ସି) : ଆଇପିଏଲ ୨୦୨୬ ଧୀରେ ଧୀରେ ଶେଷ ପର୍ଯ୍ୟାୟକୁ ଯାଉଛି । ଏହାର ରୋମାଂଚ ବୃଦ୍ଧି ପାଇବାରେ ଲାଗିଛି । କେତେକ ରିପୋର୍ଟ ଅନୁସାରେ ଆଇପିଏଲର ଲୋକପ୍ରିୟତା କମୁଛି । ଏହାର ଟିଆରପି ମଧ କମିଛି । ଟିଏଏମ ସ୍ପୋର୍ଟ୍ସ ଓ ବାର୍କ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଡାଟା ଅନୁସାରେ ଆଇପିଏଲ ୨୦୨୬ର ଟିଆରପି ଓଭରାଲ ୧୮.୮ ପ୍ରତିଶତ କମ ରହିଛି । ଗତ ସଂସ୍କରଣ ତୁଳନାରେ ଏହା ୩.୭୧ କମ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାପନ ଦାତାଙ୍କ ଆଗ୍ରହ ମଧ କମିଛି । ଏଥିରେ ୩୧ ପ୍ରତିଶତର ହ୍ରାସ ଦେଖାଦେଇଛି । ପୂର୍ବରୁ ବିଜ୍ଞାପନଦାତାଙ୍କ ସଂଖ୍ୟା ଅତି କମରେ ୬୫ ରହୁଥିଲା । ଏବେ ଏହା ୪୫କୁ ଖସି ଆସିଛି । ଆଇପିଏଲ ୨୦୨୬ରେ ୨୪ ନୂଆ ବ୍ରାଣ୍ଡ ଯୋଡି ହୋଇଛନ୍ତି । ପୂର୍ବରୁ ୪୪ ବ୍ରାଣ୍ଡ ରହିଥିଲେ ।

# ମହିଳା ପୋଲ ଭୋଲ୍ଟରେ ଏଲାନଗୋଭାନଙ୍କ ରେକର୍ଡ

ଭୁବନେଶ୍ୱର, ୪।୫(ସବ୍ୟୁ) : ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିୟନସିପରେ ରବିବାର ମହିଳା ପୋଲ ଭୋଲ୍ଟରେ ବାରାନିକା ଏଲାନଗୋଭାନ ନୂତନ ରେକର୍ଡ ସ୍ଥାପନ କରିଛନ୍ତି । ତାମିଲନାଡୁର ଏହି ପୋଲ ଭୋଲ୍ଟର ୪.୨୩ ମିଟର ଦୂରତାକୁ ଥ୍ରୋ କରିଥିଲେ । ପୂର୍ବରୁ ୪.୨୨ ମିଟର ମାର୍କ ସହ ସେ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ । ଏବେ ସେ ନିଜ ରେକର୍ଡ ଭଙ୍ଗ କରିଛନ୍ତି । ଇଣ୍ଡୋର ଆଥଲେଟିକ୍ସରେ ମଧ ଏହା ନୂତନ ରେକର୍ଡ । ତାମିଲନାଡୁ ବଦଳରେ ସେ ଓଡିଶାରେ ଆସି ଅଭ୍ୟାସ କରିଥିଲେ । ହେପାଟାଥାଲନରେ ତ୍ରିଭେନ୍ଦ୍ରମର ତୌଫିକ ଏନ ୫୩୫୦ ପଏଟ ସହ ସ୍ୱର୍ଣ୍ଣ ପଦକ ଦୌଡରେ ଆଗରେ ରହିଛନ୍ତି । ପୁରୁଷ ୨୦ ବର୍ଷରୁ କମ ହେପାଟଥଲନରେ ତାମିଲନାଡୁର କିର୍ତିକ ଭାସନ ୪୬୦୯ ପଏଟ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ମହିଳା ପେଟାଂଥଲନରେ ଓଡିଶାର ପୂର୍ଣ୍ଣିମା ହେମ୍ବ୍ରମ(୩୮୩୫) ବିଜେତା ହୋଇଛନ୍ତି । ୨୦ ବର୍ଷରୁ କମ ମହିଳା ଫେଟାଥଲନରେ ଉତରାଖଣ୍ଡର ଯସ୍କିରନ କୌର ଟାଇଟଲ ହାସଲ କରିଛନ୍ତି ।

# ବାବରଙ୍କ ନେତୃତ୍ୱରେ ପିଏସଏଲ ଚାମ୍ପିଅନ

ଲାହୋର, ୪।୫(ଏଜେନ୍ସି) : ପ୍ରଥମ ଥର ପାଇଁ ପାକିସ୍ତାନୀ କ୍ରିକେଟର ବାବର ଆଜମଙ୍କ ନେତୃତ୍ୱାଧୀନ ଏକ ଦଳ ପିଏସ୍ଏଲ୍ ଚାମ୍ପିଅନ ହୋଇଛି । ଲାହୋରସ୍ଥିତ ଗଦାଫି ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଫାଇନାଲ୍ ମ୍ୟାଚରେ ହାଇଦ୍ରାବାଦ କିଙ୍ଗସମ୍ୟାନକୁ ୫ ୱିକେଟରେ ପରାସ୍ତ କରିଛି ବାବରଙ୍କ ନେତୃତ୍ୱାଧୀନ ପେଶାୱର ଜାଲମୀ । ଏହି ମ୍ୟାଚରେ ବାବର ଖାତା ଖୋଲିପାରିନଥିଲେ ବି ତାଙ୍କ ଦଳ ବିଜୟୀ ହୋଇଥିଲା ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଥିବା ପେଶାୱର ୧୮ ଓଭରରେ ୧୨୯ ରନ୍ କରି ଅଲ୍ଆଉଟ୍ ହୋଇଯାଇଥିଲା । ଏହି ଲକ୍ଷ୍ୟକୁ ପେଶାୱର ଆରନ୍ ହାର୍ଡିଙ୍କ ଅର୍ଦ୍ଧଶତକ ଓ ଅବ୍ଦୁଲ ସମଦଙ୍କ ୪୮ ରନ୍ ବଳରେ ୧୫.୨ ଓଭରରେ ୫ ୱିକେଟ ହରାଇ ହାସଲ କରିନେଇଥିଲା ।



ତେବେ ବ୍ୟକ୍ତିଗତ ଭାବେ ବାବର ଏକ ପିଏସଏଲ୍ କୀର୍ତ୍ତିମାନରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି । ମାତ୍ର ୧ ରନ୍ କରିଥିଲେ ସେ ଗୋଟିଏ ପିଏସଏଲ୍ ଋତୁରେ ସର୍ବାଧିକ ରନ୍ ସ୍କୋର କରିବାର ରେକର୍ଡ ନିଜ ନାଁରେ କରିଥାନ୍ତେ । ଫକର୍ ଜମାନ ୨୦୨୨ରେ ଲାହୋର୍ କଲନ୍ଦର୍ ପାଇଁ ଖେଳି ୫୮୮ ରନ୍ କରିଥିଲେ । ବାବର ମଧ ଚଳିତ ଋତୁରେ ୫୮୮ ରନ୍ କରିଛନ୍ତି ।

## ଅଲ୍ ଓଡିଶା ଓପନ୍ ଯୋଗ ଚମ୍ପିଆନ୍ସିପ୍ : କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା: ୪।୫(ସବ୍ୟୁ) : ଅଲ୍ ଓଡିଶା ଓପନ୍ ଯୋଗ ଚମ୍ପିଆନ୍ସିପ୍‌ରେ କେନ୍ଦ୍ରାପଡାର ୩ଜଣ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ଗୋଲ୍ଡ ମେଡାଲ୍ ପାଇ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାର୍ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଯୋଗ ସମ୍ପାଦକ ସଂଜୟ କୁମାର ମଥାନ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଦେବା ସହ ସମ୍ବର୍ଦ୍ଧନା ଜଣାଇଛନ୍ତି । ଗତ ୩ ତାରିଖ ଆଇ.ଆଇ.ଟି ସ୍ପୋର୍ଟ ଆସୋସିଏସନ୍ ଆୟୋଜନରେ ଖୋର୍ଦ୍ଧା କେଟି ଗ୍ଲୋବାଲ୍ ଇସ୍କୁଲ୍ ପରିସରରେ ଅଲ୍ ଓଡିଶା ଓପନ୍ ଯୋଗ ଚମ୍ପିଆନ୍ସିପ୍ ଅନୁଷ୍ଠିତ ହୋଇଥିଲା ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ : ଏନଏସି ଚାନ୍ଦବାଲି ଚାମ୍ପିଅନ

ରାଜକନିକା, ୪/୫ (ସବ୍ୟୁ) : ରାଜକନିକା ବ୍ଲକ ବାଘବୁଦା ସତ୍ୟନାରାୟଣ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆରେ ଚାଲିଥିବା ଚାମ୍ପିଅନ ଟ୍ରଫି ଦିବାରାତ୍ରି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ।୮ ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଖେଳ ପଦନପୁର ଫୁଟବଲ ଟିମ ଆଳି ବନାମ ଏନଏସି ଚାନ୍ଦବାଲି ମଧ୍ୟରେ ହୋଇଥିଲା।ଏଥିରେ ଚାନ୍ଦବାଲି, ଆଳି କୁ ୨-୦ ଗୋଲ ରେ ପରାସ୍ତ କରି ଚାମ୍ପିଅନ ହୋଇଛି।,କ୍ରୀଡା ଶିକ୍ଷକ ଶରତ କୁମାର ଜେନାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ରାଜକନିକାର ଯୁବ ସାମ୍ବାଦିକ ଅଜୟ କୁମାର ରାଉତ, ଚାନ୍ଦବାଲି ବ୍ଲକ ସିଆରସିସି କାମାକ୍ଷା ପ୍ରସାଦ ପାତ୍ର,କ୍ରୀଡା ସଂଗଠକ ଶୁକ ଦେବ ମଲ୍ଲିକ,କାମଦେବ ଜେନା, ବସନ୍ତ ସ୍ୱାଇଁ, ପ୍ରହଲ୍ଲାଦ ଜେନା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।ଏହି ଖେଳକୁ ଅତିଥି ଭାବେ ସମାଜସେବୀ ନିରୋଦ ଜେନା ଓ ଭରତ ମହାପାତ୍ର ଯୋଗଦେଇ ଉଦଘାଟନ କରିଥିଲେ।ତମାମ ଖେଳକୁ ରେଫ୍ରି ଭାବେ ସଞ୍ଜୟ ନାୟକ, ପ୍ରଭାତ ଜେନା, ସତ୍ୟବ୍ରତ ଜେନା,ସୀତାଂଶୁ ନାୟକ,ଏସ କେୟାସିର ପରିଚାଳନା କରିଥିଲେ।

# ମୁହଁ ଖୋଲିଲେ ଅଲିମ୍ପିଆନ ଭିନେଶ ଫୋଗଟ

ନୂଆଦିଲ୍ଲୀ, ୪।୫(ଏଜେନ୍ସି) : ପୁଣି ଫେରିଛି ବ୍ରିଜଭୂଷଣ ସିଂହ ଓ ଭିନେଶ ଫୋଗଟ ବିବାଦ । ଶେଷରେ ମୁହଁ ଖୋଲିଛନ୍ତି ଅଲିମ୍ପିଆନ୍ ଭିନେଶ ଫୋଗଟ । ବ୍ରିଜଭୂଷଣଙ୍କ ନାମରେ ୨୦୨୩ ମସିହା ପ୍ରାରମ୍ଭରେ ୬ ଜଣ ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଥିଲେ । ଏହି ମାମଲା ଏବେ ଆଦାଲତରେ ବିଚାରାଧୀନ ରହିଛି । ଭିନେଶ ଫୋଗଟ କିନ୍ତୁ ଖୋଲାଖୋଲି କହିଛନ୍ତି 'ପୀଡ଼ିତା ୬ ଜଣଙ୍କ ମଧ୍ୟରୁ ମୁଁ ଜଣେ । ମହିଳାଙ୍କ ସମ୍ମାନ ଯୋଡ଼ି ହୋଇଥିବାରୁ ପୀଡ଼ିତାଙ୍କ ନାମ ଘୋଷଣା କରାଯିବା ଉପରେ ଉଚ୍ଚତମ ନ୍ୟାୟାଳୟଙ୍କ କଟକଣା ରହିଛି । କିନ୍ତୁ ପରିସ୍ଥିତି ଏଭଳି ହୋଇଛି ଯେ ମୋତେ ଖୋଲାଖୋଲି କହିବାକୁ ପଡୁଛି ।" ଏକ ଭିଡିଓ ବାର୍ତ୍ତା ଜାରି କରି ଭିନେଶ କହିଛନ୍ତି 'ମାମଲା ଅଦାଲତାରେ ଥିବାରୁ ମୁଁ ନିରବ ରହିଥିଲି । କିନ୍ତୁ ପରିସ୍ଥିତି ଭିନ୍ନ ହେବାରୁ ମୁଁ ମୁହଁ ଖୋଲୁଛି । ଦୀର୍ଘ ୧୮ ମାସ ପରେ ମୁଁ କୁସ୍ତିକୁ ଫେରିବାକୁ ଯାଉଛି । ଉତ୍ତରପ୍ରଦେଶର ଗୋଣ୍ଡାଠାରେ ହେବାକୁ ଥିବା ଜାତୀୟ ମାନ୍ୟତା ପ୍ରତିଯୋଗିତା ଏବଂ ଟ୍ରାଏଲ୍ସର ପାତର ଅନ୍ତର କରାଯିବା ନିଶ୍ଚିତ । ଏହା ବ୍ରିଭଜୂଷଣଙ୍କ କଲେଜ ପରିସର ହୋଇଥିବାରୁ ଅଫିସିଆଲ୍ମାନେ ଯାହା ଇଚ୍ଛା କରିବେ । ପ୍ରତିଯୋଗିତା ପରିଚାଳନାରେ ସ୍ୱଚ୍ଛତାକୁ ନେଇ ଫୋଗଟ ପ୍ରଶ୍ନ କରିଛନ୍ତି । "କିଛି ଅଘଟଣ ଘଟିଲେ ଭାରତ ସରକାର ଦାୟୀ ରହିବେ । ମୁଁ କାହାରିଠାରୁ ଅନୁକମ୍ପା ଆଶା କରୁନାହୁଁ । ପ୍ରତିଯୋଗିତା ଯେଉଁଠି ହେଉଛି ସେଠାରେ ସ୍ୱଚ୍ଛତା ଆଶା କରାଯାଇପାରିବ ନାହିଁ । କାରଣ ସେଠାରେ ବ୍ରିଜଭୂଷଣଙ୍କ ପ୍ରଭାବ ରହିଛି । ପରିବେଶ ଏଭଳି ରହିଛି ଯେ, ମୁଁ ମଧ ନିଜର ୧୦୦ ପ୍ରତିଶତ ଦେବା ନେଇ ସନ୍ଦେହ ରହୁଛି । କାରଣ ସେଠାରେ ବ୍ରିଜଭୂଷଣ ମ୍ୟାଟ୍ ଅଧ୍ୟକ୍ଷ ଭଳି ହାଜର ରହିବେ ।" ଭିନେଶ ମଧ ଦେଶ ପାଇଁ ପୁଣି ପଦକ ଜିତିବାକୁ ଆଗ୍ରହୀ ଅଛନ୍ତି । "ମୁଁ କୌଣସି ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁନାହିଁ । ମ୍ୟାଟ୍ ଉପରେ କଠିନ ପରିଶ୍ରମ କରୁଥିବା ଖେଳାଳିଙ୍କ ପ୍ରଦର୍ଶନ ଫଳାଫଳରେ ପ୍ରତିଫଳିତ ହେଉ' ବୋଲି ଭିନେଶ ପ୍ରକାଶ କରିଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସରେ ଭିନେଶ ମାତ୍ରାଧିକ ଓଜନ ପାଇଁ ଅଯୋଗ୍ୟ ଘୋଷିତ



ହେବାରୁ ଅନ୍ୟୂନ ରୌପ୍ୟ ପଦକରୁ ବଞ୍ଚିତ ହୋଇଥିଲେ । ଏହାକୁ ନେଇ ନାଟକୀୟ ପରିସ୍ଥିତି ଦେଖିବାକୁ ମିଳିବା ପରେ ଭିନେଶ ଷଡ଼ଯନ୍ତ୍ର ଅଭିଯୋଗ ଆଣିଥିଲେ । ଏହା ପରେ ଭିନେଶ ଅବସର ଘୋଷଣା କରିଥିଲେ ମଧ ଏବେ ପ୍ରତ୍ୟାବର୍ତନ ପ୍ରୟାସରେ ରହିଛନ୍ତି । ସୂଚନାଯୋଗ୍ୟ, ଭାରତୀୟ କୁସ୍ତି ସଂଘର ସଭାପତି ବ୍ରିଜଭୂଷଣ ସିଂହ ୬ ଥର ସାଂସଦ ଥିଲେ । ଏହି ବିବାଦ ପରେ ଉଭୟ ପଦ ସେ ହରାଇଥିଲେ । ଗତ ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ଟିକେଟ୍ ଦେଇନଥିଲା ।

# ରାଜ୍ୟ ଉପକନିଷ୍ଠ ବାଳକ ହକି : ଆରଏସପି ବିଜେତା

ରାଉରକେଲା, ୪।୫(ସବ୍ୟୁ) : ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଉପକନିଷ୍ଠ ବାଳକ ହକି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଚାମ୍ପିଅନ ହୋଇଛି । ଆର୍ଏସ୍ପି ୨-୦ ଗୋଲରେ ସୁନ୍ଦରଗଡ଼କୁ ପରାସ୍ତ କରିଛି । ସେହିଭଳି ଗାଙ୍ଗପୁର ହକି ଆସୋସିଏସନକୁ ସିଧାସଳଖ ୫-୦ ଗୋଲରେ ପରାସ୍ତକରି ଢେଙ୍କାନାଳ ତୃତୀୟ ସ୍ଥାନରେ ରହିଛି ।

ରବିବାର ସନ୍ଧ୍ୟାରେ ଆରଏସପି ଓ ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ କ୍ୱାର୍ଟରରେ ଉଭୟ ଦଳର ଖେଳାଳି ଜୋର୍ଦାର ପ୍ରୟାସ କରିଥିଲେ ମଧ ଗୋଲ୍ଶୂନ୍ୟ ରହିଥିଲା । ତେବେ ୨୬ତମ ମିନିଟ୍ରେ ଆରଏସପିକୁ ଏକ ପେନାଲ୍ଟି କର୍ଣ୍ଣର୍ ସୁଯୋଗ ମିଳିଥିଲା । ଏହାକୁ ଅଧିନାୟକ ଲାଜରୁସ ଧନୱାର ହାତଛଡ଼ା ନ କରି ଗୋଲରେ ପରିଣତକରି ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ ।




୩୯ତମ ମିନିଟରେ ସୁମନ କିଣ୍ଡୋ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନକୁ ୨-୦ ଗୋଲକୁ ପହଞ୍ଚାଇଥିଲେ । ଶେଷ କ୍ୱାର୍ଟରରେ ସୁନ୍ଦରଗଡ଼ ପ୍ରତ୍ୟାବର୍ତ୍ତନ ପ୍ରୟାସ କରିଥିଲେ ମଧ ତାହା ବିଫଳ ହେବାରୁ ପରାଜୟ ଭୋଗିଥିଲା । ଅଜିତ ଏକ୍କା ଓ ଅଭିଷେକ ପ୍ରଶାନ୍ତ ତିର୍କି ମ୍ୟାଚ୍ ପରିଚାଳନା କରିଥିବାବେଳେ ଆୟୁଷ ସ', ଭୂଷଣ ଲୁଗୁନ ସହଯୋଗ କରିଥିଲେ ।

ସୁନ୍ଦରଗଡ଼ର ସନ୍ଦୀପ କେର୍କେଟା ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି, ଆରଏସପିର ଲାଜରୁସ ଧନୱାର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ସାରୋନ ହେମ୍ବ୍ରମ୍ (ସୁନ୍ଦରଗଡ଼) ଶ୍ରେଷ୍ଠ ଡିଫେଣ୍ଡର, ରୋହିତ ଓରାମ (ଢେଙ୍କାନାଳ) ଶ୍ରେଷ୍ଠ ମିଡଫିଲ୍ଡର, ସୁମନ କିଣ୍ଡୋ (ଆରଏସପି) ଶ୍ରେଷ୍ଠ ଫରୱାର୍ଡ୍, ଆଦିତ୍ୟ ଗୌଡ଼ (ଆରଏସପି) ଶ୍ରେଷ୍ଠ ଗୋଲ କିପର ଭାବେ ପୁରସ୍କୃତ ହୋଇଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ଆରଏସପିର ସିଜିଏମ୍ ଟି.ଜି. କାନେକର, ଏନ୍ଆଇଟିର ପ୍ରଫେସର ରାଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ବରିଷ୍ଠ କୋଚ୍ କାଳୁଚରଣ ଚୌଧୁରୀ, ହକି ଓଡ଼ିଶା ନିର୍ଦ୍ଦେଶକ ବି.ଜେ. କାରିଆପ୍ପା, ହକି ଓଡ଼ିଶା ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ହୃଦୟ ଜିତିଲେ ହିଟମ୍ୟାନ୍

ମୁମ୍ବାଇ, ୪।୫(ଏଜେନ୍ସି) : ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସର ଅଭିଯାନ ଏଥର ସଙ୍କଟ ଦେଇ ଗତି କରୁଛି । ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ବି, ଦଳର ପୂର୍ବତନ ଅଧିନାୟକ ତଥା ବରିଷ୍ଠ ବ୍ୟାଟର ରୋହିତ ଶର୍ମା ନିଜର ବ୍ୟବହାର ଦ୍ୱାରା ପୁଣିଥରେ କୋଟି କୋଟି ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି । ସେ ପ୍ରମାଣ କରିଛନ୍ତି ଯେ, ଜଣେ ଖେଳାଳିର ପ୍ରକୃତ ମହାନତା କେବଳ ପଡ଼ିଆ ଭିତରେ ରନ୍ ସଂଗ୍ରହ କରିବାରେ ନଥାଏ, ବରଂ ତାଙ୍କର ମାନବିକତା ଓ ସମ୍ବେଦନଶୀଳତାରେ ଥାଏ ।



ହାମଷ୍ଟ୍ରିଙ୍ଗ ଆଘାତ ଯୋଗୁଁ ରୋହିତ ଶର୍ମା ଏବେ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି । ତଥାପି ଦଳ ପ୍ରତି ଥିବା ତାଙ୍କର ନିଷ୍ଠା ତାଙ୍କୁ ବିଶ୍ରାମ ନେବାକୁ ଦେଉନାହିଁ । ରବିବାର ଦିନ ମୁମ୍ବାଇ ଇଣ୍ଡିଆନ୍ସର ଏକ ପ୍ରାକ୍ଟିସ୍ ସେସନ୍ ଥିଲା । ଯେତେବେଳେ ଦଳର ଅଧିକାଂଶ ଖେଳାଳି ବିଶ୍ରାମ କରୁଥିଲେ, ରୋହିତ ନିଜର ଫିଟନେସ୍ ଫେରି ପାଇବା ପାଇଁ ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରୁଥିଲେ । ଅଭ୍ୟାସ ସମୟରେ ରୋହିତଙ୍କ ଏକ ଶକ୍ତିଶାଳୀ ସଟ୍ ସେଠାରେ କାମ କରୁଥିବା ୨୭ ବର୍ଷୀୟ ଗ୍ରାଉଣ୍ଡସମ୍ୟାନ୍ ସିବନ ବିଶ୍ୱାସଙ୍କ ଆଣ୍ଠୁରେ ସିଧାସଳଖ ବାଜିଥିଲା । ଆଘାତ ଏତେ ଜୋରଦାର ଥିଲା ଯେ ସିବନ ଯନ୍ତ୍ରଣାରେ ଚିତ୍କାର କରି ଉଠିଥିଲେ । ଏହା ଦେଖି ରୋହିତ ଶର୍ମା ନିଜ ବ୍ୟାଟିଂ ଛାଡ଼ି ତୁରନ୍ତ ତାଙ୍କ ପାଖକୁ ଦୌଡ଼ି ଯାଇଥିଲେ । ସିବନ ବିଶ୍ୱାସ ମିଡ୍-ଡେ'କୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, "ରୋହିତ ସାର୍ ତୁରନ୍ତ ମୋ ପାଖକୁ ଆସିଲେ ଏବଂ ମୋ ଆଘାତ ବିଷୟରେ ପଚାରି ବୁଝିଲେ । ମୁଁ ତାଙ୍କୁ ଅଭ୍ୟାସ ଜାରି ରଖିବାକୁ କହିଲି, କିନ୍ତୁ ସେ ମୋତେ ସେମିତି ଛାଡ଼ି ଗଲେ ନାହିଁ । ସେ ନିଜେ ଆଇସ୍ ପ୍ୟାକ୍ ଧରି ଆସିଲେ ଏବଂ ମୋ ପାଇଁ ଔଷଧ ଓ ସ୍ପ୍ରେ'ର ବ୍ୟବସ୍ଥା ମଧ କଲେ ।" ଯନ୍ତ୍ରଣା ସତ୍ତ୍ୱେ ରୋହିତଙ୍କ ଏହି ସହୃଦୟତା ସିବନଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିଗଲା ।


**ସୂଚନା**

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


## ମୁଖ୍ୟମନ୍ତ୍ରୀ କପ୍-୨.୦ର ଭବ୍ୟ ଉଦଯାପନୀ ସମାରୋହ

# ବାଲେଶ୍ୱର ଏଫ୍‌ସି, ତେଲିପାଳ ଏସଏସଡିଏଫ୍‌ସି ଚାମ୍ପିଅନ

ବାଲେଶ୍ୱର, ୪।୫(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂଘ, ବାଲେଶ୍ୱର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁକ୍ତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଷ୍ଠିତ ମୁଖ୍ୟମନ୍ତ୍ରୀ କପ୍-୨.୦ କ୍ରୀଡ଼ା ମହୋତ୍ସବର ଉଦଯାପନୀ ସମାରୋହ ଆଜି ଭବ୍ୟ ଭାବେ ଆୟୋଜିତ ହୋଇ ସଫଳତାର ସହ ସମାପ୍ତ ହୋଇଛି । ଗତ ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଖୋ-ଖୋ, ଭଲିବଲ୍, କବାଡି ଓ ଫୁଟବଲ୍ ଇତ୍ୟାଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥିଲା । ଆଜିର ଉଦଯାପନୀ ଅବସରରେ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାଳକ ଓ ବାଳିକା



ଉଭୟ ବିଭାଗରେ ଖେଳାଳିମାନେ ଉତ୍କୃଷ୍ଟ କ୍ରୀଡ଼ା କୌଶଳର ପ୍ରଦର୍ଶନ କରିଥିଲେ । ବାଳକ ବିଭାଗରେ ବାଲେଶ୍ୱର ଏଫ୍.ସି ଚାମ୍ପିୟନ ହୋଇଥିବାବେଳେ ତେଲିପାଳ ଏସ.ଏସ.ଡି ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି । ବାଳିକା ବିଭାଗରେ ତେଲିପାଳ ଏସ.ଏସ.ଡି ଏଫ୍.ସି ଚାମ୍ପିୟନ ହୋଇଥିବାବେଳେ ଝାଡ଼େଶ୍ୱର ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି । ଉଦଯାପନୀ ଉତ୍ସବରେ ବାଲେଶ୍ୱର ସଦର ବି.ଡି.ଓ ଉତ୍ତମ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳମାନଙ୍କୁ ଟ୍ରଫି ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ସହକାରୀ ଜିଲ୍ଲାପାଳ ଅମ୍ଲାନ ନାୟକ ଓ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ତଥା ଓଡ଼ିଶା ଫୁଟବଲ୍ ସଂଘର ଉପ ସଭାପତି ପଦ୍ମଲୋଚନ ଲେଙ୍କା ଉପସ୍ଥିତ ଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ । ଏହା ସହିତ ଉଲ୍ଲେଖନୀୟ ଯେ, ଗତ ଏପ୍ରିଲ ୧୫ ତାରିଖରେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ସଦର ମାନସ କୁମାର ଦତ୍ତ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଦ୍ୱାରା ଏହି କ୍ରୀଡ଼ା ମହୋତ୍ସବର ଶୁଭ ଉଦ୍‌ଘାଟନ କରାଯାଇଥିଲା । ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, "ମୁଖ୍ୟମନ୍ତ୍ରୀ କପ୍-୨.୦' ଜିଲ୍ଲାର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଏକ ସୁଯୋଗ ସୂଚକ ମଂଚ ପ୍ରଦାନ କରୁଛି, ଯାହା ଆଗାମୀଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ଅର୍ଜନରେ ସହାୟକ ହେବ ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି